ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

visit us at
www.paryabekhyak.com

FIND US ON
facebook.com/paryabekhyak

FOLLOW US
ON TWITTER
twitter.com/paryabekhyak

Vol.25 . No.125 Bhubaneswar Wednesday June 29 2022 ୨୫ତମ ବର୍ଷ ସଂଖ୍ୟା-୧୨୫ ଭୁବନେଶ୍ୱର ବୁଧବାର, ଜୁନ ୨୯, ୨୦୨୨ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) Member-INS

## ଟେଲରଙ୍କୁ ମୁଣ୍ଡ କାଟି ହତ୍ୟା ଘଟଣା: ତଦନ୍ତ କରିବ ଏନଆଇଏ, ମାସକ ପାଇଁ ଭିଡ ମନା

ଉଦୟପୁର,୨୮।୬(ପି.ଏନ): ରାଜସ୍ଥାନର ଉଦୟପୁରରେ ଜଣେ ଟେଲରଙ୍କୁ ତାଙ୍କ ଦୋକାନ ଭିତରେ ମୁଣ୍ଡ କାଟି ଅତ୍ୟନ୍ତ ବୀଭତ୍ସ ଭାବେ ହତ୍ୟା କରିବା ଘଟଣାକୁ ନେଇ ବିବାଦ ବଢ଼ିବାରେ ଲାଗିଛି। ଆକ୍ରମଣକାରୀମାନେ ଟେଲର କହ୍ନୈୟା ଲାଲଙ୍କୁ ହତ୍ୟା କରିବା ପରେ ଭିଡିଓ ଜାରି କରିଛନ୍ତି। ଏଥିରେ ସେମାନେ ହତ୍ୟା କରିଥିବା ସ୍ୱୀକାର କରିବା ସହ ଏହା ପଛର କାରଣ ସମ୍ପର୍କରେ ଖୁଲାସା କରିଛନ୍ତି। ଏଥିସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ମଧ୍ୟ ଧମକ ଦେଇଛନ୍ତି।ଏବେ ଏହି ଲୋମହର୍ଷଣକାରୀ ଘଟଣାକୁ ଆତଙ୍କବାଦ କାର୍ଯ୍ୟକଳାପ ଭାବେ ବିଚାର କରାଯାଉଛି। ଏହାର ତଦନ୍ତ ଜାତୀୟ ତଦନ୍ତକାରୀ ସଂସ୍ଥା(ଏନଆଇଏ) କରିବ। ଏଥିପାଇଁ ଦିଲ୍ଲୀରୁ ଏନଆଇଏର ଗୋଟିଏ ଟିମ୍ ଉଦୟପୁର ଅଭିମୁଖେ ବାହାରିଥିବା ଜଣାପଡିଛି।ହତ୍ୟାକାଣ୍ଡକୁ ସ୍ୱୀକାର କରି ଭିଡିଓ ଜାରି କରିଥିବା ଗସ ମହମ୍ମଦ ଓ ମହମ୍ମଦ ରିୟାଜ ଅନସାରୀକୁ ପୁଲିସ୍ ଗିରଫ କରିଛି। ଉଭୟ ହତ୍ୟାରେ ବ୍ୟବହାର କରିଥିବା ଚାପଡକୁ ଦେଖାଇ କହ୍ନୈୟା ଲାଲଙ୍କ ମୁଣ୍ଡ କାଟି ଦେଇଥିବା କଥା ଭିଡିଓରେ କହିଥିଲେ। ସେମାନଙ୍କୁ ପୁଲିସ୍ ? ଗିରଫ କରିବା





ପରେ କଡା ସୁରକ୍ଷା ବଳୟ ମଧ୍ୟରେ ରଖିଛି।ଏହି ଘଟଣାକୁ ନେଇ ଉଦୟପୁରର ବିଭିନ୍ନ ସ୍ଥାନରେ ବିକ୍ଷୋଭ ସହ ନାରାବାଜୀ ହୋଇଛି। ସ୍ଥିତିକୁ ଦୃଷ୍ଟି ପ୍ରଶାସନ ପକ୍ଷରୁ ଏକାଧିକ ସ୍ଥାନରେ କର୍ଫ୍ୟୁ ଲାଗୁ କରାଯାଇଛି। ସେହିପରି ଲୋକଙ୍କୁ ଏକାଠି ହେବାକୁ ବାରଣ କରାଯାଇଛି। ମାସେ ଯାଏ ଗୋଟିଏ ସ୍ଥାନରେ ଲୋକମାନେ ଏକାଠି ଭିଡ କରିପାରିବେ ନାହିଁ। ଅର୍ଥାତ ମାସେ ଯାଏ କେହି ବି ଉଦୟପୁରରେ ବିକ୍ଷୋଭ କିମ୍ବା ସମାବେଶ କରିପାରିବେ ନାହିଁ।ଏହାବାଦ ୨୪ ଘଣ୍ଟା ପାଇଁ ଇଣ୍ଟରନେଟ ସେବାକୁ ବନ୍ଦ କରି ଦିଆଯାଇଛି। ବିଭିନ୍ନ ସ୍ଥାନରେ ବିପୁଳ ସଂଖ୍ୟାରେ ସୁରକ୍ଷାକର୍ମୀଙ୍କୁ ମୁତୟନ କାରାଯାଇଛି। ତଥାପି ଅନେକ ସ୍ଥାନରେ ଚାପା ଉତ୍ତେଜନା ଦେଖିବାକୁ ମିଳିଛି। ହିନ୍ଦୁ ପକ୍ଷର ଲୋକମାନେ ଦୋକାନ ବଜାର ବନ୍ଦ କରିବା ସହ କହ୍ନୈୟା ଲାଲଙ୍କ ମୃତ୍ୟୁର ପ୍ରତିବାଦ କରିଛନ୍ତି।ରାହୁଲ ଗାନ୍ଧି, ପ୍ରିୟଙ୍କା ଗାନ୍ଧି ଭଦ୍ରା, ଅସାଦୁଦ୍ଦିନ ଓୱେସୀ ଘଟଣାକୁ ନିନ୍ଦା କରିଛନ୍ତି। ଏଥିସହ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ସହ ସମସ୍ତଙ୍କୁ ଶାନ୍ତି ପ୍ରତିଷ୍ଠା ପାଇଁ ନିବେଦନ କରିଛନ୍ତି।

## ହାତୀ କଙ୍କାଳ ମିଳିବା ଘଟଣା : ଫରେଷ୍ଟରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ

ଭୁବନେଶ୍ୱର, ୨୮।୬(ପି.ଏନ): କାଲି ଏସଆଇଟି ଉପସ୍ଥିତିରେ ବଡ଼ମ୍ବା ରେଞ୍ଜରୁ ଆଉ ଏକ ହାତୀ କଙ୍କାଳ ମିଳିଛି। ଆଜି ଯାଏ ମିଳିଥିବା ସବୁ ହାତୀ କଙ୍କାଳ ଗୋଟିଏ ସେକ୍ସନରୁ ମିଳିଛି। ଘଟଣାରେ ସମ୍ପୃକ୍ତ ଫେରାର ୨ ଫରେଷ୍ଟରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି ବୋଲି କହିଛନ୍ତି ପିସିସିଏଫ ଶଶୀ ପଲ୍।ସେ କହିଛନ୍ତି ବଡମ୍ବା ରେଞ୍ଜର ଗୋଟିଏ ସେକ୍ସନରୁ ସବୁ ହାତୀ କଙ୍କାଳ ମିଳିଛି। ଘଟଣା ପରେ ୨ ଜଣ ଫରେଷ୍ଟର ଫେରାର ଅଛନ୍ତି। ସୋମବାର ଉଚ୍ଚସ୍ତରୀୟ ତଦନ୍ତ କମିଟି ଉପସ୍ଥିତିରେ ଆଉ ଗୋଟିଏ ହାତୀର କଙ୍କାଳ ମିଳିଛି। ହାତୀର ମୃତଦେହ ଲୁଚାଇବାରେ ଫରେଷ୍ଟରମାନଙ୍କ ସମ୍ପୃକ୍ତି ରହିଥିବା ସୂଚନା ମିଳିଛି। ହାତୀ ମୃତ୍ୟୁରେ ସେମାନଙ୍କର କ'ଣ ଭୂମିକା ରହିଛି, ତାହା ଏସଆଇଟି ତଦନ୍ତରୁ ସ୍ପଷ୍ଟ ହେବ। ରାଜ୍ୟରେ ଯେତିକି ବି ହାତୀ କଙ୍କାଳ ଉଦ୍ଧାର ହେବ, ଏସଆଇଟି ସବୁ ଘଟଣାର ତଦନ୍ତ କରିବ। ଏହି ଟିମ୍ ରେ ଜଣେ ବିଶେଷଜ୍ଞ ସଦସ୍ୟ ରହିଛନ୍ତି, ଯିଏକି ହାତୀ କଙ୍କାଳର ନମୂନାରୁ କେବେ ଘଟଣା ଘଟିଛି ତାହା ଆକଳନ କରିବେ। ତାଙ୍କ ଆକଳନ ଆଧାରରେ ଯେଉଁ ଡିଏଫଓଙ୍କ ସମୟରେ ଏ ଘଟଣା ଘଟିଥିବ, ତାଙ୍କୁ ମଧ୍ୟ ତଦନ୍ତ ପରିସରଭୁକ୍ତ କରାଯିବ ବୋଲି ପିସିସିଏଫ କହିଛନ୍ତି।

## ଆଜି ନବଯୌବନ ବେଶରେ ଦର୍ଶନ ଦେବେ ମହାପ୍ରଭୁ

ପୁରୀ, ୨୮।୬(ପି.ଏନ): ଅଣସର ଘରେ ୧୪ ଦିନ ଅବସ୍ଥାନ କରିବା ପରେ ମହାପ୍ରଭୁ ବୁଧବାର ଦିନ ରତ୍ନ ସିଂହାସନ ଉପରେ ନବଯୌବନ ବେଶରେ ଭକ୍ତମାନଙ୍କୁ ଦର୍ଶନ ଦେବେ। ସ୍ନାନପୂର୍ଣ୍ଣମୀରେ ସ୍ନାନବେଦୀରେ ଚତୁର୍ଦ୍ଧା ମୂର୍ତ୍ତି ୧୦୮ ଗରା ଜଳରେ ସ୍ନାନ କରିବା ପରେ ଜ୍ୱରରେ ପୀଡ଼ିତ ହୋଇ ଅଣସର ପିଣ୍ଡିରେ ବିରାଜମାନ କରିଥିଲେ। ଅଣସର ତାଟି ବାହାରେ ପଟିଦିଁଅ ପୂଜା ପାଉଛନ୍ତି। ଶ୍ରୀମନ୍ଦିର ବୈଦ୍ୟ ସେବକଙ୍କ ଦ୍ୱାରା ପ୍ରସ୍ତୁତ ଦଶମୂଳ ପାଚକ(ମୋଦକ) ମହାପ୍ରଭୁଙ୍କୁ ଭୋଗ କରାଯିବା ପରେ ଜ୍ୱର ଲାଘବ ହୋଇଥିଲା। ଦଇତାପତି ସେବକମାନେ ମହାପ୍ରଭୁଙ୍କ ଗୁପ୍ତସେବାରେ ନିୟୋଜିତ ହୋଇଥିଲେ। ଦଶ ଅବତାର ପଟିଦିଅଁ ବାହୁଡ଼ା ବିଜେ କରିବା ପରେ କୋଠ ସୁଆଁସିଆମାନେ ଅଣସର ଘର ତାଟି ଖୋଲିବେ। ଠାକୁରମାନେ ଚକାବିଜେ କରିଥିବା ସମ୍ମୁଖ ସ୍ଥାନ ପାଣିରେ ଭଲ ଭାବେ ଧୁଆଯିବ। ନବଯୌବନ ଦର୍ଶନ ପାଇଁ ପରିମାଣିକ ଟିକେଟ କରିଥିବା ଦର୍ଶନାର୍ଥୀମାନେ ଜଗମୋହନ ଭିତରକୁ ଯାଇ ଦର୍ଶନ କରିବେ। ପରେ ସାହାଣମେଲା ହେବାର କାର୍ଯ୍ୟକ୍ରମ ରହିଛି। ୨୯ ତାରିଖ ବୁଧବାର ଦିନ ନବଯୌବନ ଦର୍ଶନ ଓ ନେତ୍ରୋତ୍ସବ। ଶ୍ରୀମନ୍ଦିର ପ୍ରଶାସନର ନୀତିନିର୍ଘଂଟ ଅନୁଯାୟୀ ସକାଳ ୬ଟାରେ ଚକା ଅପସର, ୬ଟା ୧୦ରେ ମଙ୍ଗଳଆଳତି, ପରେ ମଇଲମ, ଅବକାଶ ପରେ ଦଶଅବତାର ଠାକୁର ବାହୁଡ଼ା ବିଜେ ସକାଳ ସାଢ଼େ ୭ଟାରେ ଅନୁଷ୍ଠିତ ହେବ। ପରେ ତାଟି ଫିଟିବ। ସକାଳ ୮ଟାରୁ ୯ଟା ମଧ୍ୟରେ ଭିତର କାଠ ପାଖରେ ପରିମାଣିକ ଦର୍ଶନ ୯ଟାରୁ ସାଢ଼େ ୧୦ ମଧ୍ୟରେ ଭିତର କାଠ ପାଖରେ ସର୍ବସାଧରଣ ଦର୍ଶନ ଅନୁଷ୍ଠିତ ହେବ। ୧୧ଟାରେ ଧୂଆ ହୋଇ ଚୂନ ପଡ଼ିବ। ୧୧ଟା ୩୦ରେ ଦଇତାପତିମାନେ ସର୍ବାଙ୍ଗ ବନ୍ଦାପନା ଓ ୧୨ଟାରେ ନେତ୍ରୋତ୍ସବ ବନ୍ଦାପନା ଅନୁଷ୍ଠିତ ହେବ। ରାତି ଗୋଟେ ୩୦ରେ ଦଇତାପତି ସେବକ ଦତମହାପାତ୍ର ବନକଲାଗି ପାଇଁ ପ୍ରବେଶ କରିବେ। ୩୦ ତାରିଖ ଗୁରୁବାର ଦିନ ଉଭାଯାତ୍ରା ଓ ରଥପାଇଁ ଆଜ୍ଞାମାଳ ବିଜେ କରିବ। ଜୁଲାଇ ୧ ଶୁକ୍ରବାର ଶ୍ରୀଗୁଣ୍ଡିଚା ଯାତ୍ରା ଅନୁଷ୍ଠିତ ହେବ।

## କାଲିଠୁ ବଢ଼ିବ ବର୍ଷା

ଭୁବନେଶ୍ୱର, ୨୮।୬(ପି.ଏନ): ପୂର୍ବ-ପଶ୍ଚିମ ଟ୍ରଫ୍ ଲାଇନ୍ ବର୍ତ୍ତମାନ ଉତର-ପଶ୍ଚିମ ରାଜସ୍ଥାନରୁ ଉତର-ପୂର୍ବ ରାଜସ୍ଥାନ, ଉତର ମଧ୍ୟପ୍ରଦେଶ ଏବଂ ଛତିଶଗଡ଼ର ଦକ୍ଷିଣ ଓଡ଼ିଶା ଉପକୂଳରେ ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗର ପର୍ଯ୍ୟନ୍ତ ସକ୍ରିୟ ରହିଛି। ଏହା ସମୁଦ୍ର ପତନଠାରୁ ୦.୯ କିଲୋମିଟର ଉଚ୍ଚତାରେ ବିସ୍ତାରିତ ହୋଇ ରହିଛି। ଏହାର ପ୍ରଭାବରେ ଆଗାମୀ ୨୪ଘଂଟା ମଧ୍ୟରେ ରାଜ୍ୟର ପ୍ରାୟ ୧୪ଟି ଜିଲ୍ଲାରେ କାଳବୈଶାଖୀ ଓ ବର୍ଷାର ସମ୍ଭାବନା ରହିଛି । ସେହିପରି ଆସନ୍ତାକାଲି ଠାରୁ ବର୍ଷାର ପରିମାଣ ବଢ଼ିବ ବୋଲି ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପୂର୍ବାନୁମାନ କରିଛି।ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ସତର୍କ ସୂଚନା ଅନୁଯାୟୀ ଆଗାମୀ ୨୪ ଘଂଟା ମଧ୍ୟରେ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ରାୟଗଡ଼ା, କଳାହାଣ୍ଡି, କନ୍ଧମାଳ, ଗଜପତି, ଗଂଜାମ, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଂଜ, ବାଲେଶ୍ୱର, ଭଦ୍ରକ ଓ ଯାଜପୁର ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବର୍ଷା ଓ ବଜ୍ରପାତ ହେବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଏହି ୧୪ଟି ଜିଲ୍ଲାଗୁଡ଼ିକ ପାଇଁ ୟେଲୋୱାର୍ଣ୍ଣିଂ ଜାରି କରାଯାଇଛି।ସେହିପରି ୨୯ରୁ ୩୦ ତାରିଖ ମଧ୍ୟରେ ନବରଙ୍ଗପୁର, କୋରାପୁଟ, ମାଲକାନଗିରି. ଝାରସୁଗୁଡା, ସୁନ୍ଦରଗଡ. ସମ୍ବଲପୁର , ଦେବଗଡ , କେନ୍ଦୁଝର ଓ ମୟୁରଭଂଜ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ।ଜିଲ୍ଲାଗୁଡିକ ବ୍ୟବତୀତ ଅନ୍ୟ ସମସ୍ତ ଜିଲ୍ଲାରେ ବଜ୍ରପାତ ସହ ବର୍ଷା ହୋଇପାରେ ବୋଲି ପାଣିପାଗ ବିଭାଗ ସୂଚନା ଦେଇଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟର ସମସ୍ତ ଜିଲ୍ଲାଗୁଡିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

## ମୁରିବାହଲ୍ ଆଦର୍ଶ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ଚାଖିଲେ ଜିଲ୍ଲାପାଳ, ଏସପି

ବଲାଙ୍ଗିର, ୨୮।୬(ପି.ଏନ): ଗତକାଲି ବଲାଙ୍ଗିର ଜିଲ୍ଲାପାଳ ଚଂଚଳ ରାଣା ଓ ଏସ୍ପି ନିତିନ କୁଶଲକର ଜିଲ୍ଲାର ମୁରିବାହାଲ ବ୍ଲକର ଜନ ଅଭିଯୋଗ ଶୁଣାଣିକୁ ଆସିଥିବା ଓ ଅନ୍ୟାନ୍ୟ ସ୍ଥାନକୁ ପରିଦର୍ଶନ କରିଥିବା ବେଳେ ମୁରିବାହାଲ ସ୍ଥିତ ଆଦର୍ଶ ବିଦ୍ୟାଳୟରେ ମିଡ ଡେ ମିଲ୍ ଚାଖି ତାର ମାନ ଦେଖି ସନ୍ତୋଷ ବ୍ୟକ୍ତ କରିଛନ୍ତି । ଜିଲ୍ଲାପାଳ ଶ୍ରୀ ରାଣା ଓ ଏସ୍ପି ନିତିନ କୁଶଲକର ମିଡ ଡେ ମିଲ୍ ଖାଇ ପ୍ରଶଂସା କରିଥିବା ବେଳେ ବିଭିନ୍ନ କାର୍ଯ୍ୟ ତଦାରଖ କରି ୭ ଦିନ ମଧ୍ୟରେ ବାଳିକା ଛାତ୍ରାବାସ କାମ ସାରିବାକୁ ନିର୍ଦ୍ଦେଶ ଦେଇଥିଲେ । ପରିବେଶକୁ ସଫା ସୁତୁରା ରଖିବାକୁ ଜିଲ୍ଲା ଶିକ୍ଷା ନିରୀକ୍ଷକଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି ।


## ଓଡ଼ିଆ ଅଭିନେତା ରାଇମୋହନଙ୍କ ପୋଷ୍ଟମର୍ଟମ ରିପୋର୍ଟ ଆସିଲା

ଭୁବନେଶ୍ୱର, ୨୮।୬(ପି.ଏନ): ଓଡ଼ିଆ ଅଭିନେତା ରାଇମୋହନ ପରିଡ଼ାଙ୍କ ପୋଷ୍ଟମର୍ଟମ ରିପୋର୍ଟ ଆସିଛି । ଶ୍ୱାସରୁଦ୍ଧ ଯୋଗୁ ରାଇମୋହନଙ୍କ ମୃତ୍ୟୁ ହୋଇଥିବା ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଗଳାରେ ରଶି ଲଗାଇବା କାରଣରୁ ଶ୍ୱାସରୁଦ୍ଧ ଯୋଗୁ ତାଙ୍କର ମୃତ୍ୟୁ ହୋଇଥିବା ଏହି ରିପୋର୍ଟରେ କୁହାଯାଇଛି । କମିଶନରେଟ୍ ପୋଲିସ୍କୁ ପୋଷ୍ଟମର୍ଟମ ରିପୋର୍ଟ ପ୍ରଦାନ କରାଯାଇଛି। ଶରୀରରେ ଥିବା ସାମାନ୍ୟ କ୍ଷତ ମୃତ୍ୟୁ ପୂର୍ବର ହ୍ୟାଙ୍ଗିଂ ଯୋଗୁ ହୋଇଥିବା ସୂଚନା ମିଳିଛି। ପୋଷ୍ଟମର୍ଟମ ରିପୋର୍ଟ ସମ୍ପର୍କରେ କ୍ୟାପିଟାଲ ହସ୍ପିଟାଲ ପକ୍ଷରୁ ସୂଚନା ଦିଆଯାଇଛି।

## ଗ୍ରାହକ ବେଶରେ ଆସି ଟେଲରଙ୍କୁ ହତ୍ୟା କରିଥିଲେ, ଏବେ ବନ୍ଧା ହେଲେ

ଉଦୟପୁର: ରାଜସ୍ଥାନ ଉଦୟପୁରରେ ଟେଲର କହ୍ନୈୟା ଲାଲଙ୍କ ହତ୍ୟାକୁ ନେଇ ସାଂପ୍ରଦାୟକି ଉତ୍ତେଜନା ସୃଷ୍ଟି ହେବାର ଆଶଙ୍କା ପ୍ରକାଶ ପାଇଛି। ଏଥି ପାଇଁ ପ୍ରଶାସନ କର୍ଫ୍ୟୁ ଠାରୁ ଆରମ୍ଭ କରି ବିଭିନ୍ନ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିଛି। ସ୍ପଷ୍ଟ ଦିବାଲୋକରେ କହ୍ନୈୟା ଲାଲଙ୍କୁ ଦୁଇ ଜଣ ଯୁବକ ବେକ କାଟି ହତ୍ୟା କରିଛନ୍ତି। ଏହାର ଦୃଶ୍ୟ ମଧ୍ୟ କ୍ୟାମେରାରେ କଏଦ ହୋଇଛି।ଘଟଣା ପରେ ଉଭୟ ଫେରାର ହୋଇଯାଇଥିଲେ। ପରବର୍ତ୍ତୀ ଅବସ୍ଥାରେ ସେମାନେ ଗୋଟିଏ ଭିଡିଓ ଜାରି କରି କହ୍ନୈୟା ଲାଲଙ୍କୁ ମୁଣ୍ଡ କାଟି ହତ୍ୟା କରିଥିବା ଦାବି କରିଥିଲେ। ଏହାକୁ ନେଇ ଉତ୍ତେଜନା ସୃଷ୍ଟି ହୋଇଥିବା ବେଳେ ପୁଲିସ ସନ୍ଧ୍ୟାରେ ଭିଡିଓରେ ଥିବା ଗସ ମହମ୍ମଦ ଓ ମହମ୍ମଦ ରିୟାଜ ଅନସାରୀକୁ ଗିରଫ କରିଛି। ଉଭୟଙ୍କୁ ରାଜସମନ୍ଦ ଜିଲ୍ଲାର ଭୀମରୁ ଗିରଫ କରାଯାଇଛି। ସେମାନଙ୍କ ନିକଟରେ ପୁଲିସ୍ ? ପହଞ୍ଚିଲା ବେଳକୁ ଉଭୟ ଖସି ଯିବାକୁ ଚେଷ୍ଟା କରିଥିଲେ। କିନ୍ତୁ ପୁଲିସ୍ ସେମାନଙ୍କୁ ଗିରଫ କରିବାରେ ସକ୍ଷମ ହୋଇଛି।ବିଜେପିରୁ ନିଲମ୍ବିତ ହୋଇଥିବା ନୂପୁର ଶର୍ମାଙ୍କ ସପକ୍ଷରେ କରାଯାଇଥିବା ଟ୍ୱିଟ ପାଇଁ କହ୍ନୈୟା ଲାଲଙ୍କୁ ହତ୍ୟା କରାଯାଇଛି। ନୂପୁର ଶର୍ମା ପ୍ରଫେଟ ମହମ୍ମଦଙ୍କ ସମ୍ପର୍କରେ ଅଭଦ୍ର ବୟାନ ଦେଇଥିବାରୁ ଏହାକୁ ନେଇ ପୂରା ବିଶ୍ୱରେ ନିନ୍ଦା କରାଯାଇଥିଲା। ଡ୍ୟାମେଜ କଣ୍ଟ୍ରୋଲ ପାଇଁ ବିଜେପି ତାଙ୍କୁ ଦଳରୁ ନିଲମ୍ବିତ କରିଥିଲା।ହେଲେ କହ୍ନୈୟା ଲାଲଙ୍କ ସୋଶାଲ ମିଡିଆ ଆକାଉଣ୍ଟରୁ ତାଙ୍କର ୮ ବର୍ଷର ପୁଅ ନୂପୁର ଶର୍ମାଙ୍କ ସମର୍ଥନରେ ପୋଷ୍ଟ କରିଥିଲା। ଏହାକୁ ନେଇ ଦୁଇ ସଂପ୍ରଦାୟକ ମଧ୍ୟରେ ସୋଶାଲ ମିଡିଆରେ ଝଡ ଦେଖା ଯାଇଥିଲା। ଏପରି କି କହ୍ନୈୟାଙ୍କୁ ପୁଲିସ୍ ? ବିବାଦୀୟ ପୋଷ୍ଟ ଘଟଣାରେ ଜେରା ମଧ୍ୟ କରିଥିଲା। ଏସବୁ ଭିତରେ ହିଁ ଦୁଇ ଜଣ ଯୁବକ ଆଜି ମଧ୍ୟାହ୍ନରେ କହ୍ନୈୟା ଲାଲଙ୍କୁ ଦୋକାନ ଭିତରେ ପଶି ହତ୍ୟା କରିଛନ୍ତି।ଆଜି ମଧ୍ୟାହ୍ନରେ ଉଦୟପୁରର ଜନଗହଳୀ ପୂର୍ଣ୍ଣ ଧନ ମଣ୍ଡି ମାର୍କେଟରେ ଥିବା ଦୋକାନରେ




କହ୍ନୈୟା ରହିଥିଲେ। ଏହି ସମୟରେ ଦୁଇ ଆକ୍ରମଣକାରୀ ଗ୍ରାହକ ବେଶରେ ଦୋକାନକୁ ଯାଇଥିଲେ। କହ୍ନୈୟା ଲାଲ ଜଣେ ଯୁବକଙ୍କ ପୋଷାକ ତିଆରି କରିବା ପାଇଁ ମାପ ନେଉଥିବା ବେଳେ ଆଉ ଜଣେ ଭିଡିଓ ଶୁଟିଂ କରିଥିଲା। ହଠାତ କହ୍ନୈୟା ମାପ ନେଉଥିବା ବେଳେ ଉକ୍ତ ଯୁବକ ଜଣଙ୍କ ଗୋଟିଏ ଧାରୁଆ ଅସ୍ତ୍ରଶସ୍ତ୍ରରେ ତାଙ୍କୁ ଆକ୍ରମଣ କରିଥିଲା।କ୍ୟାମେରା ଶୁଟିଂ କରୁଥିବା ଯୁବକ ଜଣଙ୍କ ମଧ୍ୟ ସେହି ସମୟରେ ଆକ୍ରମଣ କରିଥିବା ଭିଡିଓରୁ ଜଣାପଡିଛି। ପ୍ରଥମେ କୁହାଯାଇଥିଲା ଯେ କହ୍ନୈୟା ଲାଲଙ୍କ ମୁଣ୍ଡକୁ ଗଣ୍ଡିରୁ ଅଲଗା କରି ହତ୍ୟା କରାଯାଇଛି। ହେଲେ ପୁଲିସ୍ କହିଛି ଯେ କହ୍ନୈୟା ଲାଲଙ୍କ ମୁଣ୍ଡକୁ ଅଲଗା କରିବା ପାଇଁ ସେମାନେ ଚେଷ୍ଟା କରିଥିଲେ। କିନ୍ତୁ ଏଥିରେ ସେମାନେ ସଫଳ ହୋଇ ନାହାନ୍ତି। ତାଙ୍କ ବେକକୁ ହିଁ କଟା ଯାଇଛି। ଏହାକୁ ନେଇ ପୂରା ଉଦୟପୁରରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି।

## ପୌରାଂଚଳର ମୁଖ୍ୟମାନଙ୍କୁ ଗୃହ ଓ ନଗର ଉନ୍ନୟନ ବିଭାଗର ନିର୍ଦ୍ଦେଶ

ଭୁବନେଶ୍ୱର, ୨୮।୬(ପି.ଏନ): ରାଜ୍ୟରେ ମୌସୁମୀ ପହଂଚି ଥିବାବେଳେ ସହରାଂଚଳରେ ଥିବା ରାସ୍ତା, ଡ୍ରେନ ଆଦିରେ ଯେଭଳି କୌଣସି ଦୁର୍ଘଟଣା ନହୁଏ ତାହା ସୁନିଶ୍ଚିତ କରିବାକୁ ଗୃହ ଏବଂ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଜି ମାଥୀ ଭାଥାନନ୍ ସମସ୍ତ ପୌରାଂଚଳର ମୁଖ୍ୟମାନଙ୍କୁ କହିଛନ୍ତି । ଏଥିପାଇଁ ସଚିବ ମ୍ୟୁନିସିପାଲିଟି କର୍ପୋରେସନର ସମସ୍ତ କମିଶନର ଏବଂ ସମସ୍ତ ମ୍ୟୁନିସିପାଲିଟି ଏବଂ ଏନଏସିର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଏକ ଚିଠି ଲେଖିଛନ୍ତି । ବର୍ଷା ଋତୁରେ ବର୍ଷାଜଳର ମୁକ୍ତ ପ୍ରବାହକୁ ସୁନିଶ୍ଚିତ କରିବା ପାଇଁ ସେ ସଂପୃକ୍ତ ସଡ଼କ ଏବଂ ଡ୍ରେନ୍ ଏଜେନ୍ସି ଦ୍ୱାରା ନିୟମିତ ଭାବେ ଡ୍ରେନଗୁଡ଼ିକର ନିଷ୍କାସନ କରିବାକୁ କହିଥିଲେ । ଏହା ସ୍ପଷ୍ଟ ହୋଇଛି ଯେ ପ୍ରମୁଖ ସହରାଂଚଳ ଡ୍ରେନଗୁଡିକ ବ୍ୟତୀତ ତୁମର ପୌରାଂଚଳ ଅଧୀନରେ ଥିବା ସମସ୍ତ ଡ୍ରେନ୍ ଗୁଡିକ ସ୍ଲାବରେ ଆବୃତ ହେବା ଉଚିତ ଏବଂ ଉକ୍ତ ପଏଂଟ ଗୁଡିକ ଉପରେ ଚେତାବନୀ ସହିତ ଅସୁରକ୍ଷିତ ପଏଣ୍ଟଂଟଗୁଡିକ ଜାଲରେ ଆବୃତ କରାଯିବା ଉଚିତ୍। ଲୋକମାନଙ୍କୁ ବିପଦ ବିଷୟରେ ସଚେତନ କର ବୋଲି ପ୍ରମୁଖ ଶାସନ ସଚିବ କହିଛନ୍ତି । ଦୁର୍ଘଟଣାକୁ ଏଡାଇବା ପାଇଁ ରାସ୍ତା / ଡ୍ରେନ୍ ଉପରେ ଡ୍ରେନ୍ କଭର କିମ୍ବା ଯାଂଚ ପ୍ରକୋଷ୍ଠକୁ ସଠିକ୍ ଭାବରେ ବଦଳାଇବା / ମରାମତି କରିବା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ବୋଲି ସେ ପରାମର୍ଶ ଦେଇଛନ୍ତି ।ବର୍ତ୍ତମାନ ମୌସୁମୀ ରାଜ୍ୟକୁ ଛୁଇଁ ସାରିଥିବାରୁ ପ୍ରଶାସନ ଆକ୍ସନ ମୋଡରେ ପ୍ରବେଶ କରିବାର ସମୟ ଆସିଛି ଯେ ସଂପୃକ୍ତ ଏଜେନ୍ସି / ଅଧିକାରୀଙ୍କ ଦ୍ୱାରା ଏହି ନିର୍ଦ୍ଦେଶନାମା ସମ୍ପୂର୍ଣ୍ଣ ରୂପେ ପାଳନ କରାଯିବ ବୋଲି ସେ ନିର୍ଦ୍ଦେଶ ଦେଇଛନ୍ତି ।

### ଖଲିଆପାଲି ଆଶ୍ରମ ସ୍କୁଲରେ ମଧ୍ୟାହ୍ନ ଭୋଜନ ଖାଇ ୨୪ ଛାତ୍ରଛାତ୍ରୀ ଅସୁସ୍ଥ

ବରଗଡ଼, ୨୮।୬(ପି.ଏନ): ବରଗଡ଼ ସଦର ବ୍ଲକ ଅନ୍ତର୍ଗତ ଖଲିଆପାଲି ଆଶ୍ରମ ସ୍କୁଲରେ ମଧ୍ୟାହ୍ନ ଭୋଜନ ଖାଇ ୨୪ ଜଣ ଛାତ୍ରଛାତ୍ରୀ ଅସୁସ୍ଥ ହୋଇପଡିଛନ୍ତି । ସେମାନଙ୍କୁ ଚିକିତ୍ସା ନିମନ୍ତେ ବରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି ।

### ତାରିଣୀ ବସ୍ତ୍ରାଳୟରେ ଜିଏସ୍ଟି ରେଡ୍

ଭୁବନେଶ୍ୱର, ୨୮।୬(ପି.ଏନ): ତାରିଣୀ ବସ୍ତ୍ରାଳୟରେ ଜିଏସ୍ଟି ରେଡ୍ ହୋଇଛି।ଟିକସ ଫାଙ୍କିବା ଅଭିଯୋଗରେ ଭୁବନେଶ୍ୱର କଳ୍ପନା ଛକରେ ଥିବା ତାରିଣୀ ବସ୍ତ୍ରାଳୟରେ ଜିଏସ୍ଟି ପକ୍ଷରୁ ରେଡ୍ କରାଯାଇଛି । ଏକାସାଙ୍ଗେ ତାରିଣୀ ବସ୍ତ୍ରାଳୟର ସୋ ରୁମ୍, ଗୋଦାମ ଘର, କେଦାର ଲେନ୍ ଏବଂ ବନମାଳୀପୁରରେ ଥିବା ବାସଭବନରେ ରେଡ୍ ଚାଲିଛି।

## ରାଉରକେଲା ଭିଜିଲାନ୍ସ ଡିଭିଜନ : ୨ ବର୍ଷରେ ୩ ଏସପିଙ୍କ ବଦଳି, ମାମଲା ସଂଖ୍ୟା ଶୂନ

ରାଉରକେଲା, ୨୮।୬(ପି.ଏନ): ରାଉରକେଲା ଭିଜିଲାନ୍ସ ଡିଭିଜନ ହେବାକୁ ୨ ବର୍ଷ ବିତିଲା, ଜଣକ ପରେ ଜଣେ ଏସପି ଆସିଲେ, ୮ମାସ ବର୍ଷେ ଭିତରେ ଏଠାରୁ ବଦଳି ହେଲେ, ଏଠାରେ ପୁରୁଣା ଡିଏସପି ଇନ୍ସପେକ୍ଟରଙ୍କ ସଂଖ୍ୟା କିଛି କମ ନାହିଁ, ସେମାନେ ରାଉରକେଲା ସହରକୁ ଭଲଭାବେ ଦିର୍ଘ ଦିନରୁ ଜାଣନ୍ତି ହେଲେ ରାଉରକେଲାରେ ମାମଲା ସଂଖ୍ୟା ଶୁନ । ରାଉରକେଲା ଭିଜିଲାନ୍ସ ଏସପିଙ୍କର ପୁଣି ବଦଳି ହୋଇଛି, ଏସପି ରଂଜନ କୁମାର ଦାସଙ୍କର ଭିଜିଲାନ୍ସ ଡାଇରେକ୍ଟରେଟ ଚିଠି ନମ୍ବର ୧୪୫୨୯ ତା ୨୭/୬/୨୨ ଅନୁଶାରେ ସମ୍ବଲପୁର ଭିଜିଲାନ୍ସକୁ ଅତିରିକ୍ତ ଏସପି ଭାବେ ବଦଳି ହୋଇଛି । ସମ୍ବଲପୁର ଭିଜିଲାନ୍ସରେ ଥିବା ଅତିରିକ୍ତ ଏସପି ଦେବନାରାୟଣ ଦାସଙ୍କର ଇନଚାର୍ଜ ଏସପି ଭିଜିଲାନ୍ସ ଭାବେ ରାଉରକେଲା ବଦଳି ହୋଇଛି । ତେବେ ଏହି ରାଉରକେଲା ଏସପି ଅଫିସ ହେବାକୁ ଇତିମଧ୍ୟରେ ୨ବର୍ଷ ପୁରିଲାଣି, କିନ୍ତୁ ଏହି ସହରରେ ଦୁର୍ନୀତିକୁ ନେଇ ନାନା ଅଭିଯୋଗ ହେବା ସତ୍ତ୍ୱେ ମଧ୍ୟ ମାମଲା ସଂଖ୍ୟା ଶୁନ । ରାଉରକେଲା ଭିଜିଲାନ୍ସ ଅଫିସ ଓ ଡିଭିଜନରେ ଥିବା ଅଫିସର ମାନଙ୍କ ଚାକିରୀ କାଳକୁ ଯଦି ଦେଖାଯାଏ, ସେମାନେ ପ୍ରାୟ ଚାକିରୀ କାଳ ଏହିଠାରେ ଆରମ୍ଭ କରି ପାଖ ଆଖରେ ରହି ପୁଣି ଏହିଠାରେ ଅଛନ୍ତି । ସେମାନଙ୍କର ଲୋକ ସଂପର୍କ ମଧ୍ୟ କିଛି କମ ନୁହେଁ, ହେଲେ ରାଉରକେଲା ସହରର ଥାନା କଥା କୁହାଯାଉ କିମ୍ବା ସରକାରୀ ଅଫିସ ସେସବୁ ଯାଗାରେ ଏମାନଙ୍କର ଆଖି ପଡୁନି। ବିରୋଧୀ ଦଳ ପକ୍ଷରୁ ବିଭିନ୍ନ ଅଫିସର ଲୁଟ ପାଟ ବିଷୟରେ ତଥ୍ୟ ସହ ଭିଜିଲାନ୍ସକୁ ଲେଖି ଦେବା ପରେ ମଧ୍ୟ ଏହି ଅଫିସ ନିରବ । ନିକଟରେ ଜଙ୍ଗଲ ବିଭାଗ ସଂପର୍କରେ ଶହ ଶହ କୋଟି ଟଙ୍କାର ଲୁଟ ପାଟ ନେଇ କଂଗ୍ରେସ ନେତା ରଶ୍ମୀ ରଂଜନ ପାଢ଼ୀ ଅଭିଯୋଗ କଲାପରେ ବିଭାଗ ଏନେଇ କଣ କଲା ତାହା ଜଣାପଡିଲା ନାହିଁ । ସେହିଭଳି ମହାନଗର ନିଗମ ସଂପର୍କରେ ବାରମ୍ବାର ନାନା ଦୁର୍ନୀତି ନେଇ ଖବରକାଗଜ ଗୁଡିକର ପୃଷ୍ଠା ମଣ୍ଡନ ହୋଇଚାଲିଛି, ହେଲେ ଭିଜିଲାନ୍ସ ବାବୁ ମାନଙ୍କର ଆଖିକୁ ତାହା ଦେଖାଯାଉ ନାହିଁ ।ରାଉରକେଲା ଫାକ୍ଟ୍ରୀ ବୟଲର ବିଭାଗର ଜଣେ ବାବୁ ଏଠାରେ ୧୨ ବର୍ଷ ପୁରଣ କରି ଉଭୟ ଝାରସୁଗୁଡା ଓ ରାଉରକେଲା ଦାୟିତ୍ୱରେ ରହି ପୁଳା ପୁଳା ଟଙ୍କା ଭୁବନେଶ୍ୱରରୁ ନିଜ ଗାଁ ଭୁବନକୁ ବୋହିନେଉଥିବା କଥା ଦାଣ୍ଡରେ ପଡି ହାଟରେ ଗଡୁଛି ହେଲେ ସେ କଥା ମଧ୍ୟ ସାର ମାନଙ୍କୁ ଦେଖାଯାଉନାହିଁ । ରାଉରକେଲା ପୂର୍ତ୍ତ ବିଭାଗର ଇତିହାସ କହେ ଏହି ବିଭାଗ ସହ ବାବୁ ମାନଙ୍କର ପୁରୁଣା ବନ୍ଧୁତା ରହିଛି । ତେଣୁ ପ୍ରତି ଶନିବାର ବାବୁ ମାନେ ନିର୍ଭୟରେ ଫୁଲଝର ଘାଟି ଦେଇ କେନ୍ଦୁଝରକୁ ପୁଳା ପୁଳା ଟଙ୍କା ନେଇଯିବା କଥା ବଜାରରେ ଖୋଲା ଖୋଲି ଚର୍ଚ୍ଚା ହେଉଥିଲେ ମଧ୍ୟ କାହାକୁ ଶୁଭୁନି । ଏହି ଅଫିସରେ ମଦ ଟଙ୍କା ନଦେଲେ କୁଆଡେ ଠିକାଦାର ମାନଙ୍କ ବିଲ ହୁଏନି, ସରପ୍ରାଇଜ ଚେକ କରାଗଲେ ବାବୁ ମାନଙ୍କ ଡ୍ରରୁ ମଦ ବୋତଲ ସହ ଟଙ୍କା ବାହାରିବ ବୋଲି ଆଲୋଚନା ଚାଲିଛି । ଏତ ଖୋଲା ଖୋଲି ଲୁଟ ପାଟ ଚାଲିଥିବା କେତେକ ବିଭାଗ କଥା । ସ୍ମାର୍ଟ ସିଟି ରାଉରକେଲା ଏଭଳି କାରବାର ଲାଗି ବର୍ତ୍ତମାନ ୧ ନମ୍ବର ସ୍ଥାନ ନେଇଛି । ଏଠି ଏତେ ପଇସା ଯେ ଜଣେ ବୟସ୍କ ଇନ୍ଜିନିୟର ଜଣେ ଯୁବତୀଙ୍କୁ ଇତ୍ୟାଦି ଇତ୍ୟାଦି କାମ ଲାଗି ରଖି ତାଙ୍କୁ ବହୁ ସ୍ୱପ୍ନ ଦେଖାଇଥିବା କଥା ଉଦିତନଗର ଥାନାକୁ ଯାଇଥିଲା। ସେଠାରେ ଟଙ୍କା ଚାପରେ ତାହା ଦବିଗଲା ବୋଲି ଅଭିଯୋଗ ହୋଇଥିଲା ।ରାଉରକେଲାର ରୋଜଗାରିଆ ଥାନା କହିଲେ ବ୍ରାହ୍ମଣୀ ତରଂଗ, ପ୍ଲାଟଂସାଇଟ, ରଘୁନାଥପାଲ୍ଲୀ, ଉଦିତନଗର, କୋଇଡା ଓ ଟାଂଗରପାଲ୍ଲୀ ବୋଲି କୁହାଯାଏ। ଏହି ସବୁ ଥାନାରେ ପୋଷ୍ଟିଂ ଲାଗି କୁଆଡେ ବହୁ ଅର୍ଥର କାରବାର ହୁଏ, ରୋଜଗାର ମଧ୍ୟ ଏଠି କିଛି କମ ନୁହେଁ ବୋଲି କୁହାଯାଏ, କିନ୍ତୁ ଭିଜିଲାନ୍ସ ଅଫିସ ରେକର୍ଡ କୁହେ ଏଠି ଭିଜିଲାନ୍ସ କେବେ ହେଲେ କୌଣସି ପୁଲିସି ଅଫିସରଙ୍କୁ ଧରିନି କିମ୍ବା ରେଡ୍ ମଧ୍ୟ କରିନି । କାମ ତ ଏଠି କିଛି ହେଉନି ବରଂ କାହା ଠାରୁ ଦେଢ ଲକ୍ଷ ଟଙ୍କାର ପଲଙ୍କ ନେବା ଅଫିସ ରୁ ବାହାରିବା ବେଳକୁ ଅତି କମରେ ୫ହଜାର ଧରକି ଯିବା, ପ୍ରତି ଦିନ ୨ ହଜାର ଟଙ୍କାର ମଦର ବ୍ୟବସ୍ଥା କରିବା ଭଳି ପ୍ରାକ୍ଟିସ କୁଆଡେ ଏଠି ଅଧିକ ବୋଲି ଚର୍ଚ୍ଚା ହେଉଛି । ଯଦି ବାବୁ ମାନେ କାମ ନକରିବେ ନିରବ ରହିବେ ଲୁଟ ପାଟ ବଢିଚାଲିବ ତେବେ ଏଭଳି କାମ ହେଉ ନହେଉ କିନ୍ତୁ ଚର୍ଚ୍ଚା ନିଶ୍ଚୟ ରହିବ । ତେଣୁ ଭିଜିଲାନ୍ସ ବିଭାଗ ପକ୍ଷରୁ ଏଠାରୁ ପୁରୁଣା ଅଫିସର ମାନଙ୍କୁ ବିଦା କରାଯାଇ ନୂଆ ଅଫିସର ମାନଙ୍କୁ ଏହି ଅଫିସ ର ଦାୟିତ୍ୱ ଦେଇ ଏହାର ପୁରୁଣା ରେକର୍ଡକୁ ବଂଚାଇରଖିବା ଲାଗି ସାଧାରଣରେ ଦାବି ହେଉଛି ।

## ୧୧.୨୮ ଗ୍ରାମ ବ୍ରାଉନସୁଗାର ଜବତ, ଦୁଇ ଗିରଫ

ଖୋର୍ଦ୍ଧା, ୨୮।୬(ପି.ଏନ): ଖୋର୍ଦ୍ଧା ଏସପି ସିଦ୍ଧାର୍ଥ କାଟାରିଆଙ୍କ ନିର୍ଦ୍ଦେଶ କ୍ରମେ ମଙ୍ଗଳବାର ସକାଳେ ଖୋର୍ଦ୍ଧା ସଦର ଥାନା ଆଇଆଇସି ଅନିତା ସାହୁଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇଛି। ଉକ୍ତ ଟିମ ଦଧିମାଛଗାଡ଼ିଆ ଠାରେ ଚଢ଼ଉ କରିଥିଲା । ଚଢ଼ଉ ସମୟରେ ଦୁଇ ଜଣ ବ୍ରାଉନସୁଗର ବେପାରୀଙ୍କୁ ପୋଲିସ ଗିରଫ କରିଛି। ସେମାନଙ୍କ ନିକଟରୁ ୧୧.୨୮ ଗ୍ରାମ ବ୍ରାଉନସୁଗର ଓ ଗୋଟିଏ ବାଇକ ଜବତ କରିଛି। ଜବତ ବ୍ରାଉନସୁଗରର ମୂଲ୍ୟ ଏକ ଲକ୍ଷରୁ ଊର୍ଦ୍ଧ୍ୱ ହେବ ବୋଲି ଜଣାପଡିଛି । ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ପୁରୀ ଜିଲ୍ଲା ଡେଲାଙ୍ଗ ଥାନା ହରିରାଜପୁର ଗ୍ରାମର ରୋହିତ କୁମାର ବେହେରା (୩୨) ଓ ଖୋର୍ଦ୍ଧା ସଦର ଥାନା ଦଧିମାଛ ଗାଡ଼ିଆ ଗ୍ରାମର ବିଶ୍ୱନାଥ ବେହେରା (୨୧) । ଏ ସଂକ୍ରାନ୍ତରେ ସଦର ଥାନାରେ ଏନଡ଼ିପିଏସ ଅଧିନିୟମ ଅନୁଯାୟୀ କେଶ ନମ୍ବର ୧୧୪/୨୨ ରେ ଏକ ମାମଲା ରୁଜୁ କରାଯାଇ ଉଭୟ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି ପୋଲିସ।

## ଛାତ୍ର ବିନିମୟ କାର୍ଯ୍ୟକ୍ରମ ପାଇଁ ଓଡ଼ିଶାରୁ ୨୫ ଜଣ ଛାତ୍ରଛାତ୍ରୀଙ୍କର ମୁମ୍ବାଇ ଯାତ୍ରା

ଭୁବନେଶ୍ୱର, ୨୮।୬(ପି.ଏନ): 'ଆଜାଦି କା ଅମୃତ ମହୋତ୍ସବ' (ଏକେଏମ) – 'ଏକ ଭାରତ ଶ୍ରେଷ୍ଠ ଭାରତ' (ଇବିଏସବି) ଅନ୍ତର୍ଗତ 'ଛାତ୍ର ବିନିମୟ କାର୍ଯ୍ୟକ୍ରମ' ମାଧ୍ୟମରେ ଓଡ଼ିଶାରୁ ୨୫ ଜଣ ଛାତ୍ରଛାତ୍ରୀ ସାମିଲ ଦେବେ। ୨୫ ଛାତ୍ରଛାତ୍ରୀ ଓ ୨ ଜଣ ଶିକ୍ଷକ/ ଶିକ୍ଷୟିତ୍ରୀଙ୍କୁ ନେଇ ମଙ୍ଗଳବାର ଏକ ପ୍ରତିନିଧି ଦଳ ମହାରାଷ୍ଟ୍ରର ମୁମ୍ବାଇ ଅଭିମୁଖେ ଯାତ୍ରା କରିଛନ୍ତି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସେମାନେ ମହାରାଷ୍ଟ୍ରର ଭାଷା, ସଂସ୍କୃତି, ଶିକ୍ଷା ବ୍ୟବସ୍ଥା, ପର୍ଯ୍ୟଟନସ୍ଥଳୀ ଇତ୍ୟାଦି ଉପରେ ପ୍ରତ୍ୟକ୍ଷ ଜ୍ଞାନ ଆହରଣ କରିବେ । ଏହି ୨୫ ଜଣିଆ ଟିମ ରାଜ୍ୟ ସରକାରଙ୍କ ସହଯୋଗରେ ଶିକ୍ଷା ବିଭାଗର ଦୁଇ ଅଧିକାରୀ ଶଶଧର ନାୟକ ଏବଂ ଡ. ସୁଜାତା ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଇଣ୍ଡିଗୋ ଏୟାରଲାଇନ୍ସ ଯୋଗେ ମୁମ୍ବାଇ ଗସ୍ତ କରିଛନ୍ତି। ଠାକୁର କଲେଜ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି, ମୁମ୍ବାଇ, ମହାରାଷ୍ଟ୍ରଠାରେ ଏହି ଦଳ ପାଇଁ ରହିବାର ସମସ୍ତ ବ୍ୟବସ୍ଥା କରାଯାଇଛି । ସମ୍ପୃକ୍ତ ପ୍ରତିନିଧି ଦଳ ଆସନ୍ତା ଜୁଲାଇ ୪ ତାରିଖରେ ଓଡ଼ିଶା ପ୍ରତ୍ୟାବର୍ତ୍ତନ କରିବେ । ଓଡ଼ିଶା ଏବଂ ମହାରାଷ୍ଟ୍ର 'ଏକ ଭାରତ ଶ୍ରେଷ୍ଠ ଭାରତ' କାର୍ଯ୍ୟକ୍ରମ ଅଧୀନରେ ସହଯୋଗୀ ରାଜ୍ୟ ଭାବେ ପରସ୍ପର ସହ ସମ୍ପର୍କ ସ୍ଥାପନ କରିଛନ୍ତି।








# ଟି ଟାଇମ୍

## ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ’ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା’ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଚଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।

## ସବୁଠାରୁ ବଡ଼ ଦାନ

ତୃଷିତଙ୍କୁ ପାଣିଦେବା ଓ କ୍ଷୁଧିତକୁ ଭୋଜନ ଦେବା ଦୁନିଆର ସବୁଠୁ ବଡ଼ ଦାନ ବୋଲି ଶାସ୍ତ୍ର କହିଥାଏ । ଭୋଜନ ଦେବା ପରେ ଯଦି ଭୋକ ଶାନ୍ତ ହୋଇଯାଏ ତ ସବୁ ବସ୍ତୁ ସୁନ୍ଦର ଦେଖାଯାଏ । କିନ୍ତୁ ଦୁଇ-ତିନିଦିନର ଭୋକିଲା ଲୋକକୁ ଟଙ୍କା ବିଡ଼ା ଦିଅଯାଏ ଅଥବା ସୁନା,ରୂପା ଦେଲେ ମଧ୍ୟ ସେ ନିଜର ପେଟକୁ ଖାଇବା ପାଇଁ ଅନୁରୋଧ କରିଥାଏ । ତେବେ ପେଟ ପୂରିବା ପରେ ଯାଇ ତାକୁ ଧନ ଦୌଲତ ଭଲ ଲାଗିଥାଏ । ଭୋକିଲା ଲେକଙ୍କୁ ଖାଦ୍ୟ ଦରକାର ଟଙ୍କାର ବିଡ଼ା ନୁହେଁ । ପେଟର ଭୋକ ଶାନ୍ତ ହେବାପରେ ଯାଇ ଟଙ୍କା, ସୁନା, ଘର ଦ୍ୱାରା, ସ୍ତ୍ରୀ, ପୁତ୍ର, ଭୋଗ ଜାଗ୍ରତ ହୋଇଥାଏ । ଶୋଷ ଲାଗିଲେ ସାରା ଦୁନିଆଁ ମଧ୍ୟ ନୀରସ ଦେଖାଯାଏ । ଶୋଷରେ ବ୍ୟାକୁଳ ଲୋକ ଗୋଟିଏ ମାତ୍ର ଜିନିଷ ଆବଶ୍ୟକ କରେ ତାହା ହେଉଛି ପାଣି । ପାଣି ହିଁ ଜୀବନ ଅଟେ ପାଣି ନମିଳିଲେ ଜୀବନ ମୃତ୍ୟୁସମାନ ହୋଇଯାଏ । ସେଥିପାଇଁ କୁହାଯାଇଛି ଜଳହିଁ ଜୀବନ । ତେଣୁ ଏଥିପାଇଁ କୁହାଯାଏ ଯଦି ଭୋକିଲା ଲୋକକୁ କିଛି ଖାଦ୍ୟ କିମ୍ବା ଶୋଇଲା ଲୋକଙ୍କୁ ଜଳଦାନ କରାଯାଏ ତେବେ ତାହା ସର୍ବଶେଷ୍ଠ ଦାନରେ ପରିଗଣତି ହୋଇଥାଏ, ଦାନ କରିଥିବା ବ୍ୟକ୍ତି ମୋକ୍ଷ ପ୍ରାପ୍ତି କରିଥାଏ ।

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି । ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ଟୁ ଶରୀରକୁ ଶକ୍ତି ମିଳିଥାଏ । ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଳୁକୋଜ ରହିଥାଏ ।

# ପୁରାଣ କାହାଣୀ

## ପଣ୍ଡୁ ଓଷା



ମାର୍ଗଶିର ମାସର ପୂର୍ଣ୍ଣିମା ଦିନ ଏହି ଓଷା ପାଳନ କରାଯାଏ । ମାର୍ଗଶିର ପୂର୍ଣ୍ଣିମାକୁ ପଣ୍ଡୁ ପୂର୍ଣ୍ଣିମା ମଧ କୁହାଯାଏ । ଏହି ସମୟରେ ହେମନ୍ତ ଋତୁ ସରି, ଶୀତର ଆରମ୍ଭ ହେଉଥାଏ । ସକାଳୁ ସକାଳୁ କୁହୁଡି ହେତୁ ସର୍ବତ୍ର ଫିକାଧଳା ବା ପାଣ୍ଡୁରା ବର୍ଣ୍ଣ ଦିଶୁଥାଏ । ଏଣୁ ଏହି ପୂର୍ଣ୍ଣିମାର ନାଁ ପଣ୍ଡୁ ପୂର୍ଣ୍ଣିମା କୁହାଯାଏ । ବଡ ଓଷା ପରି ଏହି ବ୍ରତକୁ ଗଜ ବସାଇ ପାଳନ କରାଯାଏ । ନାରୀମାନେ ଏହି ବ୍ରତ ମାଧ୍ୟମରେ ଯମରାଜଙ୍କୁ ପୂଜା ବା ଉପାସନା କରନ୍ତି । ଏହାର ମୁଖ୍ୟ ଉଦ୍ଦେଶ୍ୟ ପୁତ୍ର ସନ୍ତାନ କାମନା । ଏହି ବ୍ରତ ପାଳନରେ କିଛି ସ୍ୱତନ୍ତ୍ର ବିଧି ରହିଛି । ଏଥି ପାଇଁ ଗୃହ ଚଟାଣକୁ ଗୋବରରେ ଚକ୍କଣ କରି ଲିପାଯାଏ । ଚିତା ଓ ମୁରୁଜ ତା’ ଉପରେ ପକାଯାଏ । ଗଜକୁ ସ୍ଥାପନ କରାଯାଏ ଏବଂ ପୂଜନ ବିଶେଷକରି ପୁରୋହିତଙ୍କ ଦ୍ୱାରା ଯମରାଜଙ୍କୁ ଆବାହନ, ପୂଜନ ଏବଂ ନୈବେଦ୍ୟ ଅର୍ପଣ ପୂର୍ବକ ଭକ୍ତି ପ୍ରଣତି ବଢ଼ାଯାଏ । ଏହି ପୂଜାର ମୁଖ୍ୟ ଭୋଗ ହେଉଛି ମଣ୍ଡା ପିଠା । ପୂର୍ବ ପ୍ରସ୍ତୁତି ଅନୁଯାୟୀ ନୂଆ ଗୋବର ଲିପା ଟୋକେଇ ବା ପାଛିଆରେ ପୁରୁଣା ଧାନ ଆଣି ଢ଼ିଙ୍କିରେ କୁଟି ଚାଉଳ କରାଯାଏ । ଏହି ଚାଉଳକୁ ପୁଣି ଚୂନା କରି ସେଥିରେ ନଡିଆ ଦେଇ ନଡିଆ ମଣ୍ଡା କରାଯାଏ ଓ ପୂଜାଭୋଗ କରାଯାଏ । ଏହା ସହିତ ଖଇ, କଦଳୀ, ଫଳ ଏବଂ ଛେନା ଆଦି ଭୋଗ ମଧ୍ୟ ବଢ଼ାଯାଏ । ପଣ୍ଡୁଓଷା ଏକ ନିଷ୍ଠାର ବ୍ରତ । ନାରୀଜାତି ବିଶେଷ କରି ମା’ମାନଙ୍କ ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ ଅଟେ ।

## ପଠାଣି ସାମନ୍ତ



ଆଜିର ଦିନରେ ମହାମହୋପାଧ୍ୟୟ ସାମନ୍ତ ଚନ୍ଦ୍ରଶେଖରଙ୍କ ଜନ୍ମ ଦିନ ପାଳନ କରାଯାଉଛି । ୧୮୩୫ ମସିହା ଡିସେମ୍ବର ୧୩ ତାରିଖରେ ପୌଷ କୃଷ୍ଣ ଅଷ୍ଟମୀ ତିଥିରେ ଚନ୍ଦ୍ରଶେଖର ଖଣ୍ଡପଡାର ଏକ ରାଜବଂଶରେ ଜନ୍ମ ଗ୍ରହଣ କରିଥିଲେ । ବହୁ ସନ୍ତାନ ନଷ୍ଟ ହୋଇଯିବା ପରେ ମାତାପିତା ଚନ୍ଦ୍ରଶେଖରଙ୍କର ଦୀର୍ଘାୟୀ ଓ ମଙ୍ଗଳ କାମନା କରିଥିଲେ । ପରେ ଖଣ୍ଡପଡା ନିକଟସ୍ଥା ଖୁଣ୍ଟୁପଡା ନିକଟସ୍ଥ ଖୁଣ୍ଟୁପଡା ଗ୍ରାମସ୍ଥିତ ମହାଦେବ ଶ୍ରୀ ଶ୍ରୀ ଚନ୍ଦ୍ରଶେକରଙ୍କ ପ୍ରସାଦରୁ ଏହି ବାଳକ ଜନ୍ମ ଗ୍ରହଣ କରିଥିବାର ବିଶ୍ୱାସ କରି ପିତାମାତା ତାଙ୍କର ନାମ ଚନ୍ଦ୍ରଶେଖର ରଖିଥିଲେ । ଡାକ ନାମ ତାଙ୍କର ପଠାଣି ବି ଥିଲା । ପଠାଣିଙ୍କର ପୂରା ନାମ ହେଉଛି ଚନ୍ଦ୍ରଶେଖର ସିଂହ ହରିଚନ୍ଦନ ମହାପାତ୍ର । ଚନ୍ଦ୍ରଶେଖର ପିଲାବେଳୁ ଉଦାସୀନ, ମନଯୋଗୀ, ଏକାଗ୍ରଚିତ୍ତ, ଅଧ୍ୟବସାୟୀ ଓ ଉଦାରମନା ଥିଲେ । ବିଚିତ୍ରବର୍ଣ୍ଣ । ବ୍ରହ୍ମଣ୍ଡର ନାକ୍ଷତ୍ରିକ ଗତିବିଧି ପ୍ରତି ଆକୃଷ୍ଟ ହୋଇଥିଲେ ସେ । ଜ୍ୟୋତିଷବିଦ୍ୟା ଜାଣିବା ପାଇଁ ଆଗ୍ରହୀ ହୋଇ ଦଶବର୍ଷ ବୟସରେ ପଠାଣି ନିଜ ବାପାଙ୍କ ଠାରୁ କିଛରି ଜ୍ୟୋତିର୍ବିଜ୍ଞାନ ଶିଖିଥିଲେ । ସେତେବେଳେ ତାଙ୍କ ବାପା ଜଣେ ପ୍ରଧାନ ଗାଣିତିକ ଥିଲେ । ବାପାଙ୍କ ସହିତ ଗଣିତ ଜ୍ୟୋତିଷର ଆଲୋଚନା ମାଧ୍ୟମରେ ଶିକ୍ଷା ଲାଭ କରିଥିଲେ । ସେ ପୁରାତନ ଜ୍ୟୋତିଷ ଶାସ୍ତ୍ରମାନ ପର୍ଯ୍ୟାଲୋଚନା କରି ତାରା ଜଗତର ଗତିବିଧି ଅନୁଧ୍ୟାନ କରିବା ସହ ସୂକ୍ଷ୍ମ ଯନ୍ତ୍ରମାନ ଉଦ୍ଭାବନ କରିଥିଲେ । ଦୁଇଟି ବାଉଁଶ ନଳ ସାହାଯ୍ୟରେ ଦୂର ପାହାଡକୁ ମାପି ଦୂରବୀକ୍ଷଣ ଯନ୍ତ୍ର ନିର୍ମାଣ କରିଥିଲେ । ପଠାଣୀ ସାମନ୍ତ ୧୮୬୯ ରେ ‘ସିଦ୍ଧାନ୍ତ ଦର୍ପଣ’ ଲେଖିବା ଆରମ୍ଭ କରିଥିଲେ । ୧୮୯୨ ରେ ଏହି ଗ୍ରନ୍ଥ ରଚନା ଲେଖା ଶେଷ ହୋଇଥିଲା । ସିଦ୍ଧାନ୍ତ ଦର୍ପଣ ମୂଳତଃ ସଂସ୍କୃତ ଭାଷାରେ ଶ୍ଳୋକ ମାନଙ୍କରେ ରଚିତ, ଗ୍ରନ୍ଥଟିରେ ରହିଛି ଚବିଶଟି ପ୍ରକାଶ (ସର୍ଗ) । ଏହି ଗ୍ରନ୍ଥର ମୋଟ ଶ୍ଳୋକ ସଂଖ୍ୟା ୨୫୦୦ । ଏଥିରେ ପାଟି ଗଣିତ, ବୀଜଗଣିତ, ସ୍ଥୁଳ ଓ ସୂକ୍ଷ୍ମଗ୍ରହ ଗଣନା, ପଜୟାଦିର ବାଖ୍ୟା, ନଦୀ ଓ ପାହାଡମାନଙ୍କର ଭୌଗଳିକ ମାସ ଓ ସ୍ଥିତି ଆଦି ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥ ଓ ଶ୍ରୀକୃଷ୍ଣଙ୍କ ଆଶୀର୍ବାଦ ଭିକ୍ଷା କରାଯାଇଛି । ନିରବଚ୍ଛିନ୍ନ ଅଧ୍ୟବସାୟ, ଇଚ୍ଛାଶକ୍ତି ଓ ଅବିଶ୍ରାନ୍ତ ଗବେଷଣା ଫଳରେ ଦୂରଦୂରାନ୍ତର ଜ୍ୟୋତିଷ ମଣ୍ଡଳର ଗ୍ରହ ନକ୍ଷତ୍ରର ସ୍ଥିତି ଓ ଚଳନ ନିର୍ଭୁଲ ଭାବେ ଗଣନା କରିପାରୁଥିଲେ ପଠାଣି ସାମନ୍ତ ।

# ଆଜିର ଭାଗ୍ୟ


ମେଷ
ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ । ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ । ଶତ୍ରୁ ବୃଦ୍ଧି ହୋଇପରେ । ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ ।


ବୃଷ
ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ । ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ । ମହିଳାମାନେ ଅପମାନିତ ହୋଇପରନ୍ତି ।


ମିଥୁନ
ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ । ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ । ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ ।


କର୍କଟ
ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ । ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି । ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ । ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ ।


ସିଂହ
ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ । ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ । ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ । ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ ।


କନ୍ୟା
ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ । କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ । ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ ।



ତୁଳା
ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ । କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ । ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ । ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ ।


ବିଛା
ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ । ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ । ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ ।



ଧନୁ
ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ । ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ । ରାଜନୀତିକ ସ୍ତରରେ ଉନ୍ନତି କରିବେ । ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ ।


ମକର
କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ । ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ । ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ । ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ ।


କୁମ୍ଭ
ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ । ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ । ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ । ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ ।


ମୀନ
ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ । ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ । କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି । ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ ।

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ



ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ । ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଛେଦ ହେବ । ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ସୁସ୍ଥ ପରିବେଶ ପାଇଁ ଅଶ୍ୱଥଙ୍କ ଉଦ୍ୟମ

ପରିବେଶକୁ ସୁହାଇବା ଭଳି ପଦକ୍ଷେପ ନେବାର ଆଇନକାନୁନ୍ ବନିଯାଉଛି । କାଗଜରେ ନିର୍ଦ୍ଦେଶ ବି ଆସୁଛି । ହେଲେ ତୃଣମୂଳ ସ୍ତରରେ ପରିବର୍ତ୍ତନର ଧାରା ଆଦୌ ଆରମ୍ଭ ହେଉନାହିଁ । ତା’ର କାରଣ ହେଲା, ସେହି ଜିନିଷ ବଦଳରେ ପରିବେଶ ଉପଯୋଗୀ ଜିନିଷର ଚଳନ କରୁନାହାନ୍ତି କେହି । ଏ ଅଭାବକୁ ବୁଝି ଜଣେ ଯୁବକ ନିଜ ବ୍ୟକ୍ତିଗତ ପ୍ରୟାସରେ ପଲିଥିନ୍ ବ୍ୟାଗ୍ ବଦଳରେ ପରିବେଶ ଉପଯୋଗୀ ବ୍ୟାଗ୍ ତିଆରି କରି ନିଜ ସହରର କଲ୍ୟାଣ ଦିଗରେ ଦେଉଛନ୍ତି ବଡ଼ ଯୋଗଦାନ ।...ବାଙ୍ଗାଲୋର ନଗରନିଗମ ପକ୍ଷରୁ ୨୦୧୨ରେ ସ୍ୱାସ୍ଥ୍ୟ ତଥା ପରିବେଶ ପାଇଁ ହାନିକାରକ ହେତୁ ପଲିଥିନର ବ୍ୟବହାର ବନ୍ଦ କରାଯାଇଥିଲା । କିନ୍ତୁ ଲୋକମାନଙ୍କ ପାଇଁ କୌଣସି ବିକଳ୍ପର ସୁବିଧା କରାଯାଇନଥିଲା । ଯାହାକି ସାଧାରଣ ଲୋକମାନଙ୍କ ପାଇଁ ଅନେକ ସମସ୍ୟା ସୃଷ୍ଟି କରିଥିଲା । ଆଉ ନିଜ ସହରବାସୀଙ୍କ ଏହି ସମସ୍ୟା ଅଶ୍ୱଥଙ୍କ ଚିନ୍ତାର କାରଣ ପାଲଟିଥିଲା । ସେ ଏହାକୁ ଦୂର କରିବା ଯୋଜନାର ଅନୁସନ୍ଧାନରେ ଲାଗିଯାଇଥିଲେ । ପ୍ରାୟ ଚାରିବର୍ଷର ପ୍ରସ୍ତୁତି ଓ ପ୍ରୟାସ ପରେ ଅଶ୍ୱଥ ପ୍ରତିଷ୍ଠା କଲେ ’ଏନଭିଗ୍ରୀନ’ ନାମରେ ଏକ କମ୍ପାନୀ । ଏହି କମ୍ପାନୀ ଲୋକମାନଙ୍କୁ ଯୋଗାଇଦେଉଛି ପରିବେଶ ଅନୁକୂଳ ବିଭିନ୍ନ ବ୍ୟାଗ । ପ୍ଲାଷ୍ଟିକ ବ୍ୟାଗ ପରି ଦେଖାଯାଉଥିବା ଏହି ବ୍ୟାଗ ଗୁଡିକର ପ୍ରସ୍ତୁତ ପ୍ରଣାଳୀ ସମ୍ପୂର୍ଣ୍ଣ ଭିନ୍ନ ହୋଇଥାଏ । ବିନା କୌଣସି ରସାୟନିକ ସାମଗ୍ରୀର ବ୍ୟବହାରରେ କେବଳ ଆଳୁ, ପାଳୁଅ, କଦଳୀ, ତେଲ ଇତ୍ୟାଦି ୧୨ଟି ସାମଗ୍ରୀର ବ୍ୟବହାର କରାଯାଇ ପ୍ରସ୍ତୁତ କରାଯାଉଛି ବ୍ୟାଗ । ପ୍ରଥମେ ଏହି କଞ୍ଚାମାଲ ଗୁଡିକୁ ଏକ ତରଳ ପଦାର୍ଥରେ ପରିଣତ କରାଯାଇ ପରକୁ ପର ୬ଟି ଧାରାରେ ଗତି କରାଯାଇ ଏହା ପ୍ରସ୍ତୁତ କରାଯାଏ । ଏହି ବ୍ୟାଗ ଗୁଡିକୁ ଗୋଟିଏ ଗ୍ଲାସ ଥଣ୍ଡା ପାଣିରେ ବୁଡାଇ ରଖିଲେ ଗୋଟିଏ ଦିନରେ ଏହା ମିଳାଇଯିବ ଏବଂ ଯଦି ଗରମ ପାଣିରେ ଏହାକୁ ରଖାଯାଏ ତେବେ ମାତ୍ର ୧୫ ସେକେଣ୍ଡରେ ଏହା ମିଳାଇଯିବ । ବ୍ୟବହାର ଅନୁପୋଯୋଗୀ ହେବା ପରେ ଏହାକୁ ଫୋପାଡି ଦେବା ପରେ ଖୁବ୍ କମ୍ ଦିନ ମଧ୍ୟରେ ଏହା ମାଟିରେ ମିଳାଇଯିବ । ସମ୍ପୂର୍ଣ୍ଣ ଭାବେ ଖାଦ୍ୟପଦାର୍ଥରେ ପ୍ରସ୍ତୁତ ହୋଇଥିବାରୁ କୌଣସି ପଶୁ ଖାଇଲେ ମଧ୍ୟ ତାଙ୍କ



ସ୍ୱାସ୍ଥ୍ୟ ପକ୍ଷେ ହାନିକାରକ ହେବ ନାହିଁ । କର୍ଣ୍ଣାଟକ ରାଜ୍ୟ ପ୍ରଦୂଷଣ କଣ୍ଟ୍ରୋଲ ବୋର୍ଡ ପକ୍ଷରୁ ମଧ୍ୟ ଏହି ବ୍ୟାଗକୁ ନେଇ ଅନେକ ପରୀକ୍ଷଣ କରାଯାଇଛି । ଏହି ବ୍ୟାଗ ଗୁଡିକୁ ଜଳାଇବା ଦ୍ୱାରା ନା ଏହା ତରଳୁଛି, ନାହିଁ ଏଥିରୁ କୌଣସି ରାସାୟନିକ ପଦାର୍ଥ କ୍ଷରଣ ହେଉଛି । ସେଣ୍ଟ୍ରାଲ ଇନଷ୍ଟିଚ୍ୟୁଟ ଅଫ୍ ପ୍ଲାଷ୍ଟିକ ଇଞ୍ଜିନିୟରିଂ ଏବଂ ଶ୍ରୀରାମ ଇନଷ୍ଟିଚ୍ୟୁଟ ଫର୍ ଇଣ୍ଡଷ୍ଟ୍ରିଆଲ୍ ରିସର୍ଚ୍ଚ ପକ୍ଷରୁ ମଧ୍ୟ ଏହାର ପରୀକ୍ଷଣ କରାଯାଇ ବ୍ୟବହାର ନିମନ୍ତେ ଅନୁମତି ଦିଆଯାଇଛି । ସମସ୍ତ କ୍ଷେତ୍ରରୁ ଅନୁମତି ପାଇବା ପରେ ଅଶ୍ୱଥ ନିଜ ଟିମ୍ ର ୬୦ଜଣ ସଦସ୍ୟଙ୍କ ସହ ମିଶି ବାଙ୍ଗାଲୋରଠାରେ ଏକ କାରଖାନା ପ୍ରତିଷ୍ଠା କରିଛନ୍ତି । ଏହି କାରଖାନାରୁ ପ୍ରତି ମାସରେ ପ୍ରାୟ ୧ହଜାର ମେଟ୍ରିକ ଟନ୍ ବ୍ୟାଗ୍ ପ୍ରସ୍ତୁତ କରାଯାଉଛି । ତାଙ୍କର ଏହି ପ୍ରୟାସ ଦ୍ୱାରା କର୍ଣ୍ଣାଟକ ଗ୍ରାମାଞ୍ଚଳର କୃଷକ ମାନେ ମଧ୍ୟ ଲାଭବାନ ହୋଇପାରୁଛନ୍ତି । କମ୍ପାନୀ ସେମାନଙ୍କ ଠାରୁ କଞ୍ଚାମାଲ କିଣିବା ସହ ସେମାନଙ୍କୁ କଞ୍ଚାମାଲ ଉତ୍ପାଦନ ପାଇଁ ବିହନ ଯୋଗାଇ ଦେଉଛି । ଭାରତର ସବୁ ସ୍ଥାନରେ ଏହି ବ୍ୟାଗ ଗୁଡିକ ବର୍ତ୍ତମାନ ପର୍ଯ୍ୟନ୍ତ ମିଳିପାରିନାହିଁ କିନ୍ତୁ ଅଶ୍ୱଥଙ୍କ କାର୍ଯ୍ୟସ୍ଥଳ କତରରେ ଏହା ଉପଲବ୍ଧ ହୋଇପାରୁଛି । ଅଶ୍ୱଥଙ୍କ କହିବାନୁଯାୟୀ, କେବଳ ବାଙ୍ଗାଲୋର ପରି ସହରରେ ପ୍ରତି ମାସରେ ପ୍ରାୟ ୩୦ହଜାର ମେଟ୍ରିକ ଟନ୍ ବ୍ୟାଗର ଆବଶ୍ୟକ ହୋଇଥାଏ । ତେଣୁ ସମସ୍ତ ସହରରେ ଏହାର ବ୍ୟବହାର ପାଇଁ ଅଧିକ କାରଖାନା ପ୍ରତିଷ୍ଠା କରିବାର ଲକ୍ଷ୍ୟ ରଖିଛୁ । ବର୍ତ୍ତମାନ ପର୍ଯ୍ୟନ୍ତ ରିଲାଏନ୍ସ ପରି କମ୍ପାନୀ ମାନଙ୍କୁ ବ୍ୟାଗ ଯୋଗାଇ ଦିଆଯାଇଛି । ଚଳିତ ଡିସେମ୍ବରଠାରୁ ସେମାନେ ଏହାର ବ୍ୟବହାର ଆରମ୍ଭ କରିଦେଇଛନ୍ତି । ପରିବେଶ ସୁରକ୍ଷା ଦିଗରେ ଅଶ୍ୱଥଙ୍କ ଏହି ପ୍ରୟାସକୁ ଅନେକ ପରିବେଶବିତ୍ ପ୍ରଶଂସା କରିଛନ୍ତି ।




# ରକ୍ତତୀର୍ଥ ଇରମରୁ କଂଗ୍ରେସ ଆରମ୍ଭ କଲା ଜନସଂପର୍କ ଯାତ୍ରା

ଭୁବନେଶ୍ୱର (ପିଏନ୍)- ସ୍ୱଚ୍ଛଶାସନର ଡିଣ୍ଡିମ ପିଟୁଥିବା ୨୨ ବର୍ଷର ରାଜ୍ୟ ବିଜେଡ଼ି ସରକାର ଏବଂ ୯ ବର୍ଷର କେନ୍ଦ୍ର ବିଜେପି ସରକାରଙ୍କ ବିଫଳତା ନେଇ ଲୋକଙ୍କୁ ଜନସଚେତନତା କରିବାପାଇଁ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ଶରତ ପଟ୍ଟନାୟକଙ୍କ ଆହ୍ୱାନରେ ସାରା ରାଜ୍ୟରେ ଜନସଂପର୍କ ଯାତ୍ରା କରାଯିବାପାଇଁ ପିସିସି ପକ୍ଷରୁ ନିଷ୍ପତି ନିଆଯାଇଥିଲା । ଏହି ଅବସରରେ ଆଜି ସ୍ୱାଧୀନତା ସଂଗ୍ରାମୀ ପୀଠ ଭଦ୍ରକ ଜିଲ୍ଲା ରକ୍ତତୀର୍ଥ ଇରମ ଠାରୁ ଜନସଂପର୍କ ଯାତ୍ରାର ଶୁଭାରମ୍ଭ ହୋଇଛି । ପିସିସି ସଭାପତି ଶ୍ରୀଯୁକ୍ତ ପଟ୍ଟନାୟକ କେନ୍ଦ୍ର ସରକାରଙ୍କ ଅଗ୍ନିପଥ ଯୋଜନାର ପ୍ରତ୍ୟାହାର ଦାବିରେ ଭଦ୍ରକ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ସତ୍ୟଗ୍ରହ କାର୍ଯ୍ୟକ୍ରମ ଜରିଆରେ ଜନସଂପର୍କ ଯାତ୍ରାର ଶୁଭାରମ୍ଭ କରି ନିଜ ଉଦ୍‌ବୋଧନରେ କହିଥିଲେ ଯେ ଦୀର୍ଘ ୨୨ ବର୍ଷ କାଳ ଏ ରାଜ୍ୟ ସରକାର କେବଳ ପ୍ରତିଶ୍ରୁତି, ପ୍ରତାରଣା ଓ ପ୍ରଚାରସର୍ବସ୍ୱ । ଦୀର୍ଘ ୨୨ ବର୍ଷ ଭିତିରେ ଗୋଟିଏ ମଧ ବୃହତମ ଶିଳ୍ପ ପ୍ରତିଷ୍ଠା ବା କୃଷିଭିତିକ ଶିଳ୍ପ ପ୍ରତିଷ୍ଠା କରିବାରେ ବିଫଳ ହୋଇଛନ୍ତି । ୨୦୦୯ ମସିହାରେ କହିଥିଲେ ପ୍ରତ୍ୟେକ ବ୍ଲକରେ ୩୫% ଜମିକୁ ଜଳସେଚିତ କରିବାପାଇଁ । କିନ୍ତୁ ଦୁଃଖର କଥା କେତେ ଜମିକୁ ଜଳସେଚିତ ହୋଇଛି ଆଉ କେତେ ବାକି ରହିଲା ତାହା କେବେ ପ୍ରକାଶ କରୁ ନାହାଁନ୍ତି । ଧାନର ଆଉବି ବିକ୍ରି ଆଜି ଅତି ଦୟନିୟ ପରିସ୍ଥିତି ସୃଷ୍ଟି କରିଛି । ଚାଷି ଆଜି ସ୍ୱର୍ବସ ହରାଇ ଆତ୍ମହତ୍ୟା କରିବାକୁ ବାଧ ହେଉଛି । ଚାଷି ମୃତ୍ୟୁ ଏକ ନିୟମିତ ଘଟଣାରେ ପରିଣତ ହେଲାଣି । ରାଜ୍ୟରେ ୪୫ଲକ୍ଷରୁ ଅଧିକ ବେକାର ଯୁବକ ଯୁବତୀ କର୍ମ ନିଯୁକ୍ତି ଅପେକ୍ଷାରେ । ରାଜ୍ୟରେ ଦାଦନ ଶ୍ରମିକଙ୍କ ସଂଖ୍ୟା କମିବା ପରିବର୍ତ୍ତେ ବହୁ ପରିମାଣରେ ବୃଦ୍ଧି ଘଟିଛି କିପରି ବୋଲି ପ୍ରଶ୍ନ କରିଛନ୍ତି ଶ୍ରୀ ପଟ୍ଟନାୟକ । ରାଜ୍ୟ ସରକାର ପ୍ରତିବର୍ଷ ୭ଲକ୍ଷ ନିଯୁକ୍ତି ଏବଂ କେନ୍ଦ୍ର ସରକାର ବର୍ଷକୁ ୨ କୋଟି ନିଯୁକ୍ତି ସୃଷ୍ଟି କରିବେ ବୋଲି ପ୍ରତିଶ୍ରୁତି ଦେଇ କ୍ଷମତାକୁ ଆସିଥିଲେ ସୁଦ୍ଧା ତାହା ପୂରଣ କରିବାରେ ଅସମର୍ଥ । ରାଜ୍ୟରେ ଶିକ୍ଷିତ ଯୁବକ ଯୁବତୀ ମାନଙ୍କୁ ସ୍ଥାୟୀ ନିଯୁକ୍ତି ଦେବା ପରିବର୍ତ୍ତେ ଠିକା ନିଯୁକ୍ତି ଦେଉଛନ୍ତି । ଏ ରାଜ୍ୟର ମହିଳାମାନଙ୍କ ସୁରକ୍ଷା ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି । ସତେ ଯେମିତି ନାରୀମାନଙ୍କ ସୁରକ୍ଷା ଏ ସରକାରର କର୍ତବ୍ୟ ବା ଦାୟୀତ୍ୱ ନୁହେଁ ବୋଲି ପ୍ରତିଦିନ ପ୍ରମାଣ ମିଳୁଛି । ଗ୍ରାମାଂଚଳରେ ଗରିବି ପରିସ୍ଥିତି ଅତି ଉତ୍କଟ ଅବସ୍ଥା । ଆଜି ସ୍କୁଲ, କଲେଜ, ବିଶ୍ୱବିଦ୍ୟାଳୟରେ ଶିକ୍ଷକ ନାହାଁନ୍ତି, ଶିକ୍ଷାଦାନ ଚାଲିବ କେମିତି, ରାଜ୍ୟର ସମ୍ବଳର ବିକାଶ କିଭଳି ହେବ କେବଳ ଗଣମାଧମରେ ନା ଖାଲି କଥାରେ । ଭୁବନେଶ୍ୱର ଜନପଥ ରାସ୍ତାକୁ ଦେଖି ରାଜ୍ୟର ବିକାଶ ହୋଇଛି ବୋଲି କହିବା ଏକ ହାସ୍ୟସ୍ପଦ କଥା । ରାଜ୍ୟରେ ଆଜି ଗ୍ରାମାଂଚଳ ମାନଙ୍କରେ ରାସ୍ତା ଘାଟର ଅବସ୍ଥା ଅତି ଶୋଚନୀୟ । ବାରମ୍ବାର ବିଜୁଳି କାଟ ତତ୍‌ସହିତ ସ୍ୱଚ୍ଛ ପିଇବାପାଣି ଆଜି ବି ଏକ ପ୍ରଶ୍ନବାଚୀ । ୨୦୨୪ ରେ ୯୦ରୁ ଉର୍ଦ୍ଧ୍ୱ କଂଗ୍ରେସ ବିଧାୟକ ଜୟଯୁକ୍ତ ହୋଇ ନବୀନ ସରକାରକୁ ଗାଦିଚ୍ୟୁତ କରିବେ ବୋଲି ଶ୍ରୀ ପଟ୍ଟନାୟକ ଦୃଢୋକ୍ତି ପ୍ରକାଶ କରିଛନ୍ତି । ସତ୍ୟାଗ୍ରହ ପ୍ରାରମ୍ଭରେ ବାସୁଦେବପୁର ସ୍କୁଲ ସାମନାରୁ ହଜାର ହଜାର ସଂଖ୍ୟାରେ କଂଗ୍ରେସ କର୍ମୀ, ଶୁଭେଚ୍ଛୁ ଓ ସମର୍ଥକମାନେ ପିସିସି ସଭାପତିଙ୍କୁ ସ୍ୱାଗତ କରି ଇରମ ପର୍ଯ୍ୟନ୍ତ ଏକ ବିଶାଳ ମୋଟର ସାଇକେଲ ଶୋଭାଯାତ୍ରାରେ ନେଇଥିଲେ । ସେଠାରେ ପିସିସି ସଭାପତି ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତିମୂର୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଆଜିର କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ପୂର୍ବତନ ସାଂସଦ ଅନ' ପ୍ରସାଦ ସେଠୀ, ସାଂସଦ ପ୍ରାର୍ଥୀ ମଧୁମିତା ସେଠୀ, ବିଧାୟକ ପ୍ରାର୍ଥୀ ଅଶୋକ ଦାସ, ଭଦ୍ରକ ଜିଲ୍ଲା ସଭାପତି ସୁବ୍ରତ ଦାସ, ବରିଷ୍ଠ କଂଗ୍ରେସ ନେତା ସୁରେଶ ମହାପାତ୍ର, କିଶୋର ଜେନା, ଶ୍ରୀଭେନ୍ଦୁ ନାହାଁ, ଲୋକନାଥ ମହାରଥୀ, ଦେବାଶିଷ ମହାପାତ୍ର, ଭଦ୍ରକ ନଗର ସଭାପତି ଅକ୍ଷୟ ଭକ୍ତ ପଟ୍ଟନାୟକ, ବ୍ଲକ ସଭାପତି ରମେଶ ବଳ, ସ୍ଥାନୀୟ ସରପଂଚ ସାବିତ୍ରି ବଳଙ୍କ ସମେତ ନୋମିନ, ଜିଲ୍ଲା ପରିଷଦ ସଭ୍ୟ ଏବଂ ହଜାର ହଜାର ସଂଖ୍ୟାରେ ଛାତ୍ର, ମହିଳା, ଯୁବକ କଂଗ୍ରେସର କର୍ମୀ, ଶୁଭେଚ୍ଛୁ ଓ ସମର୍ଥକମାନେ ଯୋଗଦେଇଥିଲେ ।

## ବୃକ୍ଷରୋପଣ କରି ଜନ୍ମଦିନ ପାଳିଲେ ଶ୍ରୀନିବାସ




ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଥାନୁଆଳ ପଞ୍ଚାୟତ କାନପୁର ଗ୍ରାମ ଦେବତୀଙ୍କ ମନ୍ଦିର ପରିସରରେ ବୃକ୍ଷରୋପଣ କରି ଜନ୍ମଦିନ ପାଳନ କରିଛନ୍ତି କଳ୍ପତରୁ ଦାସ ନେସନାଲ୍ ଫାଉଣ୍ଡେସନ୍‌ର ବୃକ୍ଷରୋପଣ ଉପଦେଷ୍ଟା ଶ୍ରୀନିବାସ ଜେନା । ବିଶ୍ୱ ପରିବେଶ ଦିବସ ସାଙ୍ଗକୁ ଜନ୍ମଦିନ ଉପଲକ୍ଷେ ସହଯୋଗୀଙ୍କ ଗହଣରେ ଶତାଧିକ ବୃକ୍ଷରୋପଣ କରିଛନ୍ତି ଶ୍ରୀନିବାସ । ପତ୍ନୀ ପଦ୍ମିନୀଙ୍କ ସହିତ ବୃକ୍ଷକୁ ଦେବତାସମ ପୂଜା କରିବା ସହିତ ନିଜେ ମାଟି ଖୋଳି ଚାରା ଲଗାଇଥିଲେ । ଆଜି ଠାରୁ ବର୍ଷାଋତୁ ଶେଷ ପର୍ଯ୍ୟନ୍ତ ସ୍ଥାନୀୟ ସ୍କୁଲ୍, କଲେଜ୍, ମନ୍ଦିର, ପଡ଼ିଆ ଆଦି ବିଭିନ୍ନ ସ୍ଥାନରେ ୫ହଜାର ଚାରାରୋପଣ କରିବା ପାଇଁ ସେ ଲକ୍ଷ୍ୟ ରଖିଛନ୍ତି । ଗତ ୨୨ବର୍ଷ ମଧ୍ୟରେ ସେ ଲକ୍ଷାଧିକ ଚାରାରୋପଣ କରିଥିବା ବେଳେ ସେଗୁଡିକର ଯତ୍ନ ନେଉଛନ୍ତି । ପରିବେଶ ଓ ଜଳବାୟୁର ସନ୍ତୁଳନ ରକ୍ଷାକରିବା ନିମନ୍ତେ ଗଛ ଲଗାଇବା ସହିତ ଏହାର ଯତ୍ନ ନେବା ପାଇଁ ସେ ଆହ୍ୱାନ ଦେଇଥିଲେ । ଏଥିସହ ପରିବେଶକୁ ସବୁଜିମା କରିବା ପାଇଁ ଗଣମାଧ୍ୟମରେ ପରିବେଶ ସମ୍ବନ୍ଧୀୟ ବାର୍ତା ଦେଇ ବୃକ୍ଷରୋପଣ କରିବାକୁ ଶ୍ରୀ ଜେନା ସମସ୍ତଙ୍କୁ ନିବେଦନ କରିଛନ୍ତି । ଏହି ଅବସରରେ ଥାନୁଆଳ ସରପଞ୍ଚ ନର୍ମଦା ସ୍ୱାଇଁ, ପୂର୍ବତନ ସମିତି ସଭ୍ୟ ପ୍ରସନ୍ନ କୁମାର ରାଉତ, ପଞ୍ଚାୟତ ବିଜେଡ଼ି ସଭାନେତ୍ରୀ ସ୍ନେହଲତା ଦୋରା, ଝିଲି ପଣ୍ଡା, ଶରତ ବେହେରା, ପ୍ରତାପ ଜେନା, ବିଜୟ ପଣ୍ଡା, ତ୍ରିନାଥ ମହାନ୍ତି, କୁଲୁ ଜେନା, ରାଜେଶ ଦୋରା ପ୍ରମୁଖ ବହୁ ଶୁଭେଚ୍ଛୁ ଶ୍ରୀ ଜେନାଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଥିଲେ ।

## ଜଗନ୍ନାଥ ସେବାପରିଷଦ ପକ୍ଷରୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ


ଯାଜପୁର (ପିଏନ୍): ଯାଜପୁର ଜିଲ୍ଲା ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଚିକଣା ଠାରେ ଅବସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ଜଗନ୍ନାଥ ସେବାପରିଷଦ ପକ୍ଷରୁ ଏକ ଆଧାତ୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ଣ୍ଣ୍ୟ ଉତ୍କଳ ଫାଉଣ୍ଡେସନର ସଭାପତି ତଥା ବରିଷ୍ଠ ପ୍ରଶାସନିକ ଅଧିକାରୀ ମନୋରଂଜନ ମହାପାତ୍ର ଓ ମୁଖ୍ୟବକ୍ତା ଭାବେ ଓଡ଼ିଶାର ବିଶିଷ୍ଟ ସାହିତ୍ୟିକ ତଥା ପ୍ରାଧ୍ୟାପକ ଡକ୍ଟର ହରିହର କାନୁନ୍‌ଗୋ, ଅନ୍ୟତମ ଅତିଥି ଭାବେ ଇଂ. ପ୍ରତାପ କୁମାର ବାରିକ ଅନୁଷ୍ଠାନର ସମ୍ପାଦକ ଯୁବ ସମାଜସେବୀ ତାପସ କୁମାର ମହାପାତ୍ର, ଯୁବକବି ଜିତେନ୍ଦ୍ର ବେହେରା ଓଡ଼ିଶାର ବିଶିଷ୍ଟ କଣ୍ଠଶିଳ୍ପୀ ପ୍ରତିଭା ପ୍ରଧାନ ପ୍ରମୁଖ ଯୋଗ ଦେଇ ଜଗନ୍ନାଥ ସେବାପରିଷଦର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଉତ୍କଳ ସାମ୍ବାଦିକ ସଂଘ ଯାଜପୁର ଜିଲ୍ଲା ସଭାପତି ତଥା ଏମ୍‌ବି ଟିଭିର ମୁଖ୍ୟ ସମ୍ପାଦକ ହରିହର ସ୍ୱାଇଁ, ଚଳଚ୍ଚିତ୍ର ନିର୍ଦ୍ଦେଶକ ନରୋତ୍ତମ ପରିଡ଼ା, ଅନ୍ୱେଷଣର ସଭାପତି ବୃନ୍ଦାବନ ମିଶ୍ର ଓ ସମ୍ପାଦକ ଅଭିମନ୍ୟୁ ମିଶ୍ର ପ୍ରମୁଖଙ୍କୁ ଅନୁଷ୍ଠାନ ପକ୍ଷରୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧନା ଦିଆଯାଇଛି । ଶେଷରେ ନରୋତ୍ତମ ପରିଡ଼ାଙ୍କ ନିର୍ଦ୍ଦେଶିତ ନାଟକ ଚନ୍ଦ୍ରସେନା ମଞ୍ଚସ୍ଥ କରାଯାଇ ଦର୍ଶକଙ୍କୁ ମନମୁଗ୍ଧ କରିଥିଲା ।

## ଶିବନାରାୟଣ ପାଇଲେ ପ୍ରକୃତି ବନ୍ଧୁ ସମ୍ମାନ



ଖୋର୍ଦ୍ଧା (ପିଏନ୍): ବିଶିଷ୍ଟ ସମାଜସେବୀ ଶିବ ନାରାୟଣ ମିଶ୍ରଙ୍କୁ ବିଶ୍ୱ ପରିବେଶ ଦିବସ ଅବସରରେ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରକୃତି ବନ୍ଧୁ ସମ୍ମାନ-୨୦୨୨ ପ୍ରଦାନ କରାଯାଇଛି । ଖୋର୍ଦ୍ଧା ଜିଲ୍ଲାପାଳ ଓ ସରକାରଙ୍କ ପ୍ରମୁଖ ଶାସନ ସଚିବ ମାନପତ୍ର ସହ ପ୍ରୋତ୍ସାହନ ରାଶି ଦଶ ହଜାର ଟଙ୍କା ପ୍ରଦାନ କରିଛନ୍ତି । ଶ୍ରୀଯୁକ୍ତ ମିଶ୍ର ବେଗୁନିଆ ଅନ୍ତର୍ଗତ କଣ୍ଟାବାଡ଼ ଗ୍ରାମର ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତଃ ନୀଳକଣ୍ଠ ମିଶ୍ରଙ୍କ ସୁପୁତ୍ର ଅଟନ୍ତି । ପରିବେଶ ସହିତ, ସ୍ୱଚ୍ଛତା, ଶିକ୍ଷା ତଥା ସମାଜରେ ଶାନ୍ତି, ମୈତ୍ରୀ, ପ୍ରଗତି ପାଇଁ ସେ ଦୀର୍ଘବର୍ଷ ହେଲା କାର୍ଯ୍ୟ କରିଆସୁଛନ୍ତି ।

## ଶତାୟୁ ମହିଳାଙ୍କ ପରଲୋକ



ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଚୋରମୁହାଁ ପଞ୍ଚାୟତ ନାଉପାଳ ଗ୍ରାମର ସ୍ୱର୍ଗତଃ ଚନ୍ଦ୍ରମଣି ମହାନ୍ତିଙ୍କ ପତ୍ନୀ ହାଡ଼ିଆଣୀ ମହାନ୍ତି (୧୦୮)ଙ୍କ ପରଲୋକ ହୋଇଯାଇଛି । ମୃତ୍ୟୁ ପର୍ଯ୍ୟନ୍ତ ସେ ସୁସ୍ଥ ଥିଲେ । ମୃତ୍ୟୁଶଯ୍ୟା ନିକଟରେ ପରିବାର ସଦସ୍ୟ ଆଶିଷ, ଶୁଭାଶିଷ, ଯତିଶ୍, ରୂପାଲୀ, ସ୍ନେହା ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ । ସମବାୟବିତ୍ ଅନ୍ତର୍ଯ୍ୟାମୀ ମହାନ୍ତିଙ୍କ ମା' ହାଡ଼ିଆଣୀ ଜଣେ ଧର୍ମପ୍ରାଣା ମହିଳା ଥିଲେ । ଖବର ପାଇ ଚୋରମୁହାଁ ପଞ୍ଚାୟତ ସରପଞ୍ଚ ପ୍ରଦ୍ୟୁମ୍ନ କେଶରୀ ମହାନ୍ତି, ସମିତି ସଭ୍ୟ ସତ୍ୟବ୍ରତ ପ୍ରଧାନ, ୧୪ନମ୍ବର ଜୋନ୍ ବିଜେଡ଼ି ସଂଯୋଜକ ମଦନମୋହନ ନାୟକ, ଯୁବନେତା ସେକ୍ ମୁନ୍ନା, ମନୋଜ କୁମାର ମହାନ୍ତି, ଚିତରଂଜନ ଜେନା, ଅନନ୍ତ ମହାନ୍ତି, ସଂଯୁକ୍ତା ମହାନ୍ତି, ମାନି ମହାନ୍ତି ପ୍ରମୁଖ ବହୁ ବ୍ୟକ୍ତି ଶେଷଦର୍ଶନ କରିଥିଲେ । ପରେ ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସଂପନ୍ନ ହୋଇଥିଲା । ନାତି ଦେବାଶିଷ ମୁଖାଗ୍ନି ଦେଇଥିଲେ ।

## ଶିକ୍ଷକଙ୍କୁ ପ୍ରକୃତି ମିତ୍ର ପୁରସ୍କାର



ଧର୍ମଶାଳା (ପିଏନ୍): ଧର୍ମଶାଳା ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ସେକ ସମସୁଦ୍ଦିନଙ୍କୁ ବିଶ୍ୱ ପରିବେଶ ଦିବସ ଅବସରରେ ପ୍ରକୃତି ମିତ୍ର ପୁରସ୍କାର ପ୍ରଦାନ କରାଯାଇଛି । ଭୁବନେଶ୍ୱରସ୍ଥିତ ରବୀନ୍ଦ୍ର ମଣ୍ଡପଠାରେ ରାଜ୍ୟ ସରକାରଙ୍କ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ବିଶ୍ୱ ପରିବେଶ ଦିବସ କାର୍ଯ୍ୟକ୍ରମରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତନ ବିଭାଗ ସଚିବ ଡ. ମୋନା ଶର୍ମା ମୁଖ୍ୟ ଅତିଥି ଭାବେ ଯୋଗଦେଇ ସେକ ସମୁଦ୍ଦିନଙ୍କୁ ଏହି ପୁରସ୍କାର ପ୍ରଦାନ କରିଛନ୍ତି । ପୁରସ୍କାର ପାଇବା ପରେ ତାଙ୍କୁ ପ୍ରାଥମିକ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀ ଶୁଭେଚ୍ଛା ଜଣାଇଛନ୍ତି ।

# ଆଦିଶକ୍ତିପୀଠ ମା'ତାରାତାରିଣୀ




ଭାରତ ଏକ ପୂଣ୍ୟଭୂମି, ଖାସ ଏହାର ଦେବୀ ଦେବତାଙ୍କୁ ନେଇ । ସୃଷ୍ଟି ଆରମ୍ଭରୁ ପ୍ରତ୍ୟେକ ସ୍ଥାନର ନିଜସ୍ୱ ସ୍ୱତନ୍ତ୍ରତା ଅଛି, ଯାହା ଅଜଣା, କେବଳ ଇତିହାସର ରୂପାନ୍ତର । ଶକ୍ତିପୀଠ, ଯାହା ଏକ ରହସ୍ୟପୂର୍ଣ୍ଣ ଗାଥା, ପ୍ରାୟତଃ ଜନମାନସରେ ଅଗୋଚର ହୋଇ ରହିଛି । ହିନ୍ଦୁ ଶାସ୍ତ୍ର ଅନୁଯାୟୀ ବ୍ରହ୍ମାଣ୍ଡ ସରଂଚନା ପାଇଁ ଭଗବାନ ବ୍ରହ୍ମା, ଭଗବାନ ମହାଦେବ ଓ ଭଗବାନ ବିଷ୍ଣୁ ତାଙ୍କର ତଥାକଥିତ ମାତା ଆଦିଶକ୍ତିଙ୍କୁ ସନ୍ତୁଷ୍ଟି ପାଇଁ ଏକ ଯଜ୍ଞର ଆୟୋଜନ କଲେ । ମା'ଶକ୍ତି ମଧ୍ୟ ଏଥିରେ ବ୍ରହ୍ମାଙ୍କୁ ସହଯୋଗ ଦେଲେ । ତେବେ ବ୍ରହ୍ମାଙ୍କ ପୁତ୍ର ଦକ୍ଷରାଜ ପିତାଙ୍କ ନିର୍ଦ୍ଦେଶରେ ମା' ଶକ୍ତିଙ୍କୁ ନିଜର ଝିଅ ରୂପରେ ପାଇବାକୁ ବିଭିନ୍ନ ଯଜ୍ଞ ଆଦି ଉପାସନା କଲେ । ଶେଷରେ ମା'ଶକ୍ତି ମାନବ ରୂପରେ ଜନ୍ମ ନେଲେ । ଏହା ପଛରେ ବ୍ରହ୍ମାଙ୍କର ଉଦ୍ଦେଶ୍ୟ ଥିଲା ଯେ, ଭଗବାନ ଶିବଙ୍କ ସହ ଶକ୍ତିଙ୍କର ମିଶ୍ରଣ କରାଇ ସୃଷ୍ଟି ସଂରଚନା କରିବା ପାଇଁ । ସେଥିପାଇଁ ସେ ତାଙ୍କର ନାମକରଣ କରିଥିଲେ ସତୀ । ମାତ୍ର କୌଣସି ପ୍ରକାର ସତୀଙ୍କୁ ଶିବ ବିବାହ କରି କୈଳାଶ ପର୍ବତ ନେଇଗଲେ । ଏହା ଜାଣିପାରି ଦକ୍ଷଙ୍କ ରାଗ ଚରମ ସୀମାରେ ପହଂଚିଗଲା । ଶିବଙ୍କୁ ସବୁ ଦେବୀ ଦେବତାଙ୍କ ସାମ୍ନାରେ ଅପମାନିତ କରିବା ପାଇଁ ଦକ୍ଷ ମୁନିମଣ୍ଡଳ (ଆନ୍ଧ୍ର ପ୍ରଦେଶର ମୁରାମଲ୍ଲା) ଠାରେ ଏକ ଯଜ୍ଞର ଆୟୋଜନ କଲେ । ଝିଅ ସତୀ ଓ ଜ୍ୱାଇଁ ଶିବଙ୍କୁ ନିମନ୍ତ୍ରଣ କଲେ ନାହିଁ । ଏଥିରେ ନିଜକୁ ଅପମାନିତ ବୋଧ କରି ସତୀ ସ୍ୱଂୟ ବାପାଙ୍କ ଯଜ୍ଞ ସ୍ଥଳରେ ପହଂଚି ଯାହା ଦେଖିଲେ ଆଖିକୁ ବିଶ୍ୱାସ କଲେ ନାହିଁ । ବାପା ଦକ୍ଷ କିଛି ଆଦର ଗଉର ନକରି ଝିଅ ଜ୍ୱାଇଁଙ୍କୁ ଅପମାନ ସୂଚକ ଶବ୍ଦ ସବୁ ଶୁଣାଇଲେ ।



ସେହିକ୍ଷଣି ବାପାଙ୍କ ଅପମାନକୁ ସହ୍ୟ କରି ନପାରି ସତୀ ଅଗ୍ନି କୁଣ୍ଡରେ ଆତ୍ମଦାହ କଲେ । ତ୍ରିକାଳଦର୍ଶୀ ଶିବ ଏ ଖବର ଜାଣି ସେଠାରେ ପହଂଚିଲେ ଓ ଗଭୀର ଦୁଃଖରେ ସତୀଙ୍କ ମର ଶରୀର ଧରି ତାଣ୍ଡବ ନୃତ୍ୟ କରିବାକୁ ଲାଗିଲେ । ସାରା ବ୍ରହ୍ମାଣ୍ଡ ପ୍ରକମ୍ପିତ ହେଲା । ସବୁଆଡ଼େ ଚାଲିଲା ଧ୍ୱଂସଲୀଳା । ଦେବ ଦେବୀ ମାନେ ଏହାର ସମାଧାନ ବା ଶିବଙ୍କ କ୍ରୋଧକୁ ଶାନ୍ତ କରିବା ପାଇଁ କିଛି ଉପାୟ ବାହାର କରିବାକୁ ବ୍ରହ୍ମା ଓ ବିଷ୍ଣୁଙ୍କୁ ଅନୁରୋଧ କଲେ । ଧ୍ୱଂସଲୀଳା ବନ୍ଦ କରି ବ୍ରହ୍ମାଣ୍ଡରେ ଶାନ୍ତି ସ୍ଥାପନ ପାଇଁ ବ୍ରହ୍ମା ବିଷ୍ଣୁଙ୍କୁ ଅନୁରୋଧ କଲେ । ବିଷ୍ଣୁ ଅନୁଭବ କଲେ, ଯେପର୍ଯ୍ୟନ୍ତ ଶିବଙ୍କ ହସ୍ତରୁ ସତୀଙ୍କ ମର ଶରୀର ଅଲଗା ହୋଇନାହିଁ, ସେପର୍ଯ୍ୟନ୍ତ ଶିବ ଶାନ୍ତ ହେବେ ନାହିଁ କି ବ୍ରହ୍ମାଣ୍ଡ ଧ୍ୱଂସାଭିମୁଖିରୁ ବର୍ତିବ ନାହିଁ । ଏଣୁ ବ୍ରହ୍ମାଣ୍ଡ ରକ୍ଷା ପାଇଁ ସଙ୍ଗେସଙ୍ଗେ ଶିବ ଧରିଥିବା ସତୀଙ୍କ ମର ଶରୀରକୁ ଖଣ୍ଡ ବିଖଣ୍ଡିତ କରି ଆତ୍ମା ରହିତ କରିବାକୁ ବିଷ୍ଣୁ ନିଜର ସୁଦର୍ଶନ ଚକ୍ରକୁ ଆଦେଶ ଦେଲେ ।

କିଛିକ୍ଷଣ ମଧ୍ୟରେ ସୁଦର୍ଶନ ଚକ୍ର ମା'ସତୀଙ୍କ ଶରୀରକୁ ଖଣ୍ଡ ବିଖଣ୍ଡିତ କରିଦେଲା ଓ ମା'ଙ୍କ ଶରୀରର ବିଭିନ୍ନ ଅଂଶ ଭାରତୀୟ ଉପମହାଦେଶର ଅନେକ ସ୍ଥାନରେ ବିଂଚି ହୋଇ ପଡ଼ିଲା । ଦୁଃଖରେ ମ୍ରିୟମାଣ ଭଗବାନ ଶିବ ସତୀଙ୍କ ବିଖଣ୍ଡିତ ଅଙ୍ଗ ଖୋଜିବା ଆରମ୍ଭ କଲେ । ଏଥିରେ ସହାୟତା କଲେ ଭଗବାନ ଭୈରବ । ସର୍ବଶେଷରେ ସତୀଙ୍କ ଅଙ୍ଗର ମୁଖ୍ୟାଂଶ ସମେତ ସମସ୍ତ ଖଣ୍ଡକୁ ଖୋଜି ପୂଜାର୍ଚ୍ଚନା ତଥା ଖଣ୍ଡ ଗୁଡ଼ିକୁ ସୁରକ୍ଷା ଦେବାକୁ ଭଗବାନ ଭୈରବଙ୍କୁ ନିର୍ଦ୍ଦେଶ ଦେଇଥିଲେ ବ୍ରହ୍ମା । ସେହି ଦୁର୍ଲଭ ସ୍ଥାନ ଗୁଡ଼ିକୁ ବ୍ରହ୍ମା, ବିଷ୍ଣୁ ଓ ଶିବ ମିଶି ଶକ୍ତି ପୀଠର ମାନ୍ୟତା ଦେଲେ । ସେଗୁଡ଼ିକ ମଧ୍ୟରେ ୪ଟି ଆଦିଶକ୍ତି ପୀଠ, ୧୮ଟି ମହାଶକ୍ତି ପୀଠ ଓ ୫୧ଟି ଶକ୍ତିପୀଠ ରହିଛି । ତେବେ ମା'ଶକ୍ତିଙ୍କର ଯେଉଁ ଅଂଶଗୁଡ଼ିକ ପ୍ରଥମ ୪ଟି ସ୍ଥାନରେ ପଡ଼ିଲା, ସେଗୁଡ଼ିକ ଆଦିପୀଠ ନାମରେ ପରିଚିତ ବୋଲି କୁହାଯାଏ । ସେହି ଆଦିପୀଠ ହେଲେ, (୧)ପୁରୀ ମନ୍ଦିରରେ ପୂଜିତା ମା'ବିମଳା(ପାଦଖଣ୍ଡ), (୨) ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ସହର ନିକଟସ୍ଥ ଋଷିକୂଲ୍ୟା ନଦୀ ଉପକଣ୍ଠରେ କୁମାରୀ ପାହାଡ଼ ଉପରେ ବିରାଜିତ ମା'ତାରା ତାରିଣୀ(ସ୍ତନଖଣ୍ଡ), ୩) ଆସାମର ଗୌହାଟୀ ସ୍ଥିତ କାମାକ୍ଷା ଦେବୀ(ଜୋନିଖଣ୍ଡ), ୪) କୋଲକତାର ଦକ୍ଷିଣ କାଳୀ(ମୁଖଖଣ୍ଡ) । ତେବେ ଓଡ଼ିଶାରେ ଉପରୋକ୍ତ ୨ଟି ଆଦିଶକ୍ତିପୀଠ ରହିଥିବାବେଳେ ଗୋଟିଏ ମହା ଶକ୍ତିପୀଠ ମା' ବିରଜା ରହିଛନ୍ତି ।




ତେବେ ଏହି ଆଦି ଶକ୍ତିପୀଠ ଗୁଡ଼ିକ ମଧ୍ୟରେ ଗଞ୍ଜାମର ତାରାତାରିଣୀ ପୀଠ ଅନ୍ୟତମ । ମନ୍ଦିରର ଗର୍ଭଗୃହରେ ୪ଜଣ ଦେବୀ ପୂଜା ପାଉଛନ୍ତି । ତାଙ୍କ ମୁଖ ମଣ୍ଡଳରେ ସୁନା ଅଳଂକାର



ଓ ବିଭିନ୍ନ ପ୍ରକାର ସୁଗନ୍ଧିତ ଫୁଲମାଳ ଶୋଭା ପାଉଛି । ମା' ତାରା ଓ ତାରିଣୀ, ଏହି ଦୁଇ ଭଉଣୀଙ୍କ ମହାତ୍ମ୍ୟ ସାରା ଦେଶରେ ଜଣାଶୁଣା । ମା' ତାରା ଓ ତାରିଣୀ ଲୋକଙ୍କ ସୁରକ୍ଷା ପାଇଁ ଆବିର୍ଭା ବୋଲି କୁହାଯାଏ । ତେବେ ଏହି ଶକ୍ତିପୀଠର ସୁରକ୍ଷା ପାଇଁ ଏକ ମନୋରମ ମନ୍ଦିର କେଉଁ କାଳରୁ ପ୍ରତିଷ୍ଠା ହୋଇଥିଲା । ମାତ୍ର ଏବେ ମୁଖ୍ୟମନ୍ତ୍ର ନବୀନ ପଟ୍ଟନାୟକଙ୍କ ଉଦ୍ୟମରେ ମନ୍ଦିରର ନୂଆ ରୂପ ଓ ବିକଶିତ ପରିବେଶ ଦେଶ ବିଦେଶର ଭକ୍ତ ଓ ପର୍ଯ୍ୟଟକ ମାନଙ୍କୁ ଆକର୍ଷିତ କରିବାରେ ସହାୟକ ହେବ । ଗଂଜାମ ଜିଲ୍ଲାର ବିକାଶ ପାଇଁ ସମସ୍ତେ ମିଳିମିଶି କାମ କରିବାକୁ ମୁଖ୍ୟମନ୍ତ୍ର ଆହ୍ୱାନ ଜଣାଇଥିଲେ । ଭକ୍ତ ଓ ପର୍ଯ୍ୟଟକଙ୍କ ପାଇଁ ବିକଶିତ ବିଭିନ୍ନ ସୁବିଧା ସୁଯୋଗର ଲୋକାର୍ପିତ କରିବା ସହ ଋଷିକୂଲ୍ୟା ନଦୀତଟ ଉନ୍ନତି କରଣ କାର୍ଯ୍ୟର ଭିତିପ୍ରସ୍ତର ସ୍ଥାପନ କରିଥିଲେ ମୁଖ୍ୟମନ୍ତ୍ର । ମାତା ତାରା ତାରିଣୀଙ୍କ ଭବ୍ୟ ମନ୍ଦିର ପ୍ରତିଷ୍ଠା ଉତ୍ସବ ଗଂଜାମ ଜିଲ୍ଲା ପାଇଁ ଉତ୍ସବ ମୁଖର ହୋଇଥିଲା । ଚାରିଆଡୁ ଏହି ପୀଠକୁ ଲୋକ ମାନଙ୍କର ସୁଅ ଛୁଟିଥିଲା । କଳିଙ୍ଗ ସ୍ଥାପତ୍ୟ ଶୈଳୀରେ ନବନିର୍ମିତ ମନୋରମ ମନ୍ଦିରର ଶୋଭାକୁ ବହୁଗଣିତ କରିଛି । ପବିତ୍ର ମନ୍ତ୍ର ଧ୍ୱନୀ ଉଚ୍ଚାରଣ ତଥା ମଙ୍ଗଳ ବାଦ୍ୟର ନିନାଦରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା । ପ୍ରତିଷ୍ଠା ଉତ୍ସବରେ ପୁରି ଜଗନ୍ନାଥ ମନ୍ଦିର ସମେତ ରାଜ୍ୟର ବିଭିନ୍ନ ମନ୍ଦିରର ସେବାୟତ ମାନେ ମଧ୍ୟ ଏଥିରେ ଯୋଗ ଦେଇଥିଲେ । ଏହି ଭବ୍ୟ ମନ୍ଦିର ନିର୍ମାଣରେ ବିଶିଷ୍ଟ ସ୍ଥପତି ପଦ୍ମଭୂଷଣ ସ୍ୱର୍ଗତ ରଘୁନାଥ ମହାପାତ୍ରଙ୍କର ବିଶେଷ ଅବଦାନ ରହିଥିଲା । ତେବେ ଏହି ଭବ୍ୟ ମନ୍ଦିର ନିର୍ମାଣରେ ସହଯୋଗ କରିଥିବା ବିଶିଷ୍ଟ ବ୍ୟକ୍ତି ମାନଙ୍କୁ ପ୍ରସଂସା କରାଯାଇ ସେମାନଙ୍କୁ ସମ୍ମାନିତ କରାଯାଇଥିଲା ।

ବ୍ରହ୍ମପୁରଠାରୁ ୩୦ କି.ମି. ଦୂର ଋଷିକୂଲ୍ୟା ନଦୀ କୂଳରେ ମା' ତାରା ତାରିଣୀଙ୍କ ପୀଠ ଅବସ୍ଥିତ । କୁମାରୀ ପାହାଡ଼ର ସର୍ବୋଚ ଶିଖରରେ ଦୁଇ ଦେବୀ ମା' ତାରା ଓ ତାରିଣୀ ପୂଜା ପାଉଛନ୍ତି । ଏହି ପୀଠକୁ ଏକ ନୂଆ ରୂପ ଦେବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଙ୍କ ପଦକ୍ଷେପ ସାକାର ହୋଇଛି । ମୁଖ୍ୟମନ୍ତ୍ରୀଙ୍କ ସଚୀବ (୫-ଟି)ଭିକେ ପାଣ୍ଡିଆନ ଗଞ୍ଜାମ ଜିଲ୍ଲାପାଳ ଥିବାବେବେଳେ ମନ୍ଦିର ରୂପାନ୍ତରର ଭୂମି ପୂଜନ କରାଯାଇଥିଲା । ପୂର୍ବରୁ ଭକ୍ତମାନେ ପାହାଡ଼ ଚଢି ମା'ଙ୍କ ଦର୍ଶନ ପାଇଁ ଯାଉଥିଲେ । ମାତ୍ର ଏବେ ସେଠାରେ



ରୋପ୍‌ୱେ ସହ ପୀଠକୁ ସୁନ୍ଦର ରାସ୍ତା ମଧ୍ୟ ତିଆରି ହୋଇଛି ।

ମୁଖ୍ୟ ମନ୍ଦିର ଭିତରେ ଥିବା ୨ଟି ମୁହଁ ଅବିକଳ ଦେବୀଙ୍କ ଭଳି ଦେଖାଯାଆନ୍ତି । ସନ୍ଧ୍ୟାରେ ମା'ଙ୍କର ଆଳତୀ ହୁଏ । ପରେ ଫଳଫୁଲ ଅର୍ପଣ କରାଯାଇ ଦେବୀମାତାଙ୍କର ମାର୍ଜନା ହୁଏ । ଏହି ସମୟରେ ନିୟମ ଅନୁସାରେ ଭକ୍ତମାନେ ଉକ୍ତ ଦୁର୍ଲ୍ଲଭ ଦୃଶ୍ୟକୁ ଦେଖିବା କିମ୍ବା ଫଟୋ ଉଠାଇବା ନିଷେଧ ରହିଛି । ସୁଖର କଥା ଯେ, ଏହି ମହାନ ଆଦି ଶକ୍ତିପୀଠର ବିକାଶ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପଦକ୍ଷେପ ନିଆଯାଇଛି । ଶକ୍ତିପୀଠର ଚତୁଃପାର୍ଶ୍ୱ ସମେତ ସିଂହଦ୍ୱାର, ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଦେବୀ ଦର୍ଶନ, ସର୍ବସାଧାରଣ ଟଏଲେଟ୍, ପାନୀୟ ଜଳ ଓ ଶକ୍ତିପୀଠକୁ ଗମନାଗମନ ବ୍ୟବସ୍ଥାର ନବୀକରଣ କରାଯାଇଛି । ସେହିପରି ମନ୍ଦିର ପରିସରରେ ପ୍ରସାଦ ସେବନ ଗୃହ, ପ୍ରତୀକ୍ଷାଳୟ, ସାଧାରଣ ଭୋଜନାଳୟ, ମନ୍ଦିର ଭିତରକୁ ସୁବିଧାରେ ପ୍ରବେଶ, ବସିବା ପାଇଁ ବେଂଚ, ପୋଲିସ୍ ଆଉଟ୍ ପୋଷ୍ଟ,ଚିକିତ୍ସାକେନ୍ଦ୍ର, ଆରାଧନା ଗୃହ ଆଦି ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ପଦକ୍ଷେପ ନେଇଛନ୍ତି । ଆଦି ଶକ୍ତିପୀଠର ନବୀକରଣ ଓ ନିର୍ମାଣ କାର୍ଯ୍ୟ ସଂପୂର୍ଣ୍ଣ ଓଡ଼ିଆ ଢଙ୍ଗରେ ହୋଇଛି ତଥା ହୋଇ ଚାଲିଛି, ଯାହା ଦେଶର ସବୁଠୁ ଆକର୍ଷକ ଓ ତୀର୍ଥଯାତ୍ରୀ ତଥା ପର୍ଯ୍ୟଟକଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି । ତେବେ ତୀର୍ଥଯାତ୍ରୀ ଓ ସାଧାରଣରେ ବିଶ୍ୱାସ ରହିଛି ଯେ, ଏଠାରେ କୌଣସି ଭକ୍ତ ବା ଶ୍ରଦ୍ଧାଳୁ ନିଷ୍ଠାର ସହ ମା'ଙ୍କର ପୂଜାର୍ଚ୍ଚନା କଲେ, ନିଜର ଜୀବନ କାଳ ମଧ୍ୟରେ ଧର୍ମ, ଅର୍ଥ, କାମ ଓ ମୋକ୍ଷ ସହିତ ସବୁକିଛି ପାଇପାରିବେ । ଏହି ବିଶ୍ୱାସରେ ନିଜର ମନସ୍କାମନା ପୂରଣ ପାଇଁ ମା'ଙ୍କର ପୂଜା-ଆରାଧନା କରିବାକୁ ପ୍ରତିଦିନ ଏହି ଆଦି ଶକ୍ତିପୀଠକୁ ହଜାର ହଜାର ଭକ୍ତ ଓ ଶ୍ରଦ୍ଧାଳୁ ଆସିଥାନ୍ତି ।

—ଶରତ କୁମାର ରାଉତ, ଭୁବନେଶ୍ୱର,
ମୋ: ୯୩୩୭୩୬୯୪୪୮

## କ୍ଷତିଗ୍ରସ୍ତ ଚାଷୀଙ୍କୁ ମିଳୁନି ପ୍ରଧାନମନ୍ତ୍ରୀ ଫସଲ ବୀମା



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲାର ଆଳି ବ୍ଲକ ଅନ୍ତର୍ଗତ ନିଆଳ ଗ୍ରାମ ପଂଚାୟତର ଶତାଧିକ ଚାଷୀ ପ୍ରଧାନମନ୍ତ୍ରୀ ଫସଲ ବୀମା ଜନିତ କ୍ଷତିପୁରଣ ପାଉ ନଥିବା ନେଇ ଜିଲ୍ଲା ପ୍ରଶାସନ ନିକଟରେ ଅଭିଯୋଗ କରିଛନ୍ତି । ଗତ ୨୦୨୧-୨୨ ଆର୍ଥିକ ବର୍ଷରେ ସେହି ଅଞ୍ଚଳର ଚାଷୀମାନେ ପ୍ରଧାନମନ୍ତ୍ରୀ ଫସଲ ବୀମା କରିଥିଲେ । ପ୍ରବଳ ବର୍ଷା ଓ ଲଘୁଚାପ ଯୋଗୁଁ ଫସଲ ସଂପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା । କିନ୍ତୁ ପ୍ରଧାନମନ୍ତ୍ରୀ ଫସଲ ବୀମା କରିଥିଲେ ମଧ ଏହି କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ବୀମା କ୍ଷତିପୁରଣ ମିଳିନଥିବାରୁ ପୂର୍ବତନ ଜିଲ୍ଲା ପରିଷଦ ସଭାପତି ଶ୍ରୀଧର ସ୍ୱାଇଁଙ୍କ ନେତୃତ୍ୱରେ ଶତାଧିକ ଚାଷୀ ଅତିରିକ୍ତ ଜିଲ୍ଲାପାଳ ପିତାମ୍ବର ସାମଲଙ୍କୁ ଭେଟି ଏ ସମ୍ପର୍କରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରି ଚାଷୀମାନଙ୍କୁ ବୀମା ରାଶି ପ୍ରଦାନ କରିବାକୁ ଦାବି କରିଛନ୍ତି ।

## ବୃଦ୍ଧାଙ୍କୁ ମରଣାନ୍ତକ ଆକ୍ରମଣ; ଥାନାରେ ଏତଲା



ଫୁଲନଖରା (ପିଏନ୍)-ଘରେ କେହି ପୁରୁଷ ସଦସ୍ୟ ନଥିଲାବେଳେ ଜଣେ ବିଧବା ବୃଦ୍ଧାଙ୍କୁ ଘରେ ପଶି ମରଣାନ୍ତକ ଆକ୍ରମଣ ହୋଇଥିବା ଥାନାରେ ଅଭିଯୋଗ ହୋଇଛି । ପୁଲିସ ସୂତ୍ରରୁ ପ୍ରକାଶ ଯେ, ସଦର ଥାନା ଗଙ୍ଗେଶ୍ୱର ମୌଜା ଅନ୍ତର୍ଗତ ଈଶ୍ୱରପୁର ଗ୍ରାମର ସ୍ୱର୍ଗତ ବିପ୍ରଚରଣ ସାହୁଙ୍କ ବିଧବା ପତ୍ନୀ କନକଲତା ସାହୁ (୭୪) ଏକୁଟିଆ ଘରେ ଥିଲେ । ଭୁବନେଶ୍ୱରରେ ରହୁଥିବା ତାଙ୍କ ଦିଅର ବସନ୍ତ ସାହୁ ଘରେ ବଳପୂର୍ବକ ପ୍ରବେଶ କରି କନକଲତାଙ୍କୁ ଅଶ୍ଳିଳ ଭାଷାରେ ଗାଳିଗୁଲଜ କରିବା ସହିତ ଏକ କଟୁରୀରେ ତାଙ୍କୁ ଆକ୍ରମଣ କରିଥିଲା ଏବଂ ସେ ତଳେ ପଡ଼ିଯିବାରୁ ତାଙ୍କୁ ଗୋଇଠା ମାଡ଼ ଦେଇଥିଲା । ଏହି ଆକ୍ରମଣରେ କନକଲତାଙ୍କ ହାତରେ ଗଭୀର କ୍ଷତ ସୃଷ୍ଟି ହୋଇଛି । ତାଙ୍କୁ ମହୀଧରପଡ଼ା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ଅପରପକ୍ଷରେ ବସନ୍ତ କନକଲତାଙ୍କ ଗାଧୁଆ ଓ ପାଇଖାନା ଘରକୁ ମଧ୍ୟ ଭାଙ୍ଗିଦେଇଥିବା ଅଭିଯୋଗ ହୋଇଛି । ଏ ସମ୍ପର୍କରେ ସଦର ଥାନାରେ ଲିଖିତ ଏତଲା ଦିଆଯିବା ପରେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି । ଜମିଜମା ବିବାଦକୁ କେନ୍ଦ୍ର କରି ଏପରି ହୋଇଥିବା ପୁଲିସ ଜାଣିବାକୁ ପାଇଛି । ତେବେ ଅଭିଯୁକ୍ତକୁ ନିଶ୍ଚୟ ଗିରଫ କରାଯିବ ବୋଲି ଆଇଆଇସି ସୁଧାଂଶୁ ଜେନା ସୂଚନା ଦେଇଛନ୍ତି ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ।।
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

# ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୨, ଜୁନ୍ ୨୯

# —ଶ୍ରୀମହାପ୍ରସାଦ—





କୌଣସି ଦେବ ବା ଦେବୀଙ୍କ ଅର୍ପିତ ଭୋଗକୁ ପ୍ରସାଦ କୁହନ୍ତି। ପ୍ରସାଦ କହିଲେ, ଉଚ୍ଛିଷ୍ଟ ବା ସର୍ଖଡ଼ିକୁ ବୁଝାଏ। ଉଚ୍ଛିଷ୍ଟ ପାଇବା ମାନେହିଁ ହାତ ଧୋଇବାକୁ ବୁଝାଏ। ଶ୍ରୀ ଜଗନ୍ନାଥଙ୍କ ଉଚ୍ଛିଷ୍ଟକୁ ମହାପ୍ରସାଦ କୁହନ୍ତି। ଏହା ପ୍ରସାଦ ହେଲେ ହେଁ, ଏହା ଉଚ୍ଛିଷ୍ଟ ନୁହେଁ। ଏହାକୁ ଭୋଜନ କରି ହାତକୁ ମୁଣ୍ଡରେ ମାରିବାକୁ ହୁଏ। ମହାପ୍ରସାଦ ଭୋଜନରେ ଛୁଆଁ ଅଛୁଆଁ ବା ଜାତିଆଣ ଗନ୍ଧର ଭାବ ନାହିଁ। ଅଛି ବିଶ୍ୱପ୍ରୀତି, ମାନବତା, ଐକିକ, ସଂହତି ଓ ମୈତ୍ରୀର ପ୍ରାଣ ପ୍ରାଚୁର୍ଯ୍ୟ। ଏହାକୁ ଆଚଣ୍ଡାଳ ବ୍ରାହ୍ମଣ ଏକତ୍ର ବସି ଭୋଜନ କରନ୍ତି। ଏଣୁ ଯଥାର୍ଥରେ ମହାଲକ୍ଷ୍ମୀ ପୁରାଣରେ ଲେଖାଅଛି : "ଚଣ୍ଡାଳୁ ବ୍ରାହ୍ମଣ ଯାଏଁ ଖୁଆ ଖୋଇ ହେବେ, ସମସ୍ତେ ଖାଇଣ ଜଳେ ହସ୍ତ ନ ଧୋଇବେ। ହାଡ଼ିର ହାତୁ ବ୍ରାହ୍ମଣ ଛଡ଼ାଇ ଖାଇବେ, ବ୍ରାହ୍ମଣ ଖାଇ ହସ୍ତକୁ ମୁଣ୍ଡରେ ପୋଛିବେ।" ଶ୍ରୀ ଜଗନ୍ନାଥଙ୍କ ପ୍ରସାଦକୁ ଶ୍ରୀ ମହାପ୍ରସାଦ କୁହନ୍ତି। ଏଠାରେ 'ଶ୍ରୀ' କହିଲେ ଲକ୍ଷ୍ମୀ, ସୌନ୍ଦର୍ଯ୍ୟ ବା ସିଦ୍ଧିଯୁକ୍ତ। 'ମହା' କହିଲେ ବଡ଼ପଣିଆ ବା ଶ୍ରେଷ୍ଠତ୍ୱ କଥାକୁ ବୁଝାଏ, ପ୍ରସାଦ କହିଲେ ଠାକୁରଙ୍କ ସର୍ଖଡ଼ି। ମୋଟାମୋଟି ଭାବେ 'ଶ୍ରୀ ମହାପ୍ରସାଦ' ପ୍ରସାଦ ମଧ୍ୟରେ ଶ୍ରେଷ୍ଠପ୍ରସାଦକୁ ବୁଝାଏ। ଯାହାକୁ ଉଚ୍ଛିଷ୍ଟ କୁହାଯାଇ ନପାରେ ଅଥଚ ଯାହାର ସେବନରେ ମୋକ୍ଷପ୍ରାପ୍ତି ଅଛି ବୋଲି ବିଶ୍ୱାସ କରାଯାଏ। ଅନେକଙ୍କ ମତରେ ମା' ପ୍ରସାଦରୁ ମହାପ୍ରସାଦ ହୋଇଛି। ମା' କହିଲେ ଏଠାରେ ବିମଳାଙ୍କୁ ବୁଝାଏ। ଜଗନ୍ନାଥଙ୍କୁ ଅର୍ପିତ ଅନ୍ନପ୍ରସାଦ ବିମଳାଙ୍କୁ ସମର୍ପଣ କରାଯାଉଥିବାରୁ, ଏହାକୁ ମହାପ୍ରସାଦ କୁହାଯାଏ। ଆଉ କେତେଙ୍କ ମତରେ ବେଦ ବିହିତ ଯଜ୍ଞ ବା ଚୁଲିରେ ଏହାକୁ ପାକ କରି ବ୍ରହ୍ମାଙ୍କୁ ଅର୍ପଣ କରାଯାଉଥିବାରୁ ଏହାକୁ ମଧ୍ୟ ମହାପ୍ରସାଦ ଆଖ୍ୟା ଦିଆଯାଇଛି। ଜଗନ୍ନାଥଙ୍କ ପାକଶାଳାର ଷଟ କୋଣାରେ ଚୁଲିକୁ ଅଗ୍ନିଯଜ୍ଞ କୁହାଯାଏ। ଏହି ଚୁଲିରେ ଏକ ସମୟରେ ୯ଗୋଟି ହାଣ୍ଡି ବସେ। ନଅ ହେଉଛି ମହାପ୍ରସାଦର ମହାନତା, ମହତ୍ୱ: ନବଗଣିତମ୍ : ଗୁଣ୍ଡ ଶାରଦା ତିଳକ। ଏହାମାନେ ହେଲା ୯ ବା ଏହାର ଗୁଣିତକ ଅଙ୍କର ହେଉଛି ମହାପ୍ରସାଦର ଗୌରବମୟ କଥା ବା କାହାଣୀ। ମହାପ୍ରସାଦର ଅନ୍ୟନାମ : କୈବଲ୍ୟ, ବୌଦ୍ଧ ଧର୍ମରେ ଏହାର ଅର୍ଥ : ଏକାଭାବ। ଜୈନ ଧର୍ମରେ ଏହା କେବଳୀ ଭାବ, ସଂସ୍କୃତରେ ଏହାର ନାମ କୈବଲ୍ୟ। ଏକାଭାବ ନେଇ ସେବନ ହେତୁ କୈବଲ୍ୟ। ଏହାର ଏକାଭାବରେ ସେବନ ହେତୁ ଜୈନ ଓ ବୌଦ୍ଧ ଧର୍ମରେ ନିର୍ବାଣ ପ୍ରାପ୍ତି ଏବଂ ହିନ୍ଦୁମତରେ ମୋକ୍ଷପ୍ରାପ୍ତି। ଏକାଭାବ। ପୁଣ ସେ କୌଣସି ସ୍ଥାନରେ ଅନ୍ନ ଭୋଜନକୁ ଜାତି-ଧର୍ମ-ବର୍ଣ୍ଣ ନିର୍ବିଶେଷରେ ଏକତ୍ର ଖାଇବାର ନଜୀରନାହିଁ। ଏଣୁ ମହାନ ପ୍ରସାଦ। ଆଉରୁ କହିଛି କୌଣସି ଦେବତା ବା ବ୍ରାହ୍ମଣର ପ୍ରସାଦକୁ ମହାପ୍ରସାଦ କୁହାଯାଇନାହିଁ: ପ୍ରସାଦ। କେଉଁଠି ସମସ୍ତେ ଏକାଠି ଭୋଜନ କରନ୍ତି ନାହିଁ କେବଳ ଶ୍ରୀକ୍ଷେତ୍ରରେ: *"ବାଇଶି ପାବଛେ ଗଲି ଶୁଖେ / କୈବଲ୍ୟ ପସରା ବେନିପାଖେ, ଚଣ୍ଡାଳୁ ବ୍ରାହ୍ମଣ ଶୁଦ୍ର ପରି ଜନ୍ତେ କୈବଲ୍ୟ ଭୁଞ୍ଜନ୍ତି ମୁଖେ ମୁଖେ।।"* ଏହି କୈବଲ୍ୟ ବା ମହାପ୍ରସାଦ ଦୁଇ ପ୍ରକାର ; ସଙ୍କୁଡ଼ି ଓ ନିସଙ୍କୁଡ଼ି। ସଙ୍କୁଡ଼ି ଭୋଗରେ ଅନ୍ନ ବା ଅନ୍ନ ଅଭଡ଼ା, ଘିଅନ୍ନ, କାନିକା ଓ ଖେଚୁଡ଼ି, ଅଦା ହେଙ୍ଗୁ, ଅଦାପଖାଳ, ଦାଲମା, ବେସର, ମହୁର, ଶାଗ ପିତା ଏବଂ ଖଟା ଇତ୍ୟାଦି ଭୋଗ। ନିଷଙ୍କୁଡ଼ି ଭୋଗ ମଧ୍ୟରେ ଖଜା, ଗଜା, ଚକୁଳି, ପୁଳି, ନାଡ଼ି, ନଡ଼ୁ, ବଡ଼ି କଦ୍ଦୁଙ୍କ ଖଜା, ମନୋହର, ଝିଲି, ଆରିଷା, କାକରା ଏବଂ ପୋଡ଼ପିଠା ଆଦି ମୁଖ୍ୟ ଅଟନ୍ତି। ପଣ୍ଡିତ କୃପାସିନ୍ଧୁ ମିଶ୍ରଙ୍କ ମତରେ ବର୍ତ୍ତମାନର ମହାପ୍ରସାଦ ବ୍ୟବସ୍ଥା ପରି ବ୍ୟବସ୍ଥା ଯଯାତି କେଶରୀ (ଖ୍ରୀ. ୫୫୨-୫୫୮) କାଳରେ ଆରମ୍ଭ ହୋଇଥିଲା। ତାଙ୍କୁ ମଧ୍ୟ ଦ୍ୱିତୀୟ ଇନ୍ଦ୍ରଦ୍ୟୁମ୍ନ କହନ୍ତି। ମାଦଳାପାଞ୍ଜି ମତେ ଗଙ୍ଗ ବଂଶର ରାଜା ରାମଚନ୍ଦ୍ର ଦେବ (୧୫୬୮-୧୬୦୦) ସେବକମାନଙ୍କୁ ଜଗାଇ ମହାପ୍ରସାଦ ସଙ୍କୁଡ଼ି ଭୋଗ ବ୍ୟବସ୍ଥା କରିଥିଲେ ଯାହା ମୁକୁନ୍ଦ ଦେବଙ୍କ ସମୟରେ କଳା ପାହାଡ଼ ଆକ୍ରମଣ ଯୋଗୁଁ ବନ୍ଦ ହୋଇ ଯାଇଥିଲା। ପରେ ଗଜପତି ନରସିଂହ ଦେବ (ଖ୍ରୀ ୧୬୨୧-୧୬୪୭) ଏହାର ପ୍ରଚଳନ କରିଥିଲେ। ଶ୍ରୀ ଜଗନ୍ନାଥ ହିଁ ବିଶ୍ୱ ଠାକୁର। ଠାକୁରୁ ବଳି ବା କିଏ ଅଛି ? ସେ ହିଁ ଅଦ୍ଭୁତ, ସେ ହିଁ ଅନନ୍ତ ନିତ୍ୟ ବର୍ତ୍ତମାନ କାଳେ କାଳେ। ତେଣୁ ଯଥାର୍ଥରେ ସେ ମହାପ୍ରଭୁ, ସେ ମହାବାହୁ। ତାଙ୍କର ସବୁକିଛି 'ମହା' ଯୁକ୍ତ। ତାଙ୍କ ସମୁଦ୍ରହିଁ ମହୋଦଧି, ତାଙ୍କ ଦାଣ୍ଡ ହିଁ ବଡ଼ ଦାଣ୍ଡ, ତାଙ୍କ କ୍ଷେତ୍ର ହିଁ ମହାନ କ୍ଷେତ୍ର ଶ୍ରୀକ୍ଷେତ୍ର; ସେ ଶ୍ରୀ କ୍ଷେତ୍ର ଠାକୁର, ପୁରୁଷୋତ୍ତମ; ତାଙ୍କ ନାନା ପ୍ରତିପଦାନ ନାନା, ତାଙ୍କ ପୂଜକ ହିଁ ବଡ଼ ପଣ୍ଡା, ତାଙ୍କ ଦେବତା ନଦୀ ମହାନଦୀ ଏବଂ ସର୍ବୋପରି ତାଙ୍କ ପ୍ରସାଦ ହିଁ ମହାପ୍ରସାଦ। ଏ ପ୍ରସାଦ ମହାଭାବର ପ୍ରତୀକ। ମହାପ୍ରସାଦରୁ ଗୁରୁତ୍ୱ ଦୃଷ୍ଟିକୁ ଅଧିକ ଗୁରୁତ୍ୱ ମହାପ୍ରସାଦକୁ ଠାରୁ ଆହୁରି ଉଚ୍ଚରେ। ସେଥିପାଇଁ ପ୍ରଭୁ କହିଛନ୍ତି : ମତେ ପ୍ରଦେ ନିନ୍ଦ ହେଲେ ମୋ କୈବଲ୍ୟକୁ ନୁହେଁ। ମୋତେ ଚନ୍ଦନ ପକା ପଢ଼େ ହେଲେ ମୋ କୈବଲ୍ୟକୁ ନୁହେଁ। ଏହା ମୋକ୍ଷର ମାର୍ଗ, କାଣିଚାଏ କୈବଲ୍ୟ ପାଇଁ ତେତିଶି କୋଟି ଦେବତାଙ୍କ ଅପେକ୍ଷା ଆଉ ନାରାୟଣଙ୍କ କହିବ କ'ଣ ? ମହାପ୍ରସାଦ ମହିମା ଅବର୍ଣ୍ଣନୀୟ। ମହାପ୍ରସାଦ ଖୁଆଇ ବନ୍ଧୁ ବାନ୍ଧନ୍ତି। କଥାରେ ଅଛି ନିକେ ମହାପ୍ରସାଦ ସୁହୃତରେ ବନ୍ଧୁ ମହାନିଜ୍ଞ ଉଭରା ଖୁଆଇଥିବାର ଏହା ବନ୍ଧୁତ୍ୱର ସଜ୍ଜା ନିଦର୍ଶନ। ଏଣୁ କୁହନ୍ତି ଆରେ କେମିତି ବନ୍ଧୁ : ନ' ମହାପ୍ରସାଦ ବନ୍ଧୁ। ମହାପ୍ରସାଦ ହିଁ ସେହି ମହା ଅର୍ଥରେ ମହାନତ, ମହାପ୍ରେମ, ମହାଭାବ ଏବଂ ମହାପବିତ୍ରତା ଆଦିର ପରିଚାୟକ। ଗଙ୍ଗାରେ ସ୍ନାନକଲେ ମୋକ୍ଷ ହୁଏ ଅଥଚ ମହାପ୍ରସାଦ ଭୋଜନ କଲେ ସମସ୍ତ କୃତ କର୍ମ ପାପନାଶ ସହିତ, ମୋକ୍ଷ ପ୍ରାପ୍ତି ହୁଏ: *ଅନ୍ନିପାଦ ପାଣନୀ ମହାପାପାନି ନାଶିତ। ତାନି ସର୍ବାଣିସ୍ୟାନ୍ତି ଜଗନ୍ନାଥଙ୍କ ଭକ୍ଷଣାତ୍।। - ବାୟୁ ପୁରାଣ। ସର୍ବପାପ ବିନିର୍ମୁକ୍ତଃ ଶୁଦ୍ଧାନ୍ତ କରଣୋ ନରଃ ସଶ୍ରଦ୍ଧଂ କୈଶବଂ ସ୍ନାନଂ କ୍ରମାଦ୍ ଯାତି ନ ସଂଶୟ।। - ସ୍କନ୍ଦ ପୁରାଣ।* ମୋକ୍ଷପାଇଁ ଗଙ୍ଗାକୁ ସ୍ନାନ କରିଯିବା ସମସ୍ତଙ୍କ ପାଇଁ ସମ୍ଭବ ନୁହେଁ। ଜଗନ୍ନାଥଙ୍କ ମହାପ୍ରସାଦ ସେହି ସ୍ନାନ ପୂରଣ କରିଥାଏ। ମହାପ୍ରସାଦ ସର୍ବତ୍ର ନ ମିଳିଲେ ହେଁ ଶୁଖିଲା ସଙ୍କୁଡ଼ି ଭୋଗ ସେ ଅଭାବ ପୂରଣ କରେ। ଜଗନ୍ନାଥଙ୍କ ଅନ୍ନଭୋଗ ଶୁଖିଲେ ତାକୁ ନିର୍ମାଲ୍ୟ କୁହନ୍ତି। ମଲା ବେଳେ ମୁଖରେ ଗଙ୍ଗାଜଳ ଦେଇପାରି ନ ଥିଲେ ନିର୍ମାଲ୍ୟ ଦେଲେ ସେ ସ୍ୱର୍ଗପ୍ରାପ୍ତି ହୁଏ। ସ୍ୱର୍ଗ କୁହାଯାଏ : ସେ ଆଉ ନୁହନ୍ତି। ତାଙ୍କ ମୁଖରେ ନିର୍ମାଲ୍ୟ ଦିଅ। ଏଥିପାଇଁ ପ୍ରତ୍ୟହ ମହାପ୍ରସାଦ ନମିଳିଲେ ବା' ସ୍ଥାନରେ ସ୍ଥାନପରେ ଶୁଦ୍ଧ ଚିତ୍ତରେ କାୟାଶୁଦ୍ଧି ପାଇଁ ଲୋକେ ନିର୍ମାଲ୍ୟ ପାଆନ୍ତି। ନିର୍ମାଲ୍ୟ ଜଗତାସଂ ନିଶିଦ୍ଧ ଶ୍ରୀକ୍ଷେତ୍ର ତେନଂଇତି ସର୍ବ୍ୟାପ୍ତି ଯେଯଃ ପ୍ରତ୍ୟହଂ ତତ୍ ଭକ୍ଷୟାଚ। ଏଥିପାଇଁ ମିଳେ ସେ ମହାପ୍ରସାଦ ଭକ୍ଷଣରେ, ଅନ୍ୟାଚ୍ଛିଷ୍ଟ ଭକ୍ଷଣ ମନା, ପବିତ୍ରତା ମଧ୍ୟରେ ଅସାରତା ଗ୍ରହଣ ସମୀଚୀନ ନୁହେଁ। କଥାରେ ଅଛି ଯଦି ମହାପ୍ରସାଦକୁ ଚଣ୍ଡାଳ ବା ଶ୍ୱାନ ସ୍ପର୍ଶ କରିଥାଏ, ତାହାକୁ ଅନ୍ୟମାନେ କ'ଣ, ବ୍ରାହ୍ମଣ ପାଇଲେ, ଦେବତାମାନେ ଯେଉଁ ଫଳ ପାଇ ନ ଥା'ନ୍ତି, ତାହା ସେମାନେ ପାଆନ୍ତି : *"କୁକୁରସ୍ୟ ମୁଖାଦ୍ ଭ୍ରଷ୍ଟଂ ତଦନ୍ନଂ ପାବନଂ ... ସଂସର୍ଗପ୍ରାପ୍ତ ମାତ୍ରେଣ ଭକ୍ଷଣ ଯଦ୍ / ବିଚାରଣା ନ କର୍ତ୍ତବ୍ୟା ନ କର୍ତ୍ତବ୍ୟା କଦାଚନ / ସାକ୍ଷାତ୍ ବ୍ରହ୍ମ ସ୍ୱରୂପୋଽୟଂ ଜଗନ୍ନାଥ ନ ସଂଶୟ।।"* ଗଙ୍ଗାଜଳ ଏବଂ ମହାପ୍ରସାଦ ମହାତ୍ମ୍ୟ ଦୃଷ୍ଟିରୁ ଉଭୟ ସମାନ। ଏହାକୁ ଦର୍ଶନ, ସ୍ପର୍ଶନ ଏବଂ ଆଘ୍ରାଣରେ କଲେ ସେଇ ପାପକ ଦୂର ହୁଏ। ବିଶ୍ୱର ଯେ କୌଣସି କପିଳାଗାଇ ଦାନକଲେ ଯେଉଁ ଫଳ ମିଳେ, ଜଗନ୍ନାଥଙ୍କ ମହାପ୍ରସାଦ ସେବନ ଦ୍ୱାରା ସେହି ଫଳ ପ୍ରାପ୍ତି ହୁଏ। ନୀଳାଦ୍ରି ମହୋଦୟ ମତେ ଯଦି ଏହି ମହାପ୍ରସାଦ ପିତୃପୁରୁଷଙ୍କ ଶ୍ରାଦ୍ଧରେ ଦିଆଯାଏ ବା ମହାଶ୍ରାଦ୍ଧରେ ସମର୍ପଣ କରାଯାଏ ଏବଂ ସେ ତାକୁ ପାଆନ୍ତି, ସେମାନେ ମୁକ୍ତ ହୋଇ ଯାଆନ୍ତି। "ପିତର ସ୍ୱପିତମେଣ ତଥା ଦେବା ମହର୍ଷୟଃ ବଲାନି ତେନ ବାନାନି ସକଳାନି ମହାପତେ।। ଜଗନ୍ନାଥଂ ମେ ତ ଦେତ ଯେନ ଭୁକ୍ତଂ ସ୍ୱୟଂ ପ୍ରାପ୍ତଂ ନାରାୟଣଂ ଓ ବିଷ୍ଣୁକଣକ ନୃପସତମ ସପ୍ତତଃ।।" ଉପରୋକ୍ତ ଉଦ୍ଧୃତ ଗଙ୍କ ଆଧାରରେ : ମୁକ୍ତି ଦେବା ଗୃହ ହୋଇଅଛି ଯୁକ୍ତଆତ୍ମ। ଏଥିପାଇଁ ମହାପ୍ରସାଦର ମୋକ୍ଷ ସମ୍ପର୍କ ଥାଏ। ଏହାହିଁ କୈବଲ୍ୟ : ନିର୍ବାଣ ମାର୍ଗ। ଏଣୁ ଯଥାର୍ଥରେ ଭକ୍ତର ଦୃଷ୍ଟରେ : "ତୁଣ୍ଡ ନିର୍ମାଲ୍ୟରେ ପ୍ରାଣ ଯାଉ ହେ, ମହାବାହୁ, ମୋତେ କେବଳ କୈବଲ୍ୟ କରିବାକୁ ଦେଇ ହେ ମହାବାହୁ!"

**ବିପିନବିହାରୀ ମହାନ୍ତି**, ଅଧ୍ୟକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ, ବିପିନବିହାରୀ ପାଠାଗାର, କଟଣୀ, ଦୂରଭାଷ : ୯୯୩୮୩୪୪୧୩୮

# ଦୀନ-ଦରିଦ୍ରର ବନ୍ଧୁ ଗୋପବନ୍ଧୁ

ହିମାଂଶୁଶେଖର ଆଚାର୍ଯ୍ୟ




ସେଦିନ ଥିଲା ୧୯୨୮ ମସିହା ଜୁନ୍ ମାସ ୧୭ ତାରିଖ, ପବିତ୍ର ନେତ୍ରୋତ୍ସବ ତିଥି। ଯେତେବେଳେ ଉତ୍କଳର ଆରାଧ୍ୟ ଦେବତା ଜଗତର ନାଥ ଜଗନ୍ନାଥଙ୍କ ନବଯୌବନ ବେଶ ଦେଖିବା ପାଇଁ ପୁରୀ ବଡଦାଣ୍ଡ ଚଳଚଞ୍ଚଳ, ଠିକ୍ ସେତିକିବେଳେ ଓଡିଶାର ମଉଡମଣି, ତ୍ୟାଗବୀର, ଜନସେବକ, ସାଧକ ଗୋପବନ୍ଧୁ ତାଙ୍କର ପ୍ରିୟ କର୍ମପୀଠ ସତ୍ୟବାଦୀରେ ଚିରଦିନ ପାଇଁ ନେତ୍ର ବନ୍ଦ କରିଦେଲେ। ମାତ୍ର ୫୧ ବର୍ଷ ବୟସରେ ତାଙ୍କ ଜୀବନଦୀପ ଲିଭିଗଲା ସତ, କିନ୍ତୁ ବହୁବର୍ଷ ବଞ୍ଚିରହି କୁହୁଳି ମରିବା ଅପେକ୍ଷା ନିଆଁ ଭଳି ମୁହୂର୍ତ୍ତେ ଜଳି ଚାରିଆଡେ ଆଲୋକ ବିତରଣ କରି ଚାଲିଗଲେ ସେ। ସେଥିରେ ଅଛି ମଣିଷ ଜୀବନର ସାର୍ଥକତା। ସେଥିପାଇଁ ତାଙ୍କ ମୃତ୍ୟୁ ଖବର ପାଇ ଜାତିର ପିତା ମହାତ୍ମା ଗାନ୍ଧୀ ବ୍ୟଥିତ ହୋଇ ଲେଖିଥିଲେ– "ଗୋପବନ୍ଧୁଙ୍କର ରକ୍ତ ମାଂସ ଶରୀରଟିଏ ଆମ ଭିତରେ ନାହିଁ ସତ ତାଙ୍କ ଆତ୍ମା ଆମ ଭିତରେ ଅଛି ନିଶ୍ଚୟ..."।

କୈଶୋରରୁ ତାଙ୍କର ସମାଜସେବା ମନୋବୃତ୍ତିର ସୁରାକ ମିଳିଥିଲା। ନିଜ ଗାଁର ଅବସ୍ଥାରୁ ହିଁ ସେ ସାରା ରାଜ୍ୟର ସମକାଳୀନ ଚିତ୍ରକୁ ପଢ଼ିପାରିଥିଲେ। ଶୈଶବରେ ମାତୃ-ପିତୃ ବିୟୋଗଜନିତ ଦୁଃଖ, ଯୌବନରେ ପତ୍ନୀଙ୍କ ବିଚ୍ଛେଦ ଓ ପରିବାରର ଆର୍ଥିକ ଦୁରବସ୍ଥା ତାଙ୍କୁ ତାଙ୍କ ଲକ୍ଷ୍ୟପଥରୁ ବିଚ୍ୟୁତ କରିପାରି ନ ଥିଲା। ବନ୍ୟା, ବାତ୍ୟା ଓ ଦୁର୍ଭିକ୍ଷରେ ପ୍ରପୀଡ଼ିତ ଜନତାଙ୍କ କରୁଣ ଓ ଅସହାୟ ଅବସ୍ଥା ଦେଖି ସେ ବିଚଳିତ ହୋଇଯାଉଥିଲେ। ସେମାନଙ୍କ ଦୁର୍ଦ୍ଦଶାର ଅନ୍ତ ଘଟାଇବା ପାଇଁ ଓ ଜନମାନସରେ ଦେଶପ୍ରେମ ଭାବନା ଜାଗ୍ରତ କରିବା ପାଇଁ ସେ ଅନେକ ଅନୁଷ୍ଠାନ ଗଠନ କରିଥିଲେ। ପୁରୀ ସେବା ସମିତିଠାରୁ ଆରମ୍ଭ କରି କଲିକତାର ନିର୍ଯାତିତ ଓଡ଼ିଆମାନଙ୍କ ପାଇଁ କଲିକତା ଓଡ଼ିଆ ଶ୍ରମିକ ସଂଘ, ଯୁବ ଉତ୍କଳ ସଂଘ ଓ ଓଡ଼ିଆ ଶିକ୍ଷା ସଂଗଠନ ମାଧ୍ୟମରେ ସେ ସେବାର ଯେଉଁ ପରମ୍ପରା ଆରମ୍ଭ କରିଥିଲେ ତାହା ସାରା ଦେଶରେ ଆଲୋଡ଼ନ ସୃଷ୍ଟି କରିଥିଲା। ନିଃସ୍ୱାର୍ଥପର ଜନସେବାର ସେ ଯେଉଁ ମହାନ୍ ଆଦର୍ଶ ସ୍ଥାପନ କରିଯାଇଛନ୍ତି ତାହାର ବିକଳ୍ପ ଓ ତୁଳନା ନାହିଁ। ସେଥିପାଇଁ ନିଜର ରୋଗଗ୍ରସ୍ତ ପୁତ୍ରକୁ ଛାଡ଼ି ବନ୍ୟା ପ୍ରପୀଡ଼ିତଙ୍କ ସେବା କରିବା ପାଇଁ ସେ ସେଦିନ ଦୌଡ଼ିଯାଇଥିଲେ ଓ ଫେରିବାପରେ ନିଜର ପୁତ୍ରର ମୃତ୍ୟୁ ଖବର ପାଇଥିଲେ। ଆଜି ବି ତ୍ୟାଗ, ସେବା, ଦେଶଭକ୍ତି ଓ ମଣିଷପଣିଆର କଥା ପଡ଼ିଲେ ଲୋକଙ୍କ ମନରେ ତାଙ୍କର ସ୍ମୃତି ହିଁ ପ୍ରଥମେ ଉଙ୍କିମାରେ।

ଅଶିକ୍ଷା, କୁସଂସ୍କାର ଓ ଦାରିଦ୍ର୍ୟ ହିଁ ସମାଜର ମୁଖ୍ୟ କଳଙ୍କ ବୋଲି ମର୍ମେ ମର୍ମେ ଅନୁଭବ କରିଥିଲେ ଗୋପବନ୍ଧୁ। ଏଥିରୁ ମୁକ୍ତିପାଇଁ ସେ ୧୯୦୯ ମସିହା ଅଗଷ୍ଟ ୧୨ ତାରିଖରେ ସତ୍ୟବାଦୀର ବକୁଳ ଓ ଛୁରୀଅନା କୁଞ୍ଜତଳେ ଆରମ୍ଭ କରିଥିଲେ "ସତ୍ୟବାଦୀ" ବନବିଦ୍ୟାଳୟ। ଗୋପବନ୍ଧୁଙ୍କ ଦ୍ୱାରା ପ୍ରତିଷ୍ଠିତ ଏହି ବିଦ୍ୟାଳୟଟି ଥିଲା ଏକ ମଣିଷତିଆରି କାରଖାନା। ଏହାର ମୁଖ୍ୟ ଆଭିମୁଖ୍ୟ ଥିଲା ଜାତୀୟଚେତନା, ଦେଶାତ୍ମବୋଧ ଓ ନୈତିକ ମୂଲ୍ୟବୋଧର ପ୍ରତିଷ୍ଠା। ପଣ୍ଡିତ ନୀଳକଣ୍ଠ, ଆଚାର୍ଯ୍ୟ ହରିହର, ପଣ୍ଡିତ ଗୋଦାବରୀଶ ଓ ପଣ୍ଡିତ କୃପାସିନ୍ଧୁଙ୍କ ଭଳି ମନିଷୀମାନଙ୍କ ନିଷ୍ଠାପର ସାଧନା ଓ ଶ୍ରମଦାନରେ ଗୁରୁକୁଳ ଶିକ୍ଷାର ଏକ ନୂତନ ଅଧ୍ୟାୟ ସୃଷ୍ଟି ହୋଇଥିଲା। ରବୀନ୍ଦ୍ରନାଥ ଠାକୁରଙ୍କ ଦ୍ୱାରା ପ୍ରତିଷ୍ଠିତ ଶାନ୍ତିନିକେତନ ଏବଂ ଆର୍ଯ୍ୟସମାଜ ଦ୍ୱାରା ପ୍ରତିଷ୍ଠିତ ବୈଦିକ ଶିକ୍ଷାନୁଷ୍ଠାନ ଢାଞ୍ଚାରେ ଗୋପବନ୍ଧୁଙ୍କ ଦ୍ୱାରା ପ୍ରତିଷ୍ଠିତ ସତ୍ୟବାଦୀ ବନବିଦ୍ୟାଳୟ ଶିକ୍ଷା କ୍ଷେତ୍ରରେ ଏକ ବିପ୍ଳବ ସୃଷ୍ଟି କରିବାରେ ସମର୍ଥ ହୋଇଥିଲା।

ଖଣ୍ଡବିଖଣ୍ଡିତ ଓଡ଼ିଶାର ଏକତ୍ରିକରଣ ପାଇଁ ତାଙ୍କର ଆନ୍ତରିକ ଅବଦାନ ରହିଥିଲା। ୧୯୧୭ ମସିହାରେ ବିହାର-ଓଡ଼ିଶା ବିଧାନସଭାରେ ସଭ୍ୟଭାବେ ନିର୍ବାଚିତ ହେବାପରେ ସେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପାଇଁ ଦୃଢ଼ ଦାବି ଉପସ୍ଥାପିତ କରିଥିଲେ। ମହାତ୍ମାଗାନ୍ଧୀଙ୍କୁ ଓଡ଼ିଶା ଆଣି ଉତ୍କଳମଣି ରାଜ୍ୟରେ ରାଜନୈତିକ ଚେତନା ସୃଷ୍ଟି କରିବା ସହ ସ୍ୱାଧୀନତା ପାଇଁ ରାଜ୍ୟବାସୀଙ୍କ ମନରେ ମୁକ୍ତିର ମଶାଲ ଜଳାଇବାର ଶୁଭାରମ୍ଭ କରିଥିଲେ। ଜାତୀୟବାଦ ପ୍ରଚାର କରିବା ଉଦ୍ଦେଶ୍ୟରେ ୧୯୧୫ ମସିହାରେ ଉତ୍କଳମଣି 'ସତ୍ୟବାଦୀ ମାସିକ ପତ୍ରିକା' ପ୍ରକାଶନ କରିଥିଲେ, ଯେଉଁଥିରେ ଓଡ଼ିଆମାନଙ୍କର ସମସ୍ୟାଗୁଡ଼କ ଅଗ୍ରାଧିକାର ଦିଆଯାଉଥିଲା। ସେହିପରି ମୂକ ଓଡ଼ିଆକୁ କଥା କହିବାର ଶୈଳୀ ଶିଖାଇବା ଉଦ୍ଦେଶ୍ୟରେ ତାଙ୍କ ଚିନ୍ତା ଚେତନାରୁ ସୃଷ୍ଟି ହେଲା ୧୯୧୯ ମସିହାରେ ସାପ୍ତାହିକ ସମ୍ବାଦପତ୍ର 'ସମାଜ'। 'ସମାଜ'ରେ ପୋଲିସର ମାତ୍ରାଧିକ କାର୍ଯ୍ୟ ଓ ଅବିଚାର ବିରୁଦ୍ଧରେ ନିର୍ଭୀକ ସମ୍ବାଦ ପରିବେଷଣ କରି ସେ ୧୯୨୨ ମସିହାରେ କାରାବରଣ କରିଥିଲେ। ୧୯୨୪ରେ ଜେଲ୍‌ରୁ ଖଲାସ ହେବାପରେ କଟକରେ ଅନୁଷ୍ଠିତ ବିଶାଳ ସମାବେଶରେ ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ସଭାରେ ବିଶିଷ୍ଟ ବୈଜ୍ଞାନିକ ଆଚାର୍ଯ୍ୟ ପ୍ରଫୁଲ୍ଲ ଚନ୍ଦ୍ର ରାୟ ତାଙ୍କୁ 'ଉତ୍କଳମଣି' ବୋଲି ସମ୍ବୋଧନ କରିଥିଲେ ଓ ଉପସ୍ଥିତ ସମସ୍ତ ଜନତା କରତାଳି ମାଧ୍ୟମରେ ଏହି ଉପାଧିକୁ ସ୍ୱୀକୃତି ଦେଇଥିଲେ। ପରେ ଲୋକସେବକ ମଣ୍ଡଳର ଆଦର୍ଶରେ ଉଦ୍‌ବୁଦ୍ଧ ହୋଇ ମୃତ୍ୟୁ ପୂର୍ବରୁ ସେ 'ସତ୍ୟବାଦୀ ପ୍ରେସ୍' ଓ 'ସମାଜ'ର ପରିଚାଳନା ଭାର ଲୋକସେବକ ମଣ୍ଡଳକୁ ଅର୍ପଣ କରିଥିଲେ।



କେବଳ ବନ୍ୟା, ବାତ୍ୟା, ମରୁଡି ପ୍ରପୀଡିତ ଲୋକଙ୍କ ଦୁର୍ଦ୍ଦଶା ଦୂର କରିବା ନୁହେଁ, ଭାଷାଭିତ୍ତିକ ଓଡ଼ିଶା ପ୍ରଦେଶ ଗଠନ, ଭାରତର ମୁକ୍ତି ଆନ୍ଦୋଳନ ଓ ଜାତୀୟ କଂଗ୍ରେସର ଆଭିମୁଖ୍ୟ ପ୍ରଚାର ଓ ପ୍ରସାର କରାଇବାରେ ଅଗ୍ରଭାଗରେ ଥିଲେ ଗୋପବନ୍ଧୁ। ଭାରତୀୟ ଜାତୀୟ କଂଗ୍ରେସର ଆଦର୍ଶ ଓ କାର୍ଯ୍ୟକ୍ରମ ପ୍ରତି ଆକୃଷ୍ଟ ହୋଇ ୧୯୨୦ ମସିହାରେ ସେ କଂଗ୍ରେସର ନାଗପୁର ଅଧିବେଶନରେ ଯୋଗ ଦେଇଥିଲେ। ପରେ ଓଡ଼ିଶା ପ୍ରାଦେଶିକ କଂଗ୍ରେସର ସେ ସଭାପତିଭାବେ କଂଗ୍ରେସକୁ ସଂଗଠିତ କରି ଅସହଯୋଗ ଆନ୍ଦୋଳନର ମୁଖ୍ୟକର୍ଣ୍ଣଧାର ଥିଲେ। ଇଂରେଜ ସରକାର ତାଙ୍କୁ ବନ୍ଦୀ କରି ଜେଲ୍‌ର ଚାରିକାନ୍ଥ ଭିତରେ ରଖିଥିଲେ। ମାତ୍ର ସେ ରହିଥିଲେ ଉତ୍କଳବାସୀଙ୍କ ହୃଦୟରେ। ଗୋପବନ୍ଧୁଙ୍କ ରଚିତ କବିତା –"ମିଶୁ ମୋର ଦେହ ଏ ଦେଶ ମାଟିରେ/ ଦେଶବାସୀ ଚାଲି ଯାଆନ୍ତୁ ପିଠିରେ/ଦେଶର ସ୍ୱରାଜ୍ୟ ପଥେ ଯେତେ ଗାଡ଼/ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼"– ତାଙ୍କ ସ୍ୱକୀୟ ଚିନ୍ତାଧାରା, ସ୍ୱଦେଶପ୍ରୀତି ଓ ସଂଗ୍ରାମୀ ଜୀବନ ସମ୍ପର୍କରେ ସୂଚନା ଦିଏ। ତାଙ୍କ ରଚିତ 'ଧର୍ମପଦ, ବନ୍ଦୀର ଆତ୍ମକଥା, କାରା କବିତା, ଅବକାଶ ଚିନ୍ତା, ନଚିକେତା ଉପାଖ୍ୟାନ, ଗୋ-ମାହାତ୍ମ୍ୟ କାବ୍ୟ କବିତାରେ ଜାତୀୟତାବୋଧ, ବିଶ୍ୱପ୍ରେମ ଭାବ ଅତି ସୁନ୍ଦର ଭାବେ ପ୍ରକଟିତ ହୋଇଥିବାର ଦେଖାଯାଏ। ଆଜି ବି ବଢ଼ି, ମରୁଡି ବେଳେ ଅସହାୟ ମଣିଷର ଆର୍ତ୍ତଚିତ୍କାର ଶୁଭୁଛି। କିନ୍ତୁ ଲୋକଙ୍କ ପାଖରେ ପହଞ୍ଚି ତାଙ୍କୁ ବୋଧ ଦେଇ, ଭରସା ଦେଇ ଆଖିର ଲୁହ ପୋଛି ନିଜ ହାତରେ ଖୁଆଇ ଦେଲାଭଳି ମଣିଷ ଜଣେ ବି କେହି ନାହାଁନ୍ତି। ସେଥିପାଇଁ ଆମ ଗୋପବନ୍ଧୁ ଆମ ପାଇଁ କାଳେ କାଳେ ନମସ୍ୟ, ସବୁ ଦିନର ଆଦର୍ଶ। ସମୟ ଆସିଛି ଆମେ ନିଜକୁ ବଦଳାଇବା, ଆମ ଜାତି ଓ ଜାତୀୟତା ପାଇଁ ନିଜକୁ ଉତ୍ସର୍ଗ କରିବା, ଯାହା ଉତ୍କଳମଣି ଗୋପବନ୍ଧୁ ଦାସ କରିଥିଲେ। ତାହାହେଲେ ଯାଇ ପୁଣି ଗୋପବନ୍ଧୁ ଆମ ଭିତରେ ଜୀବନ୍ନ୍ୟାସ ପାଇବେ। ଏହାହିଁ ଆଜି ସେହି ପୁଣ୍ୟାତ୍ମାଙ୍କ ୯୪ତମ ଶ୍ରାଦ୍ଧୋତ୍ସବ ପାଳନ ଅବସରରେ କାମନା।

*–ସଭାପତି, ସାରସ୍ୱତ ପରିଷଦ, ଜଗତସିଂହପୁର, ମୋ–୯୯୩୭୧୫୧୦୫୨*

# ଗୋପବନ୍ଧୁ ସାହିତ୍ୟରେ ବିଶ୍ୱପ୍ରେମ



ବର୍ଷ ପରେ ବର୍ଷ କାଳର କରାଳ କବଳରେ ଗ୍ରାସ ହୋଇଯାଏ। ସମୟର ଅପ୍ରତିହତ ନିରବଚ୍ଛିନ୍ନ ଗତିଧାରାର ପ୍ରଖର ସ୍ରୋତରେ ଏହି କ୍ଷଣଭଙ୍ଗୁର ଜଡ଼ ଜଗତର ସମସ୍ତ ସୃଷ୍ଟି ବସ୍ତୁ ତା'ର ସ୍ଥୁଳସତ୍ତା ହରାଇ ବସେ, କିନ୍ତୁ ତ୍ୟାଗୀ, ନିଷ୍ଠାପର ଦେଶସେବକ, ତପସ୍ୱୀ ଓ ମହାତ୍ମା ପୁରୁଷର ନିଷ୍ପାପ ନିତ୍ୟ ଶୁଦ୍ଧମୁକ୍ତ ଅମର ଆତ୍ମାର ମହାନ ତେଜ ଚିରକାଳ ଦେଶର ଓ ସମାଜର ପ୍ରତି ଅଣୁପରମାଣୁରେ ମଧ୍ୟ ପରିବ୍ୟାପ୍ତ ହୋଇ ଚିର ଭାସ୍ୱରାଲୋକରେ ସୃଷ୍ଟିକୁ ଉଦ୍‌ଭାସିତ କରେ। ସଂସ୍କୃତିରେ ସେଥିପାଇଁ କଥିତ ଅଛି:– "କୀର୍ତ୍ତିଯସ୍ୟ ସଃଜୀବତି"। ଉକ୍ତ ବିଷୟର ପୃଷ୍ଠଭୂମିକୁ ଉପଜୀବ୍ୟ କରି ଏକଦା ପାଶ୍ଚାତ୍ୟ ମନୀଷୀ ଲଙ୍ଗଫେଲୋ ଲେଖିଥିଲେ–"Lives of great men all remind us, We can kame our lives sublime. And departing leaves behend us, Foot prints on the sands of time Foot prints that perhaps another, Sailing over Life's solemm main, A Forlon and ship wrecked brother Seeing shall take heart again." ନାଗାଧିରାଜ ହିମାଳୟର ବିରାଟତା ତଥା ବିଚିତ୍ରତା କଳନା କରିବା ଯେତିକି ଦୁରୁହ, କାଳନିକତା ପଥର ଉପରେ ଉଜ୍ଜ୍ୱଳ ରେଖାପାତ କରିଥିବା ଗୋପବନ୍ଧୁଙ୍କ ଅମଳିନ ପ୍ରତିଭା, ବିଶାଳ ସାହିତ୍ୟର ପ୍ରତି ଗ୍ରନ୍ଥରେ ପରିବ୍ୟାପ୍ତ ଦିଗନ୍ତ ପ୍ରସାରୀ ବିଶ୍ୱପ୍ରେମର ବିରାଟତା ତଥା ବିଚିତ୍ରତା ପରିମାପ କରିବା ବଧ ସେତିକି ଦୂରୁହ। ସୃଷ୍ଟିର ଅନାଦି କାଳରୁ ସାହିତ୍ୟ ଚିର ଜାଜ୍ଜ୍ୱଲ୍ୟମାନ ସୃଷ୍ଟିର ନିରନ୍ଧ୍ର ଅନ୍ଧକାରକୁ ବିଦୂରିତ କରି ମାନବ ଜୀବନକୁ ସରସ, ସୁନ୍ଦର, ସାବଲୀଳ କରି ଗଢ଼ି ତୋଳିବା ହିଁ ଏହାର ପରମ ତଥା ଚରମ ଲକ୍ଷ୍ୟ। ଏକତା ଡ଼କ୍ଟର ଜନ୍‌ସନ୍:– ଗଦ୍ୟ ସାହିତ୍ୟକୁ ବାଖ୍ୟା କରିବାକୁ ଯାଇ କହିଥିଲେ – "ଗଦ୍ୟ ହିଁ ହୁଗୁଳା ମନର ଏକ ଅନିୟମିତ ଅଭିବ୍ୟକ୍ତି"। ଅର୍ଥାତ୍ "A loose sally of mind an lrregular indigested piece nor a regular or orderly composition"। ଚଳମାନ ସମୟର କ୍ରମବିକାଶ କ୍ରମେ ବହୁ ଯୋଗଜନ୍ମାଙ୍କର ଲେଖନୀ ସ୍ପର୍ଶରେ ସାହିତ୍ୟ ଆଜି ରସାଳ। ତୁଷାର ପିଣ୍ଡରୁ ଯେପରି କଳକଳ ନିନାଦିନୀ ନିର୍ଝରଣୀର ସୃଷ୍ଟି, ଶାମୁକାନ୍ତରାଳରୁ ଯେପରି ମୁକ୍ତାରତ୍ନର ଉତ୍ପତ୍ତି, ସିଦ୍ଧାନ୍ତ ମଧ୍ୟରୁ ଯେପରି ଉପପାଦ୍ୟ ପରିସ୍ଫୁଟ ସେହିପରି ଗୋପବନ୍ଧୁଙ୍କ ଲେଖନୀଭବ ସାହିତ୍ୟରେ ବିଶ୍ୱପ୍ରେମ ଉଦ୍ଭାସିତ ଓ ଝଙ୍କାରିତ। ପ୍ରେମ ସ୍ୱର୍ଗୀୟ ଓ ଅନନ୍ତ। ପ୍ରେମରାଜ୍ୟରେ ଅସତ୍ୟ ଅନ୍ୟାୟ ଓ ଅମଙ୍ଗଳର ସ୍ଥାନ ନାହିଁ। ଏହି ପ୍ରେମ ବିଶ୍ୱାସର ମହନୀୟତାକୁ ପ୍ରତିପାଦନ କରି ଇଂରେଜ କବି ଟେନିସନ୍ କହିଛନ୍ତି: "If love belove off love of ours faith and unfaith are never equal powers. Unfaith is aught, Is want of faith in all." ଏହି ଭାବାବେଗରେ ଯେଉଁମାନଙ୍କ ହୃଦୟ ମନ ଅସ୍ଥିର ହୋଇ ଉଠିଥିଲା, ଯେଉଁମାନଙ୍କ ସରଳ ପ୍ରାଣ ଶୋକ ଜର୍ଜରିତ ହୋଇଥିଲା, ଯେଉଁମାନେ ନିଜେ କାନ୍ଦି ଅନ୍ୟମାନଙ୍କୁ ଜନ୍ମଭୂମି ପାଇଁ କନ୍ଦାଇ ପାରିଥିଲେ, ସେମାନଙ୍କ ମଧ୍ୟରେ ଛୁରିଅନା ବନର ଦରଦୀମଣି ଉତ୍କଳମଣି ଗୋପବନ୍ଧୁ ହିଁ ଶ୍ରେଷ୍ଠ ସ୍ଥାନର ଅଧିକାରୀ। ରାଜନୀତିରେ ସରଳତା, ସାହିତ୍ୟାନୁରାଗରେ ସରସତା, ସେବା ମନୋବୃତ୍ତିରେ ଆତୁରତା, ପରଦୁଃଖରେ କାତରତା, ଶିକ୍ଷାଦାନରେ ଆବେଗତା, ପ୍ରେମରେ ପବିତ୍ରତା, ଯାହାଙ୍କର ଗଭୀର ହୃଦୟକୁ ସଦାସର୍ବଦା ଉଦ୍ ବୁଦ୍ଧ କରୁଥିଲା, ସେହି କେବଳ ଉତ୍କଳମଣି ଯିଏ ପରକୁ ଆପଣାର କରିବାକୁ ଯାଇ ନିଜର ଅମୂଲ୍ୟ ସମ୍ପଦ ଜୀବନକୁ ଦେଶ ଓ ଜାତି ପାଇଁ ବଳି ଦେଇ ଲେଖିଛନ୍ତି – "ଜୀବନକି ଖାଲି ନିରାଶାର ବାଲି ମରୁ ମରିଚିକା ସେନେହ ପ୍ରୀତି ? ତେବେ କି ଆଶାରେ କହ ଏ ସଂସାରେ ପରଲାଗି ନର ମରୁଛି ନୀତି ? ପ୍ରେମ ପରା ସହେ ସହି ସୁଖ ପାଏ ପ୍ରେମ ନ ଜାଣଇଁ କେବେ ଶୋଚନା, ପ୍ରିୟଜନେ ନୁହେଁ ପ୍ରେମିକ ବିମୁଖ ହେଲେ ହେଉ ପଛେ ଗୁରୁଗଞ୍ଜନା।" ସେ ବିପ୍ଳବର ଅଗ୍ନିଦାହ ମଧ୍ୟରେ ଜନ୍ମନେଇ ତା'ର ଉତ୍ତପ୍ତତା ମଧ୍ୟରେ ହିଁ ମୃତ୍ୟୁବରଣ କଲେ କାହାପାଇଁ ? ନିଜପାଇଁ, ନିଜ ସ୍ତ୍ରୀ ପାଇଁ ନା ପରିବାର ପାଇଁ ? ନିଜ ରକ୍ତ ମାଂସରେ ଗଢ଼ା ପ୍ରତିନିଧିକୁ ମୃତ୍ୟୁମୁଖରେ ପକାଇ ଶୁଷ୍କ ନୟନରେ ପ୍ରିୟତମଠାରୁ ବିଦାୟ ନେଇଥିଲେ। ପତ୍ନୀଙ୍କର ଦାରୁଣ ବିୟୋଗାତ୍ମକ ବିରହରେ ବି ନିଜକୁ ଦାରୁଭୂତ ମୁରାରୀ କରି ପାରିଥିଲେ କେବଳ ସାର୍ବଜନୀନ ଭାବ ପାଇଁ ଓ ବିଶ୍ୱପ୍ରେମ ପାଇଁ, କାରଣ କଥାରେ ଅଛି "Universality in action is the law of divine living." ରାଜନୈତିକ ଦୃଷ୍ଟିରୁ ବିଚାର କଲେ ସେ ଉତ୍କଳୀୟ, ପରେ ଭାରତୀୟ ଏବଂ ସର୍ବଶେଷରେ ବିଶ୍ୱନାଗରିକ ହୋଇ ପାରିଥିଲେ। କିନ୍ତୁ କବି ହିସାବରେ ସେ ପ୍ରଥମେ ବିଶ୍ୱପ୍ରେମୀ ପରେ ଭାରତୀୟ ଏବଂ ସର୍ବଶେଷରେ ଓଡ଼ିଆ। ସେ ଯେତେବେଳେ କାରା କକ୍ଷରେ ଆବଦ୍ଧ ରହି ଜାତିକୁ ସ୍ୱାଧୀନତା ମାର୍ଗରେ ପରିଚାଳିତ କରିବା ପାଇଁ ଉଦ୍‌ବୋଧନ ଦେଇଥିଲେ, ସେତେବେଳେ ତାଙ୍କ ଠାରେ ମହାବିଶ୍ୱାନୁଭବତା ପ୍ରକାଶ ପାଇଥିଲା। ବନ୍ଦୀର ଆତ୍ମକଥାରେ ସେ ଲେଖିଥିଲେ–"ହିନ୍ଦୁ ମୁସଲମାନ ବୌଦ୍ଧ ଖ୍ରୀଷ୍ଟିୟାନ, ଶିଖ ଜୈନ ସର୍ବେ ଭାରତ ସନ୍ତାନ। ଯେତେ ଧର୍ମ ଯେତେ ବର୍ଣ୍ଣ ଜାତି କୁଳ, ଭାରତ ଜନନୀ ସମସ୍ତଙ୍କ ମୂଳ। ଏକ ଆଶା ଏକ ଲକ୍ଷ୍ୟ ଏକ ଧ୍ୟାନ, ଏକତ୍ର ଏନ୍ତୁଡ଼ି ଏକତ୍ର ଶ୍ମଶାନ। ଏକ କର୍ମ ଖେଳ ଏକ ମାତୃପଦେ, କର ଏକ ପ୍ରାଣ ସମ୍ପଦେ ବିପଦେ। ଏକତା ମନ୍ତ୍ରରେ ରଖ ସଦା ମତି, ହେବ ଏହି ଭାବେ ସ୍ୱରାଜ୍ୟ ପ୍ରାପତି।" ଗୋଟିଏ କଥାରେ କହିବାକୁ ଗଲେ ତାଙ୍କର ବ୍ୟକ୍ତିତ୍ୱ ଥିଲା ଈଶ୍ୱର ଓ ପୃଥିବୀ ମଧ୍ୟରେ ଥିବା ଦୀର୍ଘ ବ୍ୟବଧାନର ଏକ ସଂଯୋଜକ। ହିନ୍ଦୁ ଗର୍ଭରେ ଜନ୍ମ ଗ୍ରହଣ କରି ମଧ୍ୟ ଗୋପବନ୍ଧୁ ପୃଥିବୀର ସମସ୍ତ ଧର୍ମ ପ୍ରତି ସମ୍ମାନ ଓ ଭକ୍ତି ପ୍ରଦର୍ଶନ କରୁଥିଲେ। କାରଣ ମଣିଷ ସଙ୍ଗେ ମଣିଷର, ଅତୀତ ସଙ୍ଗେ ବର୍ତ୍ତମାନର ମଣିକାଞ୍ଚନ ସଂସର୍ଗ, ଜୀବନର ସମସ୍ତ ଘାତ ପ୍ରତିଘାତ ମଧ୍ୟରେ ଅତ୍ୟନ୍ତ ଧୈର୍ଯ୍ୟର ସହ ଶାନ୍ତିର ସନ୍ଧାନ, ଜନ୍ମଭୂମିର ପ୍ରେମରେ ଭୂମାନନ୍ଦର ଅନୁସନ୍ଧାନ, ବ୍ୟକ୍ତିସତ୍ତା ମଧ୍ୟରେ ବ୍ୟକ୍ତି ଚୈତନ୍ୟାତୀତ ସଚ୍ଚିଦାନନ୍ଦ ପରମାତ୍ମାର ସାକ୍ଷାତ ଲାଭ ହିଁ ତାଙ୍କର ଥିଲା ମୌଳିକ ପ୍ରେରଣା। ସେହିଭଳି ଆଦ୍ୟ ଯୌବନରେ କାଠଯୋଡ଼ି ତୀରରେ ସାୟଂକାଳ ଉପଭୋଗ କଲାବେଳେ ତାଙ୍କର କବିପ୍ରାଣ ମହାବିଶ୍ୱଭାବରେ ଉଦ୍‌ବେଳିତ ହୋଇଉଠିଥିଲା। ସେ ଗାଇଥିଲେ:–"ପ୍ରେମର ଭାବ ଯାର ଅନ୍ତରେ ପୁରିତ ସର୍ବପ୍ରାଣୀ ହୃଦ ତା ହୃଦେ ଅଙ୍କିତ। ସର୍ବ ଅନୁଭୂତେ ସର୍ବଭୂତେ ତାର ତା ଦୃଷ୍ଟିରେ ବିଶ୍ୱ ଏକ ପରିବାର। ସେହି ନିଜେ ବିଶ୍ୱ, ବିଶ୍ୱ ମଧ୍ୟେ ସେହି ଅନ୍ୟ ହୋଇ ତାର ଆଉ କେହି ନାହିଁ।" ଯୁଗପୁରୁଷଙ୍କ ଉକ୍ତ କବିତାରେ ଅନ୍ତର ସହିତ ଅନ୍ତରର ଅନାବିଳ ସ୍ନେହ ପ୍ରକାଶ ପାଇଛି। ସତେ ଯେପରି ରାଧାକୃଷ୍ଣ ମିଳନ, ଅଭିମାନ ପୂର୍ଣ୍ଣ ଲଳିତ ଚମ୍ପୁର ସ୍ୱରମୂର୍ଚ୍ଛନା ଯେପରି ପ୍ରଶ୍ନ ଉପପ୍ରଶ୍ନ ଭିତରେ ସ୍ରଷ୍ଟାଙ୍କୁ ନେଇଯାଇଛି, କଳ୍ପଲୋକର ଅମରାବତୀର ନିତ୍ୟ ବସନ୍ତ ଚର୍ଚ୍ଚିତ ପୁଷ୍ପିତ ସୁରଭିତ ପରିବେଶ ମଧ୍ୟକୁ। ସମତା ଏବଂ ଭାତୃଭାବ ପ୍ରତ୍ୟେକ ଜାତିର ଧର୍ମଶାସ୍ତ୍ର ପ୍ରତିପାଦିତ ହୋଇ ରହିଛି ଏହାହିଁ ଜାତୀୟ ଜୀବନର ମୂଳମନ୍ତ୍ର ହେବା ଉଚିତ। ସାର୍ବଜନୀନ ସମାଜ ଭଗବାନଙ୍କର ଅଭିବ୍ୟକ୍ତି "ମାନବ ସେବା ହିଁ ଭଗବତ ସେବା"। ମାତ୍ର ବ୍ୟକ୍ତିବିଶେଷଙ୍କ ଶକ୍ତି କ୍ଷୀଣ, ବାହୁ କ୍ଷୁଦ୍ର, ଦୃଷ୍ଟି ସଂକୀର୍ଣ୍ଣ ଗତି ସୀମାବଦ୍ଧ ସୁତରାଂ ବିଶ୍ୱଜୀବନ ସମଗ୍ର ମାନବ ଜାତିର ସେବା ତା ପକ୍ଷରେ ଅସମ୍ଭବ। ସେ ଯେଉଁ ନିର୍ଦ୍ଦିଷ୍ଟ ଦେଶରେ ନିର୍ଦ୍ଦିଷ୍ଟ ଜାତି ମଧ୍ୟରେ ବାସ କରନ୍ତି ସେହି ଦେଶ ତାଙ୍କର ପୂଜାପାଠ ଏବଂ ସେହି ଜାତିର ସେବା ହିଁ ତାଙ୍କର ମାନବ ସେବା। 'ସର୍ବଦେବ ନମସ୍କାର କେଶବ ପ୍ରତି ଗଚ୍ଛତି' ଏହି ଉଦାର ମାନବିକତାକୁ ଲକ୍ଷ୍ୟକରି ଜାତୀୟ ଉନ୍ନତି ପଥରେ ଅଗ୍ରସର ହେବାକୁ ହେବ। ଏଥିରେ କୌଣସି ଭୟ ନାହିଁ, କି ଅକଲ୍ୟାଣ ନାହିଁ, ନାହିଁ କଲ୍ୟାଣକୃତ କଶ୍ଚିତ ଦୁର୍ଗତିଂ ତାତ୍ ଗଚ୍ଛତି। ହୃଦୟରେ ଏ ବିଶ୍ୱାସ ଜାଗ୍ରତ ଥିଲେ ଏବଂ ଏହି ଉଦାର ନୀତିରେ ଜୀବନର ଗତି ନିୟନ୍ତ୍ରିତ ହେଲେ କ୍ଷୁଦ୍ର ପଲ୍ଲୀରେ ସୀମାବଦ୍ଧ କାର୍ଯ୍ୟ କ୍ଷେତ୍ରରେ ରହି ମନୁଷ୍ୟ ସମଗ୍ର ମାନବ କଲ୍ୟାଣରେ ଆତ୍ମ ବିନିଯୋଗ କରିପାରେ। ଅନେକ କ୍ଷୁଦ୍ର ଜଳପ୍ରବାହ ମିଳନରେ ନଦୀର ଉତ୍ପତ୍ତି ପୁଣି ଏହିପରି ଅନେକଗୁଡ଼ିଏ ନଦୀ ମିଶି ମହାନଦୀରେ ପରିଣତ ଏବଂ ପରିଶେଷର ସମସ୍ତ ମହାନଦୀର ପ୍ରବେଶ ମହା ସମୁଦ୍ରରେ। ଆମ୍ଭମାନଙ୍କର ବ୍ୟକ୍ତିଗତ ଓ ଜାତିଗତ ଆତ୍ମାର ପୂର୍ଣ୍ଣ ପରିଣତି ମାନବ ଆତ୍ମାର ମିଳନରେ ପ୍ରତ୍ୟେକ ବ୍ୟକ୍ତିର କାର୍ଯ୍ୟ ଏପରି ହେବା ଉଚିତ୍ ଯେ ସମସ୍ତ ବ୍ୟକ୍ତିଗତ କ୍ରିୟାର ସମଷ୍ଟିରେ ସମୂହ ଜାତିର କଲ୍ୟାଣ ସାଧିତ ହେବ ପୁଣି ଭିନ୍ନ ଭିନ୍ନ ଜାତିର କାର୍ଯ୍ୟ ଏବଂ ଗତ ପରିଣାମରେ ସମଗ୍ର ମାନବଜାତିର କଲ୍ୟାଣରେ ସହାୟ ହେବ। ସାର୍ବଜନୀନ ଭଗବାନଙ୍କର ଅଭିବ୍ୟକ୍ତ। ମାନବସେବା ହିଁ ଭଗବତ୍ ସେବା। ଏହି ବିରାଟ ଜାତୀୟତାବୋଧ ଏବଂ ଉଦାର ମାନବିକତା ଉତ୍କଳୀୟ ପକ୍ଷରେ ନୂତନ ନୁହେଁ। ଏହା ତା'ର ଐତିହାସିକ ପରମ୍ପରା। ଏହାର ପ୍ରମାଣ ଲିପି ଅମରାକ୍ଷରରେ ଲିପିବଦ୍ଧ ହୋଇ ରହିଛି ଓଡ଼ିଶାର ଇତିହାସରରେ। ଉତ୍କଳର ବିଶ୍ୱପ୍ରୀତି ସମ୍ବନ୍ଧରେ ଗୋପବନ୍ଧୁ କହିଥିଲେ ବିଶ୍ୱପ୍ରୀତି ହିଁ ଓଡ଼ିଆର ଜାତୀୟତା, ପୂର୍ଣ୍ଣପ୍ରାଣ ଓଡ଼ିଆର ମନୁଷ୍ୟତା ଓଡ଼ିଆର ଏହି ଭାବ ନୀଳାଚଳ ଧାମରେ ପ୍ରକଟିତ। ତେଣୁ ଜଗନ୍ନାଥ ଓଡ଼ିଆର ଜାତୀୟ ଦେବତା। କେବଳ ଏତିକି ନୁହେଁ, ସେ ସତ୍ୟବାଦୀ ପତ୍ରିକା ମାଧ୍ୟମରେମଧ୍ୟ ବିଶ୍ୱପ୍ରେମର ଆଦର୍ଶ ପରିପ୍ରଚାର କରିଥିଲେ। ଥରେ ସେ ସତ୍ୟବାଦୀ ପତ୍ରିକାରେ ଲେଖିଥିଲେ 'ଦେଶାନୁରାଗ ବିଶ୍ୱପ୍ରୀତିର ବିରୋଧ ନୁହେଁ, ବରଂ ବିଶ୍ୱପ୍ରୀତିବିହୀନ ପ୍ରାଣରେ ଜାତୀୟତା ଓ ସ୍ୱଦେଶବତ୍ସଳତା ଅସମ୍ଭବ। ପୂର୍ବପୁରୁଷମାନଙ୍କ ପଥ ଏ କ୍ଷେତ୍ରରେ ଆମ୍ଭମାନଙ୍କର ଅନୁସରଣୀୟ। ଚରାଚର ଜଗତର ତର୍ପଣ ବିଧାନ ହିନ୍ଦୁ ଆପଣା ନିତ୍ୟ କର୍ତ୍ତବ୍ୟର ଅନ୍ତର୍ଭୁକ୍ତ କରିଥିଲେ "ହେ ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦପି ଗରୀୟସି"। ଏହି ବିଶ୍ୱାନୁରାଗ ରୀତିରେ ପ୍ରାଣରେ ପ୍ରଗାଢ଼ ମମତା ପ୍ରକାଶ କରିଛନ୍ତି। "ସର୍ବଦେବ ନମସ୍କାରଃ କେଶବଂ ପ୍ରତି ଗଚ୍ଛତି।" ଏହା ଆମ୍ଭମାନଙ୍କର ବିଶ୍ୱାସ ତେଣୁ ଆମ୍ଭେମାନେ ଉତ୍କଳ ସେବାରେ ଭାରତ ତଥା ବିଶ୍ୱର ସେବା କରିବୁ। ଉତ୍କଳର ହୃଦୟ ତନ୍ତ୍ରୀରେ ବିଶ୍ୱମାନବର ହୃଦୟର ଗୀତି ଶୁଣିବୁ। ତାଙ୍କ ରଚିତ ଧର୍ମପଦ କବିତାରେ ଲେଖିଛନ୍ତି – "ହୋଇ ଏକ ଧ୍ୟାନ ମିଳାଇଣ ତାନ ବିଶ୍ୱସଂଗୀତ ଲହରେ, ଗାଏ ଧର୍ମପଦ ପରମ ଆନନ୍ଦେ ଜୟଜଗଦୀଶ ହରେ"। ସେହିପରି ପିତୃପକ୍ଷ ତର୍ପଣ କବିତାରେ ସେ ନିଖିଳ ବିଶ୍ୱବାସୀଙ୍କୁ ଆବାହନ କରି କହିଛନ୍ତି :–"ବିଶ୍ୱବାସୀ ଚରାଚରେ କରି ଆମନ୍ତ୍ରଣ/ମୁଁ ଯେ ଏଥି କରେ ଜଳ ଅଞ୍ଜଳି ତର୍ପଣ।" ପୁଣି ତାଙ୍କର ନିତ୍ୟ ନଳାଚଳ ଧାମ କବିତାରେ ସେ ନିଳାଚଳ ଧାମରେ ବାସକରିଥିବା ବ୍ୟକ୍ତି ସମ୍ପର୍କରେ କହିଛନ୍ତି:–"ସେହି ନାହିଁ ଯାର ନିଜ ପର ଜ୍ଞାନ, ପାଏ ନୀଚ ଯାର ସ୍ନେହ ଅପମାନ। ବିଶ୍ୱ ହିତେ ଯାର ଆହାର ପାହାର, କରେ ବିଶ୍ୱହିତେ ସେ ଜୀବନ ଦାନ।" ପୁଣି ବିଶ୍ୱର ମିଳନ ଚିତ୍ର ଅଙ୍କନ କରିବାକୁ ଯାଇ କବି ନିଖିଳ ବିଶ୍ୱ ସହିତ ସମ୍ପୂର୍ଣ୍ଣ ରୂପେ ମିଳିଯାଇ ନିଜର ପଣ୍ଡା ଲୋପ କରିଦେବାରେ ପରିକଳ୍ପନା କରି ଗାଇଛନ୍ତି :–"ମୋ ପ୍ରାଣ ପ୍ରେମଧାରେ ଭାସିବା ଧରା, ହେବ ବିଶ୍ୱ ମୋର ପ୍ରେମ ପସରା।" ଗୋପବନ୍ଧୁଙ୍କର ଜାତୀୟ ମମତା ଓ ବିଶ୍ୱଜନ ପ୍ରୀତି ମଧ୍ୟରେ ଆଦୌ ବ୍ୟବଧାନ ନଥିଲା। ଜାତୀୟ ସେବା ମାଧ୍ୟମରେ ବିଶ୍ୱ ଜନତାର ସେବା ଓ ବିଶ୍ୱ ଜନସେବା ମାଧ୍ୟମରେ ଜାତୀୟ ଜୀବନର ବିକାଶ ଉଭୟ ଉଭୟର ପରିପୂରକ। ଏଣୁ ନୀରବ ନିଶ୍ଚଳ ବନ୍ଦୀଘରେ ବସି ଗୋପବନ୍ଧୁ ପ୍ରଭୁ ଶ୍ରୀପୟରେ କ୍ଷମା ମାଗିଛନ୍ତି :–"ଜାତୀୟ ମମତା ବିଶ୍ୱଜନ ପ୍ରୀତି, ଉତ୍କଳ ବାସୀର ହେଉ ଏହା ନୀତି।" ପ୍ରତ୍ୟେକ ବ୍ୟକ୍ତିର ସ୍ୱାତନ୍ତ୍ର୍ୟ ଅଛି। ମାତ୍ର ସାମାଜିକ ଭିତ୍ତିବିନା ସେ ସ୍ୱାତନ୍ତ୍ର୍ୟ ପ୍ରକଟିତ ହୁଏନାହିଁ। ଏହିପରି ଓଡ଼ିଆ ଜାତିର ସ୍ୱାତନ୍ତ୍ର୍ୟ ଫୁଟିବ ପ୍ରଶସ୍ତତର ଭାରତୀୟ ଜାତୀୟତା କ୍ଷେତ୍ରରେ ଏବଂ ଉଦାର ସାର୍ବଜନୀନ ମାନବିକତାରେ ଏହା ଥିଲା ତାଙ୍କର ଦୃଢ଼ ବିଶ୍ୱାସ।



ସର୍ବୋପରି ଗୋପବନ୍ଧୁଙ୍କର ମହାନ ଜାତୀୟତା କେବଳ ବିଶ୍ୱସ୍ତରରେ ଆବଦ୍ଧ ନଥିଲା। ତାହା ଇହଜଗତକୁ ଅତିକ୍ରମ କରି ଅତୀନ୍ଦ୍ରିୟ ରାଜ୍ୟକୁ ସ୍ପର୍ଶ କରୁଥିଲା। ତାଙ୍କ ଦୃଷ୍ଟିରେ ପାର୍ଥିବ ଜଗତର ସ୍ନେହ, ବନ୍ଧୁତା ଓ ପ୍ରେମର ବିନାଶ ଶ୍ମଶାନରେ ଘଟେ ନାହିଁ, ତାହା ଅନନ୍ତ, ଅମର ଓ ଅବିନାଶୀ। "ଚିତାନଳେ ଭସ୍ମ ନୁହେଁ ସେନେହ ବନ୍ଧନ, ଶ୍ମଶାନ ନୁହେଁ ଏ ଜୀବ ଶେଷ ପରିସୀମା। କେବେ ନାହିଁ ହେବ ନିଶ୍ଚେ ଶୁଭ ସମ୍ମିଳନୀ, ପ୍ରକାଶିବ ପ୍ରାଣେ ପୂର୍ଣ୍ଣ ପୁଣ୍ୟ ମାଧୁରିମା।" କବି ବିଶ୍ୱର ମିଳନାତ୍ମକ ଚିତ୍ର ଦେଖି ବିଶ୍ୱ ପ୍ରେମରେ ମଜ୍ଜି ଯାଇଛନ୍ତି। ପ୍ରକୃତି ରାଜ୍ୟରେ ଯେପରି ବାସ୍ତବ ମିଳନ ଘଟୁଛି। ଠିକ୍ ସେହିପରି ବିଶ୍ୱାତ୍ମା ପରମେଶ୍ୱରଙ୍କ ପ୍ରେମ ପାଇବାକୁ ସେ ଆଗ୍ରହୀ। ବିଶ୍ୱର ମିଳନଚକ୍ର କବିତାରେ ସେ ଲେଖିଛନ୍ତି –"ନାଚେ ଲହରୀ ଯଥା ଶଶୀ ପରଶେ, ନଳିନୀ ଗାଥା କରେ ରବି ହରଶେ। ମିଳାଇ ପ୍ରାଣ ଯଥା ପ୍ରାଣେଶ ପଦେ, ନାଚିବି ବିଶ୍ୱପ୍ରେମେ ପରମାନନ୍ଦେ। ଗିରି ସାଗର ନଦୀ ତପନ ଶଶୀ, ସର୍ବେ ଚୁମ୍ବିବେ ମୋତେ ପ୍ରେମେ ପରଶୀ। ମୋ ପ୍ରାଣ ପ୍ରେମଦାରେ ଭାସିବ ଧରା, ହେବ ଏ ବିଶ୍ୱ ମୋର ପ୍ରେମ ପସରା।" ପରିଶେଷରେ ଏତିକି କଥା ଯେ ବିଶ୍ୱକବି ରବିନ୍ଦ୍ରନାଥ ଯେପରି ବିଶ୍ୱପ୍ରେମୀ ହେଲେ ବି ନିଜର ସ୍ୱଦେଶ ଓ ସ୍ୱଦେଶର ସାଂସ୍କୃତିକ ଐକ୍ୟ ପାଇଁ ସର୍ବଦା ସଚେତନ ଥିଲେ। ପୁଣ୍ୟଶ୍ଳୋକ ଗୋପବନ୍ଧୁ ମଧ୍ୟ ନିଜ ଦେଶ ଏବଂ ଦଶର ସଂସ୍କୃତି ଓ ଐତିହ୍ୟ ପ୍ରତି ସର୍ବଦା ସଚେତନ ଥିଲେ। ସ୍ୱଦେଶ ନାମ ଉଚ୍ଚାରିତ ହେଲା ମାତ୍ରେ ବିଶ୍ୱକବି କହୁଥିଲେ ଆମର ସ୍ୱଦେଶ ଆମର ଚିରନ୍ତନ ସ୍ୱଦେଶ, ଆମର ପିତୃପିତାମହଙ୍କର ସ୍ୱଦେଶ, ଆମର ସନ୍ତାନସନ୍ତତିଙ୍କର ସ୍ୱଦେଶ, ଆମର ପ୍ରାଣଦାତା, ଶକ୍ତିଦାତା ସମ୍ପଦଦାତା ସ୍ୱଦେଶ। ଗୋପବନ୍ଧୁ ନିଜ ଦେଶକଥା ଚିନ୍ତାକଲାବେଳେ ଠିକ୍ ସେହିଭଳି କହୁଥାନ୍ତି ଏବଂ କହି କାନ୍ଦୁଥାନ୍ତି। ତାଙ୍କର କବିତା 'ବନ୍ଦୀର ଆତ୍ମକଥା' ପ୍ରଭୃତି ପାଠକଲେ ଏହାର ସତ୍ୟତା ପୂର୍ଣ୍ଣମାତ୍ରାରେ ଉପଲବ୍ଧ ହେବ। ଭାରତୀୟ ସଂସ୍କୃତିରେ ଅଖଣ୍ଡତା ଓ ସମୃଦ୍ଧି ପାଇଁ ଯେ, ଯେତିକି ସଜାଗ ରହିଛନ୍ତି, ସତେକି ବିଶ୍ୱର ସମଗ୍ର ମାନବ ଜାତିର ଆଶା ଅଭୀପ୍ସା ପ୍ରତି ସଜାଗ ରହିଛନ୍ତି। ବିଶ୍ୱର କଲ୍ୟାଣ ପାଇଁ ଭଗବାନଙ୍କ ଚରଣରେ ନୈବେଦ୍ୟ ଢ଼ାଳି ସେ ଗାଇଛନ୍ତି :–"ମଧୁମୟରିତେ ହେଉ ବିଶ୍ୱ ନିନାଦିତ, ଉଠୁ ବିଶ୍ୱ ପ୍ରାଣେ ମଧୁ ଅମୃତ ସଙ୍ଗୀତ।" ଏହି ବାଣୀ ତାଙ୍କର ସାର୍ବଜନୀନ ଚିନ୍ତାର ଅମର ପ୍ରତୀକ। ଗୋପବନ୍ଧୁଙ୍କ ମହାନ ଆତ୍ମାର ବ୍ୟକ୍ତିତ୍ୱର ମୂଲ୍ୟବୋଧର ସମୟ ଏପର୍ଯ୍ୟନ୍ତ ଆସିନାହିଁ। ଆତ୍ମାର ଅଭୀପ୍ସା ମାନବ ସମାଜକୁ ସମଗ୍ର ଓଡ଼ିଆ ଜାତିକୁ ବହୁଦୂର ଆଗେଇ ନେଇଛି। "A souls ambition lifted of the race." ଯୁଗ ଯୁଗକୁ ଗୋପବନ୍ଧୁ ଦୁନିଆର ଅନ୍ଧକାରମୟ ତ୍ରିଛକି ରାସ୍ତା ଉପରେ ଛିଡ଼ାହୋଇ ମନୁଷ୍ୟକୁ ଯଥାର୍ଥ ପଥରେ ଚାଲିବାକୁ ନିର୍ଦ୍ଦେଶ ଦେଉଥିବେ।

—**ଉମାଶଙ୍କର ପ୍ରସାଦ**, ସମ୍ପାଦକ, ମାର୍ଗଦର୍ଶୀ, ଖୋରଧା




## ସମୀର ଟ୍ରାକ୍ଟରର୍ସର ନୂତନ ଶୋରୁମ ଉଦଘାଟିତ



କେନ୍ଦ୍ରାପଡ଼ା,(ପି.ଏନ): ସମୀର ଟ୍ରାକ୍ଟରର୍ସର ନୂତନ ଶୋରୁମ ସ୍ଥାନୀୟ କଟକ- ଚାନ୍ଦବାଲି ରାଜ୍ୟ ରାଜପଥର ତ୍ରିଲୋଚନପୁର ଠାରେ ଉଦଘାଟିତ ହୋଇଯାଇଛି। ଏହି ଉପଲକ୍ଷେ କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ବାରୋ ପଞ୍ଚାୟତର ତ୍ରିଲୋଚନପୁର ଠାରେ ସମୀର ଟ୍ରାକ୍ଟରର୍ସର ସତ୍ତ୍ୱାଧୀକାରୀ ସମିର କୁମାର ଚାନ୍ଦଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଡିସିବି ବ୍ୟାଙ୍କର ଜାତୀୟ ମୁଖ୍ୟ ନରେନ୍ଦ୍ର ନାଥ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମୀର ଟ୍ରାକ୍ଟରର୍ସର ନୂତନ ଶୋରୁମକୁ ଫିତା କାଟି ଉଦଘାଟନ କରିଥିଲେ। ଏହି ଉତ୍ସବରେ ଜନ ଡିଅର ଇଣ୍ଡିଆ ପ୍ରା. ଲିଃ.ର ଓଡିଶା ମୁଖ୍ୟ ତଥା ଆଞ୍ଚଳିକ ପ୍ରବନ୍ଧକ ପରିତୋଶ ଶର୍ମା, ଜନ ଡିଅର ଫାଇନାନସିଆଲ ଇଣ୍ଡିଆ ପ୍ରା.ଲିଃ.ର ଓଡିଶା ମୁଖ୍ୟ ତଥା ଆଞ୍ଚଳିକ ପ୍ରବନ୍ଧକ ଅଭିଜିତ ସରକାର, ଜନ ଡିଅର ଇଣ୍ଡିଆ ପ୍ରା. ଲିଃ.ର ଟିଏମ ସେଲସ ଶୁଭଲିପସୁ ଜେନା ଏବଂ ବରିଷ୍ଠ ସାମ୍ବାଦିକ ପ୍ରଭାତ କୁମାର ପରିଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଶ୍ରୀ ମିଶ୍ର କହିଥିଲେ ଯେ ଉଚ୍ଚ ଶିକ୍ଷିତ ଯୁବକମାନେ ଚାକିରୀ ପଛରେ ନଗୋଡାଇ ଅତ୍ୟାଧୁନିକ ପ୍ରଣାଳୀରେ ଚାଷ କଲେ ନିଜେ ସ୍ୱାବଲମ୍ବୀ ହୋଇ ଅଧିକ ଅର୍ଥ ରୋଜଗାର କରିବା ସହ ଅନ୍ୟମାନଙ୍କୁ ରୋଜଗାରକ୍ଷମ କରାଇପାରିବେ। ଜନ ଡିଅର କମ୍ପାନୀ ପକ୍ଷରୁ ଯୋଗଦେଇଥିବା ସମସ୍ତ ଅଧିକାରୀମାନେ ଜନ ଡିଅର ଟ୍ରାକ୍ଟରର ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସମୀର ଟ୍ରାକ୍ଟରର୍ସରୁ ପୂର୍ବରୁ ଜନ ଡିଅର ଟ୍ରାକ୍ଟର ନେଇଥିବା କେତେକ ଚାଷୀ ଟ୍ରାକ୍ଟର ସମ୍ପର୍କରେ ସେମାନନଙ୍କ ମତାମତ ରଖିଥିଲେ। ଏହି ଅବସରରେ ଚାଷୀ ଓ ଗ୍ରାହକମାନଙ୍କୁ ସମୀର ଟ୍ରାକ୍ଟରର୍ସ ପକ୍ଷରୁ ଅତିଥିମାନେ ଉତ୍ତରୀୟ, ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ମାନିତ କରିବା ସହ ଉପହାର ପ୍ରଦାନ କରିଥିଲେ।

## ଜିଲା ଅଭିଲେଖାଗାର କାର୍ଯ୍ୟାଳୟରେ ବ୍ୟାପକ ଅନିୟମିତତା

ଗଂଜାମ,(ପି.ଏନ): ଗଂଜାମ ଜିଲାପାଳଙ୍କ ଅଫିସ ସମ୍ମୁଖରେ ଜିଲା ଅଭିଲେଖାଗାର କାର୍ଯ୍ୟାଳୟ ରହିଛି। ଏଠାକୁ ଜିଲାର ବିଭିନ୍ନ ଅଂଚଳରୁ ଜନସାଧାରଣ ସେମାନଙ୍କ ଜରୁରୀ ନଥିପତ୍ରର କପି ବାହାର କରିବାକୁ ଆସିଥାନ୍ତି। ତେବେଏଥିପାଇଁ ଆସୁଥିବା ଲୋକ ହଟହଟା କହିଲେ ନସରେ।ଏହି କାର୍ଯ୍ୟାଳୟ ନିକଟରେ ଏମାନଙ୍କ ବସିବା ପାଇଁ କିମ୍ବା ଅପେକ୍ଷା କରିବାକୁ ବିଶ୍ରାମାଗାର ନାହିଁ। କପି ଆବେଦନ କରିବା ନିମନ୍ତେ ଏଠାକୁ ଅସୁଥିବା ବ୍ୟକ୍ତିବିଶେଷ ମାନେ ଦିନତମାମ ଅପେକ୍ଷା କଲେ ମଧ୍ଯ ଏଠାରେ କୌଣସି ଅଧିକାରୀ କିମ୍ବା କର୍ମଚାରୀଙ୍କ ଦେଖାମିଳୁନାହିଁ। ଚତୁର୍ଥ ଶ୍ରେଣୀ କର୍ମଚାରୀମାନେ ସାଢେ ଦଶଟା ବେଳେ ଅଫିସ ଚାବିଖୋଲି ବାହାରେ ଟହଲ ମାରୁଥିବା ଅଭିଯୋଗ ହେଉଛି।ଏହି କାର୍ଯ୍ୟାଳୟରେ ନିଯୁକ୍ତି ପାଇଥିବା ଓଏଏସ ଅଧିକାରୀ ବିଶ୍ୱମ୍ବର ରଥ ଡେପୁଟି କଲେକ୍ଟର ପ୍ରତ୍ୟେହ ଅପରାହ୍ନ ୫ଟା ସମୟରେ କାର୍ଯ୍ୟାଳୟକୁ ଆସି ଘଂଟାଏ ମଧ୍ୟରେ ଡ୍ୟୁଟି ଶେଷକରି ଯାଉଛନ୍ତି। ଅନ୍ୟ ସମୟରେ ଅଫିସ ଚେୟାର ଟେବୁଲ ଖାଲି ପଡୁଛି। ଏପରି ସ୍ଥିତିରେ କପି ନେବାକୁ ଆସୁଥିବା ବ୍ୟକ୍ତି ବିଶେଷମାନଙ୍କୁ ଏହି ଅଫିସର କିରାଣୀ ଓ ଚତୁର୍ଥଶ୍ରେଣୀ କର୍ମଚାରୀମାନେ ବିଭିନ୍ନ ପ୍ରକାର ହଇରାଣ ଓ ହଟହଟା କରିବା ସହ ଆର୍ଥିକ ଶୋଷଣ କରୁଥିବା ଅଭିଯୋଗ ହେଉଛି । ଗଂଜାମ ଜିଲାପାଳ ଘଟଣାର ତଦନ୍ତ କରି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜନସାଧାରଣଙ୍କ ପକ୍ଷରୁ ଦାବି ହେଉଛି ।

## ବଡଚଣା କଂଗ୍ରେସ ପକ୍ଷରୁ ଶାନ୍ତିପୂର୍ଣ୍ଣ ସତ୍ୟାଗ୍ରହ



ଚଣ୍ଡିଖୋଲ, (ପି.ଏନ.):ନିଖିଳ ଭାରତ କଂଗ୍ରେସ କମିଟି ଓ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକ ନିର୍ଦ୍ଦେଶକ୍ରମେ ଚଣ୍ଡିଖୋଲ ଛକଠାରେ "ଅଗ୍ନିପଥ" ବିରୁଦ୍ଧରେ କଂଗ୍ରେସ ନେତା ତଥା ୨୦୧୯ ସାଧାରଣ ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ଅଜୟ ସାମଲଙ୍କ ନେତୃତ୍ୱରେ ଶାନ୍ତିପୁର୍ଣ୍ଣ ସତ୍ୟାଗ୍ରହ ହୋଇଯାଇଛି। ଅଗ୍ନିପଥ ଯୋଜନାରେ ସୈନ୍ୟ ବାହିନରେ ନିଯୁକ୍ତି ପ୍ରକ୍ରିୟାକୁ ପ୍ରତ୍ୟାହାର ଦାବିରେ ରାଜ୍ୟର ସମସ୍ତ ନିର୍ବାଚନ ମଣ୍ଡଳୀରେ ଶାନ୍ତିପୁର୍ଣ୍ଣ ସତ୍ୟାଗ୍ରହ ଜୁନ ୨୭ ତାରିଖରେ କରାଯିବା ପାଇଁ ପ୍ରଦେଶ କଂଗ୍ରେସ ସଭାପତି ନିର୍ଦ୍ଦେଶ ଦେଇଥିଲେ। ଯେଉଁମାନେ କଂଗ୍ରେସ ବିଧାୟକ ଓ ପରାଜିତ ବିଧାୟକ ପାର୍ଥୀ ଓ କଂଗ୍ରେସ ସମର୍ଥିତ ସାଂସଦ ମାନେ ଏହି ଶାନ୍ତିପୂର୍ଣ୍ଣ ସତ୍ୟାଗ୍ରହ ଆନ୍ଦୋଳନର ଦାୟିତ୍ୱ ବହନ କରିଥିଲେ। ସେ ନେଇ ଚଣ୍ଡିଖୋଲ ଛକଠାରେ କଂଗ୍ରେସ ନେତା ଅଜୟ କୁମାର ସାମଲଙ୍କ ନେତୃତ୍ୱରେ ଶାନ୍ତିପୁର୍ଣ୍ନ ସତ୍ୟାଗ୍ରହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ଯୁବ କଂଗ୍ରେସ ସଭାପତି ସଞ୍ଜୟ କୁମାର କର, ବ୍ଲକ ମହିଳା କଂଗ୍ରେସ ସଭାନେତ୍ରୀ ନିରୁପମା ସାହୁ, ପ୍ରାକ୍ତନ ସମିତସଭ୍ୟ ବଟକୃଷ୍ଣ ଦାସ, ନାରାୟଣ ଦାସ, ଅଶୋକ କୁମାର ରାଉତ, ଶାନ୍ତନୁ କୁମାର ଜେନା, ମହନି ଚରନ ମହାନ୍ତି, ଆଲୋକ କୁମାର ବେହେରା ସମେତ ବହୁ କଂଗ୍ରେସ କର୍ମୀ କେନ୍ଦ୍ର ବିଜେପି ସରକାର ବିରୁଦ୍ଧରେ ନାରାବାଜି କରିଥିଲେ। କେନ୍ଦ୍ର ବିଜେପି ସରକାର ଯେଉଁଭଳି ଧପାବାଜି ମାରି ଭାରତ ବର୍ଷରେ ଶାସନ କରୁଛନ୍ତି ଓ ଆଇନ ଶୃଙ୍ଖଳାକୁ ବିପର୍ଯ୍ୟସ୍ତ ଅବସ୍ଥାରେ ପହଂଚାଇଛନ୍ତି ଏବଂ ଅଗ୍ନିପଥ ଦ୍ୱାରା ଚାରିବର୍ଷ ପାଇଁ ଯୁବକ ମାନଙ୍କୁ ସୈନ୍ୟ ବାହିନୀରେ ଚାକିର ଦେବା ଯୋଜନା କରିଛନ୍ତି ଏ ନେଇ ପ୍ରତିକ୍ରିୟା ସୃଷ୍ଟି ହୋଇଛି। ସୈନ୍ୟ ବାହିନୀରେ ଚାରିବର୍ଷ ଚାକିରୀ ପରେ ସେହି ଯୁବକ ମାନେ କେଉଁ ଚାକିରୀରେ ନିଯୁକ୍ତି ପାଇବେ ନାଁ ଦୈନିକ ମଜୁରିଆ ଭାବେ ଲାଗିବେ। ପ୍ରଧାନମନ୍ତ୍ରି ନରେନ୍ଦ୍ର ମୋଦି ନିର୍ବାଚନ ପୂର୍ବରୁ ପ୍ରକାଶ କରିଥିଲେ କେନ୍ଦ୍ରରେ ବିଜେପି ସରକାର ଆସିଲେ ସରକାର ଦୁଇକୋଟି ଯୁବକଙ୍କୁ ନିଯୁକ୍ତି ଦେବେ। ଏଭଳି ଧୁଆଁବାଣ ମାରି ତାଙ୍କର ପ୍ରତିଶ୍ରୁତ ରକ୍ଷାକରିପାରି ନାହାନ୍ତି, ତେଣୁ ସବୁ କଂଗ୍ରେସ କର୍ମୀ କେନ୍ଦ୍ର ବିଜେପି ସରାକର ବିରୁଦ୍ଧରେ ଜନମତ ସୃଷ୍ଟି କରି ଅଖିଳ ଭାରତ ସଭାନେତ୍ରୀ ଶ୍ରୀମତି ସୋନିଆ ଗାନ୍ଧୀ ଓ ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ନେତୃତ ପ୍ରତି ସମର୍ଥଣ ଦେଇ ଆସନ୍ତା ୨୦୨୪ ନିର୍ବାଚନରେ କଂଗ୍ରେସକୁ ବିଜୟର ଟିକା ପିନ୍ଧାଇବା ପାଇଁ କଂଗ୍ରେସ ନେତା ଅଜୟ କୁମାର ସାମଲ ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ। ବଡଚଣା ଆରକ୍ଷୀ ନିର୍ଦ୍ଦେଶକ ସୁଶୀଳ କୁମାର ନାୟକ ଓ ଚଣ୍ଡିଖୋଲ ପାଣ୍ଡି ଅଧିକାରୀ ଚିତରଞ୍ଜନ ଜେନା ଶାନ୍ତିପୂର୍ଣ୍ଣ ସତ୍ୟାଗ୍ରହ ସ୍ଥାନରେ ରହି ଆଇନ ଶୃଙ୍ଖଳା ରକ୍ଷା କରିଥରଲେ।

## ସାହାରା ଇଣ୍ଡିଆ ପରିବାର ପକ୍ଷରୁ ଗତ ୭୫ ଦିନରେ ନିବେଶକଙ୍କ ୩୨୨୬ କୋଟି ଟଙ୍କା ପଇଠ

ଭୁବନେଶ୍ୱର: ସାହାରା ଇଣ୍ଡିଆ ପରିବାର ପକ୍ଷରୁ ଆଜି ମିଡିଆରେ ଜାରି କରାଯାଇଥିବା ଏକ ବିବୃତି ଅନୁସାରେ, ଗତ ଦୁଇରୁ ଅଢେଇ ମାସ ମଧ୍ୟରେ ଏହି ଗ୍ରୁପ୍ ପକ୍ଷରୁ ଏହାର ୧୦,୧୭,୧୯୪ ଜଣ ସଦସ୍ୟଙ୍କୁ ମୋଟ ୩୨୨୬.୦୩ କୋଟି ଟଙ୍କା ପଇଠ କରାଯାଇଛି। ଏହି ଅବଧିରେ ପଇଠ କରାଯାଇଥିବା ମୋଟ ରାଶି ମଧ୍ୟରୁ ୨.୧୮% ରାଶି ବିଳମ୍ବିତ ଦେୟ ଅଭିଯୋଗକାରୀଙ୍କୁ ପଇଠ କରାଯାଇଥିଲା। ସମୁଦାୟ ବିଳମ୍ବିତ-ଦେୟ ଅଭିଯୋଗକାରୀ ବା ଡିଲେଡ୍-ପେମେଂଟ୍ସ କମ୍ପ୍ଲେନାଂଟ୍ଙ୍କ ସଂଖ୍ୟା ମୋଟ ନିବେଶକଙ୍କର ୦.୦୭% ରହିଛି। ସାହାରା ନିକଟରେ ଦେଶବ୍ୟାପର ୮ କୋଟି ନିବେଶକ ରହିଛନ୍ତି। ସାହାରା ଗତ ୧୦ ବର୍ଷ ମଧ୍ୟରେ ଏହାର ୫,୭୬,୭୭,୩୩୯ ଜଣ ନିବେଶକଙ୍କୁ ମୋଟ ୧,୪୦,୧୫୭.୫୧ କୋଟି ଟଙ୍କା ପଇଠ କରିଛି। ଏହାମଧ୍ୟରୁ କେବଳ ୪୦% ମାମଲା ପୁନଃନିବେଶର ହୋଇଥିବା ବେଳେ ଅବବଶିଷ୍ଟଗୁଡିକୁ ନଗଦ ଅର୍ଥ ପଇଠ କରାଯାଇଛି। ଗ୍ରୁପ୍ ପକ୍ଷରୁ ପେମେଂଟ୍‌ରେ ବିଳମ୍ବ ହୋଇଥିବା ସ୍ୱୀକାର କରାଯାଇଛି , ଯାହାକି ମୁଖ୍ୟତଃ ସୁପ୍ରିମକୋର୍ଟଙ୍କ ଦ୍ୱାରା ଗତ ୮ ବର୍ଷ ହେବ ଲାଗୁ କରାଯାଇଥିବା ପ୍ରତିବନ୍ଧକ ଯୋଗୁଁ ଘଟିଥିଲା। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ, ଯଦି କୌଣସି ଅର୍ଥ ଗ୍ରୁପ୍ (କୋ-ଅପରେଟିଭ୍‌ଗୁଡିକ ସମେତ)ର ସମ୍ପତିକୁ ବିକ୍ରି କରି କିମ୍ବା ବନ୍ଧକ ରଖି କିମ୍ବା ମିଳିତ ଉଦ୍ୟୋଗରୁ ହାସଲ କରାଯାଉଛି ତେବେ ତାହାକୁ ସାହାରା-ସେବି ଆକାଉଂଟ୍‌ରେ ଜମା କରିବାକୁ ପଡୁଛି। ସାହାରା ଅଧିକାରୀ କହିଛନ୍ତି, ସାଂଗଠନିକ କାର୍ଯ୍ୟ ପାଇଁ କିମ୍ବା ନିବେଶକଙ୍କୁ ରିପେମେଂଟ୍ ପାଇଁ ଆମେ ଗୋଟିଏ ଟଙ୍କା ମଧ୍ୟ ବ୍ୟବହାର କରିପାରିବୁ ନାହିଁ। ଅନ୍ୟପକ୍ଷରେ ସାହାରା ବର୍ତମାନ ସୁଦ୍ଧା ସାହାରା-ସେବି ଖାତାରେ ସୁଧ ସମେତ ପ୍ରାୟ ୨୨,୦୦୦ କୋଟି ଟଙ୍କା ଜମା କରିସାରିଛି। ଅନ୍ୟପକ୍ଷରେ ଦେଶବ୍ୟାପୀ ଗତ ୮ ବର୍ଷ ମଧ୍ୟରେ ସେବି ଦ୍ୱାରା ୧୫୪ଟି ଖବରକାଗଜରେ ୪ଟି ପର୍ଯ୍ୟାୟର ବିଜ୍ଞାପନ ଦେଇଥିବା ବେଳେ ନିବେଶକଙ୍କୁ ମାତ୍ର ୧୦୬.୧୦ କୋଟି ଟଙ୍କା ପରିଶୋଧ କରିଛି। ପ୍ରାୟ ଏକ ବର୍ଷ ତଳେ ପ୍ରକାଶିତ ଏହାର ଶେଷ ବିଜ୍ଞାପନରେ ସେବି ସ୍ପଷ୍ଟ କରିଥିଲା ଯେ, ଏହା ଅନ୍ୟ କୌଣସି ପ୍ରକାରର ଦାବିକୁ ଗ୍ରହଣ କରିବ ନାହିଁ। ଏହାର ଅର୍ଥ ହେଉଛି ସେବି ପାଇଁ ଆଉ କୌଣସି ଦାବିଦାର ଦାହାନ୍ତି। ସେବି ଅନ୍ୟ କୌଣସି ଦାବି ଗ୍ରହଣ ନକରିବାର ଏକମାତ୍ର କାରଣ ହେଉଛି ସାହାରା ଗ୍ରୁପ୍ ସମସ୍ତ ନିବେଶକଙ୍କ ଅର୍ଥ ପରିଶୋଧ କରିସାରିଛି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ, ଏହି ୨୨,୦୦୦ କୋଟି ଟଙ୍କା ଉପଯୁକ୍ତ ଯାଂଚ ପରେ ପୁଣିଥରେ ସାହାରା ନିକଟକୁ ଫେରିବ। ସେହିପରି ସାହାରାର ପ୍ରବକ୍ତା ସ୍ପଷ୍ଟ କରିଛନ୍ତି ଯେ, କିଛି ମିଡିଆ ରିପୋର୍ଟ ସାହାରା ଚିଟ୍ ଫଣ୍ଡ ବ୍ୟବସାୟରେ ଅଛି ବୋଲି ଧାରଣା ସୃଷ୍ଟି କରୁଛନ୍ତି , ଯାହାକି ସମ୍ପୂର୍ଣ୍ଣ ରୂପେ ମିଥ୍ୟା ଓ ଭ୍ରମାତ୍ମକ ସୂଚନା। ସାହାରା ଅତୀତରେ କିମ୍ବା ବର୍ତମାନ କୌଣସି ପ୍ରକାରର ଚିଟ୍ ଫଣ୍ଡ ବ୍ୟବସାୟରେ ନାହିଁ। ସାହାରା ଇଣ୍ଡିଆ ପରିବାରର ସୂଚନା ଅନୁଯାୟୀ, ଗ୍ରୁପ୍ ଏହାର ସମସ୍ତ ଜମାକାରୀଙ୍କୁ ଦେୟ ପ୍ରଦାନ କରିଛି। ଗତ ୪୨ ବର୍ଷ ହେବ ଏହା ନିଜର ସଦସ୍ୟମାନଙ୍କୁ ସେବା ପ୍ରଦାନ କରୁଛି ଏବଂ ଆଗକୁ ଏହା ଜାରି ରଖିବ। ସମସ୍ତ ଆଇନ୍‌ଗତ ପ୍ରକ୍ରିୟାର ଅନୁସରଣ କରାଯାଇ ସଦସ୍ୟମାନଙ୍କଠାରୁ ଅର୍ଥ ସଂଗ୍ରହ କରାଯାଇଥିଲା। ତେବେ ଆମେ ବିଳମ୍ବିତ ଅବଧି ପାଇଁ ସୁଧ ମଧ୍ୟ ପ୍ରଦାନ କରୁଛି। ଏସମ୍ପର୍କରେ ଆମର ନିବେଶକମାନଙ୍କୁ ଖବରକାଗଜ ବିଜ୍ଞାପନ ମାଧ୍ୟମରେ ଅବଗତ କରାଯାଇଛି।

## 'ଅଗ୍ନିପଥ ଯୋଜନା' ପ୍ରତ୍ୟାହାର ଦାବିରେ ବିଜୁ ପଟ୍ଟନାୟକ କଲେଜ ସମ୍ମୁଖରେ ଛାତ୍ର କଂଗ୍ରେସ ପକ୍ଷରୁ ଦସ୍ତଖତ ଅଭିଯାନ

ଭୁବନେଶ୍ୱର, (ପି.ଏନ): ଆଜି ଭୁବନେଶ୍ୱର ଜିଲ୍ଲା ଛାତ୍ର କଂଗ୍ରେସ ପକ୍ଷରୁ ମୋଦି ସରକାରଙ୍କ 'ଅଗ୍ନିପଥ' ନିଯୁକ୍ତି ଯୋଜନା ପ୍ରତ୍ୟାହାର ଦାବିରେ ବିଜୁପଟ୍ଟନାୟକ କଲେଜ ଠାରେ ଏକ ଦସ୍ତଖତ ଅଭିଯାନ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ଶ୍ରୀ ୟାସିର ନୱାଜ ଯୋଗଦେଇ କହିଥିଲେ ମୋଦି ସରକାର ତାଙ୍କର ୪ ବର୍ଷିଆ ଚାକିରୀ ଯୋଜନା 'ଅଗ୍ନିପଥ'କୁ ପ୍ରତ୍ୟାହାର କରିନିଅନ୍ତୁ। ନରେନ୍ଦ୍ର ମୋଦି ଦେଶର ଯୁବ ସମାଜକୁ ଏତଦ୍ୱାରା ପ୍ରତାରିତ କରିଛନ୍ତି। ୨୦୧୯ ମସିହାରେ ସୈନ୍ୟବାହିନୀରେ ଏପର୍ଯ୍ୟ' ଗୋଟିଏ ବି ନିଯୁକ୍ତି ହୋଇନାହିଁ। ୨୦୧୪ ମସିହାରେ ବର୍ଷକୁ ୨ କୋଟି ନିଯୁକ୍ତି ଦେବେ ବୋଲି ପ୍ରତିଶୃତି ଦେଇ କ୍ଷମତାକୁ ଆସିଲେ, ଆଜି ସେ ତାଙ୍କ ପ୍ରତିଶୃତିକୁ ପାସୋରି ଯାଇଛନ୍ତି। ଅଗ୍ନପଥର ଅଗ୍ନିବୀରକୁ ଭଣ୍ଡେଇ ଦିଆଯାଉଛି। ପୂର୍ବରୁ ପ୍ରତିବର୍ଷ ୫୦ ହଜାର ଜଣ ସେନାବାହିନୀରେ ନିଯୁକ୍ତି ପାଉଥିବା ବେଳେ ୫୦ ହଜାର ଅବସର ନେଉଥିଲେ। ମୋଦି ଏହି ନିଯୁକ୍ତି ପ୍ରଥାକୁ ଭାଙ୍ଗିଦେଇଛନ୍ତି। ୪ ବର୍ଷିଆ ନିଯୁକ୍ତିରେ ସୌନ୍ୟବାହିନୀର ମାନ ଦୁର୍ବଳ ହୋଇଯିବ। ଏ ଚାକିରୀରେ ପେନସନ ନାହିଁ, ଗ୍ରାଚୁଇଟିବି ନାହିଁ କି ଅଗ୍ନୀବିର ମାନେ ଅବସର ପରେ କ୍ୟାଂଟିନରୁ କୌଣସି ଜିନିଷ ନେଇପାରିବେନି। ଆର୍ମିରେ ୪ ବର୍ଷପରେ ମୋଦି ଅଗ୍ନିବୀର ମାନଙ୍କୁ ଘାସ କାଟିବାକୁ ପଠେଇ ଦେବେ। ଅଗ୍ନବୀର ମାନଙ୍କୁ ବିଜେପି ଅଫିସରେ ସିକ୍ୟୁରଟିଗାର୍ଡ଼ ନିଯୁକ୍ତି ଦେବାପାଇଁ କହିବା ଦୁର୍ଭାଗ୍ୟଜନକ। ।ର୍ଯ୍ୟକ୍ରମରେ ଭୁବନେଶ୍ୱର ଛାତ୍ର କଂଗ୍ରେସ ସଭାପତି ନିହାର ବେହେରା, ଜଗଦିଶ ଗଜେନ୍ଦ୍ର, ରାଜଲକ୍ଷ୍ମୀ ସାହୁ, ରାଜଶ୍ରୀ ନନ୍ଦିନୀ ସାହୁ, ମହମ୍ମଦ ଗୁଲଫାମ, ସାଗର ପଟ୍ଟନାୟକ, କାର୍ତିକ କାଣ୍ଡି, ମହମ୍ମଦ ସମିଉଲ, ବିଶ୍ୱଭୂଷଣ ମହାପାତ୍ର, ମୁନା ପରିଡ଼ା, ବିଭୂତିଭୂଷଣ ମହାପାତ୍ର, ଉଦିତ୍ ପ୍ରଧାନ, ଅଜିତ ବାରିକ, ଦେବେଶ ସାହୁ, ରାଜେଶ କୁମାର ନାୟକ, ସୁରଜିତ ଜେନା, ସୌରଭ ଦି, ସ୍ୱପ୍ନରାଣୀ ସ୍ୱାଇଁ, ପିଂଟୁ ପୃଷ୍ଟି, ଗୁରୁପ୍ରସାଦ ମଲ୍ଲିକ, ପ୍ରତ୍ୟୁଷ ପ୍ରଧାନ, ଆଶିଷ କୁମାର ଦାସ, ସୋନାଲି ସାହୁ, ସୋନାଲି ରଥ, ପ୍ରତିସା ଜେନା, ରଶ୍ମିରେଖା ଜେନା ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ଉତ୍କଳ ସମ୍ମିଳନୀ ମାଲକାନଗିରି ଜିଲ୍ଲା ଶାଖା ନିର୍ବାଚନ

ମାଲକାନଗିରି,(ପି.ଏନ): ମାଲକାନଗିରି ଜିଲା ସଦର ମହକୁମାସ୍ଥିତି ମାଲକାନଗିରି ମହାବିଦ୍ୟାଳୟରେ ଉତ୍କଳ ସମ୍ମିଳନୀ ଜିଲା ଶାଖା ନିର୍ବାଚନ ଶାଖା ସଭାପତି ପ୍ରକାଶ ଚନ୍ଦ୍ର ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଶୃଙ୍ଖଳିତ ଭାବେ ସମ୍ପନ୍ନ ହୋଇଛି । କୋରାପୁଟ ଜିଲା ଶାଖା ସଭାପତି ମଦନମୋହନ ନାୟକ ଏବଂ ରାଜ୍ୟ ପରିଷଦର ସଭ୍ୟ ରବୀନ୍ଦ୍ର ଗୌଡ ଯୋଗଦେଇ ନିର୍ବାଚନ କାର୍ଯ୍ୟ ସମ୍ପନ୍ନ କରିଥିଲେ । ମାଲକାନଗିରି ଜିଲା ଶାଖା ସଭାପତି ଭାବେ ଅଧ୍ୟାପକ ଡ଼ଃ. ରଞ୍ଜନ କୁମାର ସ୍ୱାଇଁ, ଉପସଭାପତି ଅଧ୍ୟାପକ ତପନ କୁମାର ବେହେରା ଓ ଭାରତୀ ଦେବୀ, ସମ୍ପାଦକ ରୂପେ ଅଧ୍ୟାପକ ପ୍ରମୀୟ କୁମାର ମହାନ୍ତି, ଯୁଗ୍ମ ସମ୍ପାଦକ ପ୍ରଦୀପ କୁମାର, ସଙ୍ଗଠନ ସମ୍ପାଦକ ଅଧ୍ୟାପକ ଡ. ଗୋକୁଳ ନନ୍ଦ ପାତ୍ର, କୋଷାଧକ୍ଷ ଅଧ୍ୟାପକ ଉମେଶଚନ୍ଦ୍ର ରାଉତ ମନୋନୀତ ହୋଇଥିଲେ । ମନୋନୀତ କାର୍ଯ୍ୟକର୍ତା ରାଜ୍ୟ ପରିଷଦ ଜିଲା ପରିଷଦର ସଦସ୍ୟଙ୍କୁ ମନୋନୀତ କରିଥିଲେ । ରାଜ୍ୟ ପରିଷଦରେ ପ୍ରକାଶ ଚନ୍ଦ୍ର ପଟ୍ଟନାୟକ, ବାଲରାଜୁ ପାଢୀ, ରବୀନ୍ଦ୍ର କୁମାର ମହାରଣା, ନାରାୟଣ ଭୋଳ, ଜୟଦେବ ରାଉଳ, ସୁଧାଂଶୁ ଶେଖର ସାହୁ, ବେଣୁପାଣି ଷଡଙ୍ଗୀ ରହିଥିଲେ । ଜିଲା କାର୍ଯ୍ୟକାରିଣୀ ସଦସ୍ୟ ପ୍ରମୋଦ କୁମାର ସେନାପତି, ପ୍ରକାଶ ଚନ୍ଦ୍ର ନାୟକ , କବିରମୋହନ ବେହେରା ଓ ଅଧ୍ୟାପକ ଗୌତମ ନାୟକ ମନୋନୀତ ହୋଇଛନ୍ତି । କର୍ମକର୍ତାମାନେ ଶପଥ ପାଠ କରିଥିଲେ । ନବ ନିର୍ବାଚିତ ପ୍ରତିନିଧିମାନେ ଜିଲା ଶାଖାକୁ ସୁଦୃଢ କରିବା ପାଇଁ ବିଭିନ୍ନ ବିଷୟରେ ଉପରେ ଆଲୋକପାତ କରିଥିଲେ । ରାଜ୍ୟ ପରିଷଦର ସଭ୍ୟ ରବୀନ୍ଦ୍ର କୁମାର ମହାରଣା ବିଦାୟୀ ସଭାପତି ପ୍ରକାଶଚନ୍ଦ୍ର ପଟ୍ଟନାୟକଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ ।

## ରଥଦାଣ୍ଡରେ ଶ୍ରୀବଳଦେବଜୀଉଙ୍କ ରଥଯାତ୍ରା ପାଇଁ ଏସପିଙ୍କ ସମୀକ୍ଷା



କେନ୍ଦ୍ରାପଡ଼ା,(ପି.ଏନ): ପୁରୀର ଶ୍ରୀକ୍ଷେତ୍ର ଭଳି ଶୁକ୍ରବାର କେନ୍ଦ୍ରାପଡା ତୁଳସୀ କ୍ଷେତ୍ରରେ ମଧ୍ଯ ଅନୁଷ୍ଠିତ ହେବ ରଥଯାତ୍ରା। ଏଥିପାଇଁ ମଙ୍ଗଳବାର ଆରକ୍ଷୀ ଅଧୀକ୍ଷକ ସନ୍ଦୀପ ସମ୍ପଦ ମଡ଼କର ଶ୍ରୀବଳଦେବଜୀଉଙ୍କ ରଥଦାଣ୍ଡରେ ରଥଯାତ୍ରାର ସମୀକ୍ଷା କରିଛନ୍ତି। ରଥ କିପରି ଗଡ଼ିବ, ରଥ ଗଡିବା ବେଳେ କିପରି ଟ୍ରାଫିକ ନିୟନ୍ତ୍ରଣ କରାଯିବ, କେଉଁ କେଉଁ ବାଟ ଦେଇ ଭକ୍ତମାନେ ରଥ ଦାଣ୍ଡକୁ ଯିବେ, କେଉଁ ରାସ୍ତାଗୁଡିକ ସିଲ କରାଯିବ ଓ କେଉଁ ରାସ୍ତା ଦେଇ ସ୍ଥାନୀୟ ଲୋକେ ଯିବା ଆସିବା କରିବେ ଏସମ୍ପର୍କରେ ଏସ୍‌ପି ଶ୍ରୀ ମଡ଼କର ସମୀକ୍ଷା କରିଥିଲେ। ଦୁଇ ବର୍ଷ ହେବ ରଥଯାତ୍ରା ହୋଇ ନ ଥିବାରୁ ଚଳିତ ବର୍ଷ ଅଧିକ ଭକ୍ତଙ୍କ ସମାଗମ ହେବାର ଆଶା କରାଯାଉଛି। ତେଣୁ ଭକ୍ତଙ୍କ ସଂଖ୍ୟା ବୃଦ୍ଧି ପାଇଲେ ଟ୍ରାଫିକ ନିୟନ୍ତ୍ରଣ କିପରି କରାଯିବ। ରଥଯାତ୍ରି ସମୟରେ କେତେ ପୋଲିସ ଅଧିକାରୀ ଓ ଫୋର୍ସଙ୍କର ଆବଶ୍ୟକତା ରହିଛି ସେସବୁ ବିଷୟରେଏସ୍‌ପି ସମୀକ୍ଷା କରିଥିଲେ। ଏସ୍‌ପିଙ୍କ ସହ କେନ୍ଦ୍ରାପଡା ଏସ୍‌ଡିପିଓ ରାଜୀବ ଲୋଚନ ପଣ୍ଡା, ଡିଏସ୍‌ପି କାର୍ତ୍ତିକ ମଲ୍ଲିକ, ବରିଷ୍ଠ ଇନ୍ସପେକ୍ଟର ଜ୍ୟୋତିରଞ୍ଜନ ସାମନ୍ତରାୟ, ଟାଉନ୍ ଥାନା ଅଧିକାରୀ ଗୌରାଙ୍ଗ ଚରଣ ପୃଷ୍ଟି, ଦେବୋତ୍ତର ସଂସ୍ଥାର ନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।

## ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ଭଙ୍ଗା ଘଟଣା


ଖୋର୍ଦ୍ଧା, (ପି.ଏନ): ଖୋର୍ଦ୍ଧା ବଡ଼ତୋଟା ବିଏସଏଫ କ୍ୟାମ୍ପ ନିକଟରେ ଥିବା ଆମ୍ବେଦକରଙ୍କ ପ୍ରତିମୂର୍ତି ଭଙ୍ଗା ଘଟଣାକୁ ବିରୋଧ କରି ଆଜି ପୂର୍ବାହ୍ନରୁ ଆମ୍ବେଦକର ମିଶନ ସଂଘ ପକ୍ଷରୁ ଜଟଣୀ-ଖୋର୍ଦ୍ଧା ରାସ୍ତା ଅବରୋଧ କରାଯାଇଥିଲା। ଫଳରେ ପ୍ରାୟ ୧ ଘଂଟା ଧରି ସମ୍ପୃକ୍ତ ରୁଟ୍ ରେ ଯାନବାହନ ଚଳାଚଳ ବ୍ୟାହତ ହୋଇଥିଲା। ଖବର ପାଇ ଜଟଣୀ ଥାନା ପୋଲିସ ଘଟଣାସ୍ଥଳରେ ପହଂଚି ଧାରଣାରତ ସଂଘର ସଦସ୍ୟ ମାନଙ୍କୁ ବୁଝାସୁଝା କରିଥିଲେ । ଏପରିକି ଆମ୍ବେଦକରଙ୍କ ନୂତନ ପ୍ରତିମୂର୍ତି ସ୍ଥାପନ ପାଇଁ ପ୍ରତିଶୃତି ଦେଇଥିଲେ । ପୋଲିସର ପ୍ରତିଶୃତି ପରେ ସଂଘର ସଦସ୍ୟ ମାନେ ରାସ୍ତାରୋକରୁ ହଟିଥିଲେ ।

## ଫ୍ୟୁଚର ଜେନେରାଲି ଇଣ୍ଡିଆ ଇନସ୍ୟୁରାନ୍ସ ଶୁଭାରମ୍ଭ କଲା 'ଟୋଟାଲ ହେଲ୍‌ଥ ସ୍କୋର'

ଭୁବନେଶ୍ୱର, (ପିଏନ): ଭାରତରେ ମାନସିକ ସ୍ୱାସ୍ଥ୍ୟଗତ ସମସ୍ୟା ଅଧିକ ପରିଲକ୍ଷିତ ହେଉଥିବା, ବିଶେଷକରି ସାମ୍ପ୍ରତିକ ମହାମାରୀ ସମୟରେ ଏହା ଅଧିକ ଉତ୍କଟରୂପ ଧାରଣ କରିଥିବା ବିଷୟକୁ ଦୃଷ୍ଟିରେ ରଖି ଫ୍ୟୁଚର ଜେନେରାଲି ଇଣ୍ଡିଆ ଇନସ୍ୟୁରାନ୍ସ କମ୍ପାନୀ ଲିମିଟେଡ (ଏଫ୍‌ଜିଆଇଆଇ) ଏକ ଅନ୍‌ଲାଇନ ମାନସିକ ସ୍ୱାସ୍ଥ୍ୟ ଆକଳନ ପରୀକ୍ଷା – ଟୋଟାଲ ହେଲ୍‌ଥ ସ୍କୋର ଶୁଭାରମ୍ଭ କରିଛି। ଏହି ଅନନ୍ୟ ସ୍ୱ-ଆକଳନ ବ୍ୟବସ୍ଥା ଜଣେ ବ୍ୟକ୍ତିବିଶେଷଙ୍କୁ ତାଙ୍କର ମାନସିକ ସୁସ୍ଥତା ଆକଳନ କରିବାକୁ ସମର୍ଥ କରାଇବ। ଏଫ୍‌ଜିଆଇଆଇ ପ୍ରତ୍ୟେକଙ୍କୁ ସେମାନଙ୍କର ମାନସିକ ସ୍ୱାସ୍ଥ୍ୟଗତ ବିଷୟକୁ ଗୁରୁତ୍ୱର ସହିତ ବିବେଚନା କରିବାକୁ ପ୍ରୋତ୍ସାହିତ କରୁଛି ଏବଂ ଜଣଙ୍କର ଶାରୀରିକ ସ୍ୱାସ୍ଥ୍ୟଭଳି ଭିତରେ ସୁସ୍ଥ ରହିବାକୁ ହେଲେ ମାନସିକ ସ୍ୱାସ୍ଥ୍ୟ ଠିକ୍ ରଖିବା ଉପରେ ଗୁରୁତ୍ୱ ଦେଉଛି। ଟୋଟାଲ ହେଲ୍‌ଥ ସ୍କୋର ଏକ ପ୍ରଶ୍ନାବଳୀ ଏବଂ ଏପିଆଇ ଭିତ୍ତିକ ଆକଳନ ଯାହା ମାନସିକ ସ୍ୱାସ୍ଥ୍ୟଗତ ସମସ୍ୟାର ଆଦ୍ୟ ଉପସର୍ଗଗୁଡିକୁ ବୁଝିପାରୁଥିବା କାର୍ଯ୍ୟରତ ଚିକିତ୍ସକ ଏବଂ ପରାମର୍ଶଦାତାମାନଙ୍କ ଦ୍ୱାରା ଡିଜାଇନ କରାଯାଇଛି। ଜଣେ ବ୍ୟକ୍ତିବିଶେଷ ଏହି ବ୍ୟବସ୍ଥାରେ ନିଜର ମାନସିକ ସ୍ୱାସ୍ଥ୍ୟ ସମ୍ପର୍କରେ ଆକଳନ କରିବାପରେ ତାଙ୍କୁ ଏକ ସ୍କୋର ପ୍ରଦାନ କରାଯିବ ଯାହା ତାଙ୍କର ସାମ୍ପ୍ରତିକ ମାନସିକ ସ୍ୱାସ୍ଥ୍ୟ ଅବସ୍ଥା ସମ୍ପର୍କରେ ଅବଗତ କରାଇବ। ଏଥିସହିତ ସେ ମାନସିକ ଚାପ, ଉତ୍କଣ୍ଠା, ଅବସାଦ ଏବଂ ଅନ୍ୟ ତତ୍‌ସମ୍ପର୍କିତ ସମସ୍ୟା ଭଳି ମାନସିକ ସ୍ୱାସ୍ଥ୍ୟ ସହିତ ସଂଯୁକ୍ତ ସମସ୍ୟାଗୁଡିକୁ ବୁଝିବା ଏବଂ ସେଗୁଡିକୁ ପରିଚାଳନା କରିବା ସକାଶେ ନିଜର ଯତ୍ନନେବା ପାଇଁ ଉଦ୍ଦିଷ୍ଟ ବିଷୟବସ୍ତୁର ସୁଯୋଗ ନେଇପାରିବେ। ଏହି ସ୍ୱ-ଯତ୍ନ ବିଷୟବସ୍ତୁ ମାନସିକ ସ୍ୱାସ୍ଥ୍ୟ ବିଶାରଦମାନଙ୍କ ଦ୍ୱାରା ବିଶେଷଭାବେ ଫ୍ୟୁଚର ଜେନେରାଲି ପାଇଁ ବିକଶିତ କରାଯାଇଛି। ଫ୍ୟୁଚର ଜେନେରାଲି ଇଣ୍ଡିଆ ଇନସ୍ୟୁରାନ୍ସର ଏମ୍‌ଡି ତଥା ସିଇଓ ଅନୁପ ରାଉ କହିଛନ୍ତି, 'ଆମ ଗ୍ରାହକଙ୍କ ସହିତ ଆଜୀବନ ଭାଗିଦାର ହେବା ଏବଂ ମାନବୀୟ ସ୍ପର୍ଶ ସହ ବିଶେଷ ଜ୍ଞାନ ପ୍ରଦର୍ଶନ କରିବା ହେଉଛି ଆମର ଲକ୍ଷ୍ୟ। ଭାରତର ସାଂସ୍କୃତିକ ବିଧିବ୍ୟବସ୍ଥା ଏବଂ ପ୍ରତିବନ୍ଧକଗୁଡିକୁ ବାସ୍ତବିକତାର ସହିତ ବୁଝିବା ଏବଂ କେତେକ ଜଟିଳ କଥୋପକଥନକୁ ସମର୍ଥ କରାଇପାରିଲେ ଆମେ ଏହି ଲକ୍ଷ୍ୟ ହାସଲ କରିପାରିବୁ। ଆମେ ସମସ୍ତେ ଜାଣୁ ଯେ ମାନସିକ ସ୍ୱାସ୍ଥ୍ୟକୁ ଏକ ଅନାବଶ୍ୟକ ବିଷୟ ଭାବରେ ବିବେଚନା କରାଯାଏ। ଏକ ବ୍ରାଣ୍ଡ୍ ଭାବରେ ମାନସିକ ସୁସ୍ଥତା ଏବଂ ଏଥିପ୍ରତି ଜନସାଧାରଣଙ୍କ ଆଭିମୁଖ୍ୟକୁ ନେଇ ଏକ ସୁସ୍ଥ ଆଲୋଚନା ଆଗେଇନେବାକୁ ଆମେ ଚାହୁଁ। ମାନସିକତାରେ ପରିବର୍ତ୍ତନର ଆରମ୍ଭ ବିନ୍ଦୁ ହେଉଛି ଶାରୀରିକ ସ୍ୱାସ୍ଥ୍ୟ ଭଳି ମାନସିକ ସ୍ୱାସ୍ଥ୍ୟ ସମପରିମାଣରେ ଗୁରୁତ୍ୱପୂର୍ଣ୍ଣ ବୋଲି ଲୋକଙ୍କୁ ବୁଝାଇବା ଏବଂ ଏହା ପରିମାପ କରିବାକୁ ସେମାନଙ୍କୁ ପର୍ଯ୍ୟାପ୍ତ ଉପାୟ ଯୋଗାଇଦେବା। ଏଣୁ ଆମେ ଟୋଟାଲ ହେଲ୍‌ଥ ସ୍କୋର ସୃଷ୍ଟି କରିଛୁ, ଯାହା ଏକ ସରଳ ପ୍ରଶ୍ନାବଳୀ ଏବଂ ଏପିଆଇ ଭିତ୍ତିକ ସ୍କୋର ବ୍ୟବସ୍ଥା।

## ଆରୁହାରେ ବେଆଇନ କଳାପଥର ଖାଦାନ ମାଫିଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଲୋକାୟୁକ୍ତଙ୍କ ନିକଟରେ ଅଭିଯୋଗ

ଧର୍ମଶାଳା, (ପି.ଏନ): ଧର୍ମଶାଳା ତହସିଲ ଅନ୍ତର୍ଗତ ଆରୁହା କଳାପଥର ଖାଦାନରେ ବେଆଇନ ଭାବେ କଳାପଥର ଉତୋଳନ କରିଥିବା ପ୍ରଭାକର ଜେନାଙ୍କ ଉପରେ ଲାଗୁ ହୋଇଥିବା ଜୋରିମାନା ଆଦାୟ କରିବାକୁ ଲୋକାୟୁକ୍ତଙ୍କ ନିକଟରେ ଅଭିଯୋଗ ହୋଇଛି। ସୂଚନା ମୁତାବକ ଆରୁହା କଳପଥର ପାହାଡର ଖାତା ନଂ ୭୭୯ ଓ ପ୍ଲଟ ନଂ ୨୮୧୦ରେ ଆରୁହା ଗ୍ରାମର ପ୍ରଭାକର ଜେନା ନାମକ ବ୍ୟକ୍ତି ବେଆଇନ ଭାବେ ପଥର ଉତୋଳନ କରି ଅନ୍ୟତ୍ର ଚାଲାଣ କରିବା ସହ ସେଠାରେ ଥିବା ତାଙ୍କର କ୍ରସରରେ ଭଙ୍ଗା ଯାଇଥିବା ନେଇ ସ୍ଥାନୀୟ ଅଂଚଳର ମନୋରଞ୍ଜନ ଜେନା ଫେବୃଆରୀ ୨୦୧୯ ମସିହାରେ ଧର୍ମଶାଳା ତହସିଲଦାରଙ୍କ ନିକଟରେ ଅଭିଯୋଗ କରିବା ସହ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଏହାକୁ ନେଇ ଧର୍ମଶାଳା ତତକାଳିନ ତହସିଲଦାର ଏହାର ତଦନ୍ତ କରିବାକୁ ସ୍ଥାନୀୟ ଆରଆଇଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତେବେ ତଦନ୍ତ ସମୟରେ ସେଠାରେ ବେଆଇନ ଖାଦାନ ଚାଲିଥିବା ବେଳେ ବହୁପରିମାଣର କଳାପଥର ଉତୋଳନ ହୋଇଥିବା ନେଇ ଆରଆଇ ତହସିଲଦାରଙ୍କୁ ରିପୋର୍ଟ କରିଥିଲେ। ଏହାକୁ ଭିତିକରି ତହସିଲଦାର ଥାନାରେ ଅଭିଯୋଗ କରିବା ପରେ ପୁଲିସ ପ୍ରଭାକର ଜେନାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିବା ସହିତ ତାଙ୍କ କ୍ରସରକୁ ସିଲ କରିଥିଲା । ତଦନ୍ତ ସମୟରେ ସେଠାରୁ କେତେ ପରିମାଣର କଳାପଥର ଉତୋଳନ ହୋଇଛି ତାହାର ଏକ ରିପୋର୍ଟ ପ୍ରସ୍ତୁତ କରିବାକୁ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତେବେ ଏହାକୁ ନେଇ ସମ୍ପୃକ୍ତ ଅଂଚଳର ଆରଆଇ ଏବଂ ପୁଲିସ ମିଳିତ ଭାବେ ସେଠାରେ ତଦନ୍ତ କରି ୨ଲକ୍ଷ ସିଏମ କଳାପଥର ଚାଲାଣ ହୋଇଥିଲା ଯାହାର ମୁଲ୍ୟ ୨ କୋଟି ୬୦ ଲକ୍ଷ ହୋଇଥିବା ମାପଚୁପରୁ ଜଣାପଡିଥିଲା । ଇତି ମଧ୍ୟରେ ଏହି ଘଟଣାକୁ ୨ ବର୍ଷ ବିତିଯାଇଥିଲେ ହେଁ ତହସିଲ ପକ୍ଷରୁ ସମ୍ପୃକ୍ତ ମାଫିଆଙ୍କ ଠାରୁ ଜୋରିମାନା ଆଦାୟ କରିବାରେ ବିଫଳ ହୋଇଛି । ତହସିଲ ପକ୍ଷରୁ କରାଯାଇଥିବା ଜୋରିମାନା ୨ କୋଟି ୬୦ ଲକ୍ଷ ଟଙ୍କା ଆଦାୟ କରିବାରେ ଜିଲ୍ଲା ପ୍ରଶାସନର ବିଫଳତାକୁ ନେଇ ଅଭିଯୋଗକାରୀ ମନୋରଞ୍ଜନ ଜେନା ଲୋକାୟୁକ୍ତଙ୍କ ନିକଟରେ ଅଭିଯୋଗ କରିଥିଲେ । ଯାହାକୁ ନେଇ ଏହାର ଜବାବ ରଖିବା ପାଇଁ ଲୋକାୟୁକ୍ତ ଯାଜପୁର ଜିଲ୍ଲାପାଳ, ତହସିଲଦାର ଧର୍ମଶାଳା ଓ ସମ୍ପୃକ୍ତ ଖାଦାନ ମାଲିକଙ୍କୁ ନୋଟିସ ଜାରି କରିଥିବା ଜଣାପଡିଛି।




# ବିବାଦୀୟ ଅଗ୍ନିପଥ ନିଯୁକ୍ତି ଯୋଜନା ପ୍ରତ୍ୟାହାର ନ ହେଲେ ବ୍ୟାପକ ଆନ୍ଦୋଳନ ହେବ

ରାଉରକେଲା (ପିଏନ୍): ଭାରତୀୟ ସେନାରେ ଅସ୍ଥାୟୀ ନିଯୁକ୍ତି ପାଇଁ ବିଜେପି ନେତୃତ୍ୱାଧିନ କେନ୍ଦ୍ର ସରକାର ଆରମ୍ଭ କରିଥିବା ବିବାଦୀୟ ଅଗ୍ନିପଥ ଯୋଜନାକୁ ତୁର' ପ୍ରତ୍ୟାହାର କରିବା ପାଇଁ କଂଗ୍ରେସ ତରଫରୁ ଦାବି କରାଯାଇଛି । ଏହି ବିବାଦୀୟ ଯୋଜନାକୁ ତୁର' ପ୍ରତ୍ୟାହାର କରାନଗଲେ ଆନ୍ଦୋଳନକୁ ଅଧିକ ବ୍ୟାପକ କରାଯିବ ବୋଲି ନିର୍ବାଚନ ମଣ୍ଡଳୀ ସ୍ତରୀୟ କଂଗ୍ରେସର ସତ୍ୟାଗ୍ରହ କାର୍ଯ୍ୟକ୍ରମରେ ଆଜି ରାଉରକେଲା ଠାରେ ଘୋଷଣା କରାଯାଇଛି । ଅଖିଳ ଭାରତ କଂଗ୍ରେସ କମିଟିର ଆହ୍ୱାନକ୍ରମେ ଓ ପ୍ରଦେଶ କଂଗ୍ରେସ କମିଟି ନିର୍ଦ୍ଦେଶରେ ଆଜି ରାଉରକେଲା ବିଧାନସଭା ନିର୍ବାଚନ ମଣ୍ଡଳୀର ଉଦିତନଗର ସ୍ଥିତ ମ୍ୟୁନିସିପାଲ ଛକଠାରେ ଗଣସତ୍ୟାଗ୍ରହ ଅନୁଷ୍ଠିତ ହୋଇଥିଲା । କଂଗ୍ରେସର ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ବିରେନ ସେନାପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଗଣସତ୍ୟାଗ୍ରହ କାର୍ଯ୍ୟକ୍ରମକୁ ପିସିସି ସଭ୍ୟ ରାମାନନ୍ଦ ଶ୍ରୀଚନ୍ଦନ ସଞ୍ଚାଳନ କରିଥିଲେ । ଏହି ଅବସରରେ ଜିଲ୍ଲା କଂଗ୍ରେସର ଭାରପ୍ରାପ୍ତ ସଭାପତି ଦେବବ୍ରତ ବିହାରୀ, ପୂର୍ବତନ ବିଧାୟକ ପ୍ରଭାତ ମହାପାତ୍ର, ପିସିସି ସାଧାରଣ ସମ୍ପାଦକ ରବି ରାୟ, ଜିଲ୍ଲା କଂଗ୍ରେସ ଉପସଭାପତି କୀର୍ତ୍ତନ ଦାସ, ପୂର୍ବତନ ପିସିସି ସମ୍ପାଦକ ଗଣେଶ ପ୍ରଧାନ, ସବୀର ହୁସେନ ଓ ରଶ୍ମିରନ ପାଢୀ, ଏଆଇସିସି ସହଯୋଗୀ ସଭ୍ୟ ରାଜକୁମାର ଯାଦବ, ମହିଳା ସଭାନେତ୍ରୀ ନିରୂପମା ବଳିୟାର ସିଂ, ଡିସିସି ମୁଖପାତ୍ର ଗିରିଜା ଶଙ୍କର ମିଶ୍ର, ଅସଙ୍ଗଠିତ ନିର୍ମାଣ ଶ୍ରମିକର ରାଜ୍ୟ ସମ୍ପାଦକ ତ୍ରିଲୋଚନ ମହାନନ୍ଦ, ସାଧାରଣ ସମ୍ପାଦକ ଶଙ୍କର ଅଗ୍ରୱାଲ, କାର୍ଯ୍ୟନିର୍ବାହୀ ସଦସ୍ୟ ସାହିର ହୁସେନ ଓ ଭାସ୍କର ଖିଲ୍ଲାର, ବରିଷ୍ଠ ନେତା ଇନ୍ଦ୍ରମୋହନ ପଣ୍ଡା ଓ ସୋମନାଥ ପଣ୍ଡା ପ୍ରମୁଖ ବକ୍ତବ୍ୟ ରଖି ଅଗ୍ନିପଥ ନିଯୁକ୍ତି ଯୋଜନାକୁ ତୀବ୍ର ସମାଲୋଚନା କରିଥିଲେ । ଗତ ୮ ବର୍ଷର ଶାସନରେ ମୋଦି ସରକାର ଦେଶର ଯୁବ ସମାଜକୁ ସାଂଘାତିକ ଭାବେ ପ୍ରତାରିତ କରି ଏବେ ୪ ବର୍ଷ ପାଇଁ ସେନାବାହିନୀରେ ନିଯୁକ୍ତି ଦେବାର ଯୋଜନା କରିବା ଯୁବସମାଜ ପ୍ରତି ଉପହାସ ବ୍ୟତୀତ ଅନ୍ୟକିଛି ନୁହେଁ ବୋଲି କହିଥିଲେ । କରୋନାର ଆଳ ନେଇ ଗତ ୩ ବର୍ଷ ହେଲା ସେନାରେ ନିଯୁକ୍ତିକୁ ମୋଦି ସରକାର ବନ୍ଦରଖିଥିବା ବେଳେ ସମ୍ପ୍ରତି ୪୬ ହଜାର ଯୁବକଙ୍କୁ ୪ ବର୍ଷ ପାଇଁ ଅସ୍ଥାୟୀ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କରିବା ସେନାର ଯବାନମାନଙ୍କ ପ୍ରତି ଏକ ଅପମାନ ବୋଲି ନେତୃବୃନ୍ଦ ପ୍ରକାଶ କରିଥିଲେ । କାରଣ ଏହି ୪ ବର୍ଷିଆ ନିଯୁକ୍ତି ସମାପ୍ତ ପରେ ସମ୍ପୃକ୍ତ ଯବାନମାନଙ୍କୁ ପେନସନ କିମ୍ବା ଅନ୍ୟାନ୍ୟ ସୁବିଧା ମିଳିବ ନାହିଁ, ଯାହା ସେମାନଙ୍କ ଜୀବନକୁ ଦୁର୍ବିସହ କରିବ ବୋଲି କହିଥିଲେ । ସମ୍ପ୍ରତି ଦେଶରେ ଅନ୍ୟୁନ ୬୩ ଲକ୍ଷ ସରକାରୀ ପଦପଦବୀ ଖାଲି ପଡିଥିବା ବେଳେ ଏଥିରେ କେନ୍ଦ୍ର ସରକାରଙ୍କ ୨୬ ଲକ୍ଷ ପଦପଦବୀ ରହିଛି ବୋଲି ନେତୃବୃନ୍ଦ ପ୍ରକାଶ କରି ଭାରତ ସରକାର ବର୍ତ୍ତମାନର ଉକ୍ରଟ ବେକାରୀ ସମୟରେ କାହିଁକି ସେ ପଦପଦବୀ ପୂରଣ କରୁନାହାଁନ୍ତି ବୋଲି ପ୍ରଶ୍ନ କରିଥିଲେ । ବାର୍ଷିକ ୨ କୋଟି ନିଯୁକ୍ତିର ପ୍ରତିଶ୍ରୁତି ଦେଇ କ୍ଷମତାକୁ ଆସିଥିବା ମୋଦି ସରକାର ତାଙ୍କର ଶାସନ କାଳରେ ୧୪ କୋଟିରୁ ଅଧିକ ଲୋକଙ୍କୁ ବେରୋଜଗାର କରିଛନ୍ତି ବୋଲି ନେତୃବୃନ୍ଦ ଅଭିଯୋଗ କରି ଆଗାମୀ ଦିନରେ ମୋଦି ସରକାରର ସ୍ୱେଚ୍ଛାଚାରୀ ନୀତିର କଡା ଜବାବ ଦିଆଯିବ ବୋଲି ଘୋଷଣା କରିଥିଲେ । ଆଜିର ଏହି ଗଣସତ୍ୟାଗ୍ରହ ସକାଳ ୧୦ଟାରେ ଗାନ୍ଧୀଜୀଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରାଯାଇ ଆରମ୍ଭ କରାଯାଇଥିବା ବେଳେ ଦିବା ୧ଟା ୩୦ ମିନିଟ୍‌ରେ ଶେଷ ହୋଇଥିଲା । କୈଳାସ ଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଉପସଭାପତି ସ'ୋଷ ବିଶ୍ୱାଳ ଓ ଶୋଭା ସିଂ, ଓବିସି ଅଧ୍ୟକ୍ଷ ତ୍ରୈଲୋଚନ ସାହୁ, ଏସ୍‌ସି ସେଲ୍ ଅଧ୍ୟକ୍ଷ ବିନୋଦ ତ'1, ଫିସରମ୍ୟାନ କଂଗ୍ରେସ ଅଧ୍ୟକ୍ଷ ସିଦ୍ଧେଶ୍ୱର ମଲ୍ଲିକ, ବରିଷ୍ଠ ନେତା ଦୀନବନ୍ଧୁ ଭୋଳ, ବ୍ଲକ ସଭାପତି ବିଜୟ ଆପଟ, ପ୍ରଦ୍ୟୁମ୍ନ ଷଡଙ୍ଗୀ ଓ ପ୍ରତାପ ବେହେରା, ଜିଲ୍ଲା କଂଗ୍ରେସ ସମ୍ପାଦକ କଳ୍ପତରୁ ପଣ୍ଡା, ରବୀନ୍ଦ୍ର ନାୟକ, ସୁନୀଲ ସିଂହ, ଅମ୍ରିତ କୌର, ଧର୍ମେନ୍ଦ୍ର ପରମାର, କାର୍ଯ୍ୟନିର୍ବାହୀ ସଦସ୍ୟ ଦିଲ୍ଲୀପ ଜେନା, ଜିତେନ୍ଦ୍ର ଦାସ, ଏମ୍‌ପି ଜୟସ୍ୱାଲ, ଏମ୍‌ଡି ମୁର, ବିନୋଦ ପଟ୍ଟନାୟକ, ସାମାଜିକ ଗଣମାଧ୍ୟମର ସୁଧୀର ନାଥ, ବିଶ୍ୱଜିତ ସାହୁ, ଶିବୁ ଓରାମ, ପ୍ରତାପ ସାହୁ, ରାଜନ ତ'1, ବାବୁ ଖାନ, ସୌକତ ଖାନ, ସାକିର ହୁସେନ, ମନୋଜ ବର୍ମା, ଏସ୍.ଏନ୍. କ୍ରିଷ୍ଣା, ସୁବଳ ବାସୁରୀ, ବସ' ସାମଲ, ମୀନକେତନ ଯତୀ, ସେବାଦଳର ବୁଲୁ ଦାସ, ପ୍ରଭାତ ବାରିକ, ସେଖ ସମୀର, ଆଇତା ବାହାଦୁର, ଅନୀଲ ଦାସ, ବିକି ରଜାକ, ପବନ ସାହୁ, କୈଳାସ ଚନ୍ଦ୍ର ବିଶୋୟୀ, ବସ' ସାମଲ, ଲୋକନାଥ ଭୂମିଜ, ଲିଙ୍ଗରାଜ ମହାଁ, ବିଜୟ ବେହେରା, ବନଲତା ବେହେରା, ମୀନା ମିଶ୍ର, ନୀଲୁ କୁମାରୀ ପ୍ରମୁଖଙ୍କ ସମେତ ଶତାଧିକ ଦଳୀୟ କର୍ମକର୍ତ୍ତା ଓ କର୍ମୀ ଏହି ସତ୍ୟାଗ୍ରହରେ ଅଂଶଗ୍ରହଣ କରିଥିଲେ ।

## ପଞ୍ଚବଟୀରେ ରାମଚରିତ ପାରାୟଣ ଉଦଯାପିତ



ଫୁଲନଖରା (ପିଏନ୍)-ଜୟରଶାସନସ୍ଥ ପଞ୍ଚବଟୀଠାରେ ୨୫ତମ ବାର୍ଷିକ ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ଓ ବିଶ୍ୱଶାଁ ମହାଯଜ୍ଞ ଉଦଯାପିତ ହୋଇଛି। ଏଥିରେ ବାଳକୃଷ୍ଣ ବେହେରା ଓ ନୀଳିମା ବେହେରା କର୍ତ୍ତାଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ। ମହିଳା କମିସନ ପୂର୍ବତନ ଅଧ୍ୟକ୍ଷା ନମିତା ପଣ୍ଡା, ବାଲିଅ'ା ବ୍ଲକ ଅଧ୍ୟକ୍ଷା ବାସ'1 ଖଟୁଆ, ପାହାଳ ଆଇଆଇସି ଷ୍ଟାଲିନ ବିଶ୍ୱାଳ, କୈଳାସଚନ୍ଦ୍ର ବରାଳ, ଜିଲାପରିଷଦ ସଭ୍ୟ ମହେଶ୍ୱର ଦାସ, ଜଗନ୍ନାଥପୁର ସରପଞ୍ଚ ବିଶ୍ୱଜିତ ଭୋଇ, ଆଇନଜୀବୀ ଉମାକା' ନନ୍ଦ, ସାମ୍ବାଦିକ ଲଳିତକୁମାର ଦାଶ, ଶ୍ରୀ ସନ୍ନ୍ୟାସୀ ଜୀ, ଆଇନଜୀବୀ କବିନାରାୟଣ ଜେନା, ପ୍ରାକ୍ତନ ସରପଞ୍ଚ ବଂଶୀଧର ଭୋଳ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ବାଳକୃଷ୍ଣ ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ସନ୍ଥ ହରିଚରଣ ଦାସ ମହାରାଜ, ପଣ୍ଡିତ ବ୍ରହ୍ମାନନ୍ଦ ହୋତାଶର୍ମା, ଶ୍ୟାମସୁନ୍ଦର ଦାଶ, ପଣ୍ଡିତ ଦିଲୀପକୁମାର ପଣ୍ଡା, ପ୍ରଶା' ଶତପଥି, ବୈଦ୍ୟନାଥ ପାଣି, ପ୍ରଭାତ ଶତପଥି, ବିଶ୍ୱଜିତ ପାଣି, ନାରାୟଣ ମହାଁ ଓ ପ୍ରଶା' ବେହେରାଙ୍କୁ ସମ୍ମାନିତ କରାଯାଇଥିଲା। ଡାକ୍ତର ଭିକାରିଚରଣ ସାହୁ ଓ ପ୍ରଦୀପକୁମାର ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପୂର୍ଣ୍ଣାହୁତି ସଂଧ୍ୟାରେ ମନ୍ଦାରିଆପାଟଣା, ଜୟରଶାସନ, ଜଗନ୍ନାଥପୁର, ମହାନ୍ତିପାଟଣା ଓ ଗୁଆଳି ଆଦି ଆଖପାଖ ଗ୍ରାମର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

## ପଣ୍ଡା କ୍ୟାନସର ହସପିଟାଲରେ ନିଶ୍ଚେତକ କର୍ମଶାଳା ପ୍ରସ୍ତୁତି



ଫୁଲନଖରା (ପିଏନ୍)-ସଦର ଥାନା ତେଲେଙ୍ଗାପେଣ୍ଠସ୍ଥିତ ପଣ୍ଡା କ୍ୟାନସର ହସପିଟାଲରେ ଅତ୍ୟାଧୁନିକ ନିଶ୍ଚେତକ ପ୍ରୟୋଗରେ କ୍ୟାନସର ରୋଗର ସଫଳ ଅସ୍ତ୍ରୋପଚାର ସମ୍ପର୍କିତ ଏକ ରାଜ୍ୟସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏ ସମ୍ପର୍କରେ ଏକ ପ୍ରେସ ମିଟ ହସପିଟାଲ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ଏଥିରେ ନିଶ୍ଚେତକ ବିଭାଗର ବିଶେଷଜ୍ଞ ଡାକ୍ତର ପ୍ରମୋଦ ପାତ୍ର ଯୋଗଦେଇ କର୍କଟ ରୋଗୀଙ୍କ ମୁଣ୍ଡ ଏବଂ ଗଳା ଅସ୍ତ୍ରୋପଚାର କରିବା ଏକ ଜଟିଳ ଚିକିତ୍ସା ହୋଇଥିବାରୁ ଏଠାରେ ନିଶ୍ଚେତକର ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ। ରୋଗୀର ସ୍ୱାଭାବିକ ନିଃଶ୍ୱାସ ପ୍ରଶ୍ୱାସକୁ ବାଧା ନପହଞ୍ଚାଇ ଏକ ଅତ୍ୟାଧୁନିକ ପାଇପ ମାଧ୍ୟମରେ ଏହି ପ୍ରକ୍ରିୟାକୁ ସହଜ କରିବା ସହିତ ଅସ୍ତ୍ରୋପଚାରକୁ ସଫଳ କରିବା ଉକ୍ତ କର୍ମଶାଳାର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଡା. ପାତ୍ର ସୂଚନା ଦେଇଥିଲେ। ଏପରି ଏକ କର୍ମଶାଳା ରାଜ୍ୟରେ ପ୍ରଥମ ବୋଲି ଜଣାପଡ଼ିଛି। ଆୟୋଜିତ ଏହି ପ୍ରେସମିଟରେ ହସପିଟାଲ ପରିଚାଳନା ନିର୍ଦ୍ଦେଶକ ପ୍ରଫେସର କୃପାସିନ୍ଧୁ ପଣ୍ଡା, ପରିଚାଳକ ବିଜୟ ସାହୁ, ସଂଜୟକୁମାର ପୃଷ୍ଟି, ଶୁଭାଶିଷ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଖରିଫ, ୨୦୨୨ ନିମନ୍ତେ ଜିଲ୍ଲା କୃଷି ନୀତି ନିର୍ଦ୍ଧାରଣ କମିଟି ବୈଠକ




ବାଲେଶ୍ୱର (ପିଏନ୍)-ଚଳିତ ଖରିଫ ୨୦୨୨ ପାଇଁ ବାଲେଶ୍ୱର ଜିଲ୍ଲା କୃଷି ନୀତି ନିର୍ଦ୍ଧାରଣ କମିଟି ବୈଠକ ଗତକାଲି ଅପରାହ୍ନରେ ସ୍ଥାନୀୟ "ସଦଭାବନା ସଭାଗୃହ"ରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଶ୍ରୀ ଦତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ୨୦୨୧-୨୨ ରବି ଋତୁର ଲକ୍ଷ୍ୟ ହାସଲ ଏବଂ ଚଳିତ ଖରିଫ ଋତୁ ପାଇଁ ବିଭିନ୍ନ ଫସଲ ଏବଂ ନିର୍ଦ୍ଧାରିତ କୃଷି କାର୍ଯ୍ୟକ୍ରମର ସଫଳ ରୂପାୟନ ସମ୍ପର୍କରେ ସମୀକ୍ଷା କରାଯାଇଥିଲା । ବୈଠକ ପ୍ରାରମ୍ଭରେ ପୁଷ୍ପଗୁଚ୍ଛ ପ୍ରଦାନପୂର୍ବକ ଜିଲ୍ଲାପାଳ ଶ୍ରୀ ଶିନ୍ଦେଙ୍କୁ ସ୍ୱାଗତ କରାଯାଇଥିବା ବେଳେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଶ୍ରୀ ନିକୁଞ୍ଜ କିଶୋର ରାଉତ ଖରିଫ ଋତୁ ପାଇଁ ଧାର୍ଯ୍ୟ ବିଭିନ୍ନ ଲକ୍ଷ୍ୟ ଏବଂ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ । ଗୃହରେ ଉପସ୍ଥିତ ସହକାରୀ କୃଷି ଅଧିକାରୀ ଏବଂ ବ୍ଲକ ତଥା ଜିଲ୍ଲାସ୍ତରୀୟ କୃଷି ଅଧିକାରୀମାନେ ଜିଲ୍ଲାର ବିଭିନ୍ନ ଅଂଚଳ ଓ ବ୍ଲକରେ ଚାଷ ଓ ଉତ୍ପାଦିତ ଶସ୍ୟର ସ୍ଥିତି ସମ୍ପର୍କରେ ଆଲୋଚନା କରିଥିଲେ । ଏହି ଅବସରରେ ଜିଲ୍ଲାପାଳ ଶ୍ରୀ ଶିନ୍ଦେ ଶସ୍ୟ ବିବିଧିକରଣ, ଉତ୍ପାଦିତ ଶସ୍ୟକୁ ମୂଲ୍ୟ ଯୁକ୍ତ ସାମଗ୍ରୀରେ ପରିଣତ କରି କୃଷକମାନଙ୍କୁ ଆୟକୁ ବଢାଇବା ଏବଂ କୃଷିଭିତିକ ଶିଳ୍ପାୟନ ଉପରେ ଗୁରୁତ୍ୱାରୋପ କରିଥିଲେ । ପରମ୍ପରାଗତ ଭାବେ ଜିଲ୍ଲାରେ ଧାନଚାଷକୁ ସର୍ବାଧିକ ଗୁରୁତ୍ୱ ଦିଆଯାଉଥିବା ବେଳେ ଏହା କୃଷକମାନଙ୍କ ଆୟକୁ ବଢାଇବା ପାଇଁ ସକ୍ଷମ ହୋଇପାରିବ ନାହିଁ ବୋଲି ସେ କହିଥିଲେ । ଏଣୁ ଡାଲିଜାତୀୟ ଶସ୍ୟ, ମକା, ପରିବା, ଆଖୁ, ଝୋଟ, ହଳଦୀ, ଅଦା ଓ ଲଙ୍କା ଚାଷ ପାଇଁ ଚାଷୀଙ୍କୁ ପ୍ରୋତ୍ସାହିତ କରିବାକୁ ସେ କୃଷି ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ । ଏହି ପରିପ୍ରେକ୍ଷୀରେ ସେ ଅଧିକାରୀମାନଙ୍କ ପାଇଁ ନୂତନ ଲକ୍ଷ୍ୟ ଧାର୍ଯ୍ୟ କରି ତାହା ହାସଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏଥି ନିମନ୍ତେ ସୁନିୟୋଜିତ ଭାବେ ଜିଲ୍ଲାର ବିଭିନ୍ନ ଅଂଚଳରୁ ଅନୁଧ୍ୟାନ କରି କେଉଁ ଅଂଚଳ କେଉଁ ଚାଷ ପାଇଁ ପ୍ରକୃଷ୍ଟ ତାହା ଚିହ୍ନଟ କରିବା ଏବଂ ସ୍ୱତନ୍ତ୍ର କୃଷି କ୍ଲଷ୍ଟର ପ୍ରସ୍ତୁତ କରିବାକୁ ସେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କୁ କହିଥିଲେ । ଅନୁରୂପ ଭାବେ ବଳରାମ ଯୋଜନାର ସଫଳ ରୂପାୟନ ପାଇଁ ନାବାର୍ଡ ସହାୟତାରେ ମିଳିତ ଦାୟିତ୍ୱ ଗୋଷ୍ଠୀ ତିଆରି କରିବା, ମୃତିକା ସ୍ୱାସ୍ଥ୍ୟ ପତ୍ରିକା ବଂଟନ, କୃଷି ଯାନ୍ତ୍ରିକୀକରଣକୁ ତ୍ୱରାନ୍ୱିତ କରିବା ପାଇଁ ଅଗ୍ରଣୀ ଚାଷୀଙ୍କୁ ପ୍ରୋତ୍ସାହିତ କରିବା ସହ ସବସିଡିରେ ସେମାନଙ୍କୁ ଟ୍ରାକ୍ଟର ଓ ଅନ୍ୟାନ୍ୟ ଯନ୍ତ୍ରପାତି ଯୋଗାଇ ଦେବା, ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାକୁ କାର୍ଯ୍ୟକାରୀ କରି କୃଷିଭିତିକ କ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠା କରିବା, କୃଷକମାନଙ୍କୁ କମ ସୁଧ ଏବଂ ସୁବିଧାରେ ଋଣ ପ୍ରଦାନ କରିବା, ସାର ଓ ବିହନ ଯୋଗାଇ ଦେବା, ବର୍ଷା ଓ ପାଣିପାଗ ସମ୍ପର୍କରେ ଆଗୁଆ ସୂଚନା ପ୍ରଦାନ କରିବା, ଉତ୍ପାଦିତ ସାମଗ୍ରୀର ବିପଣନ ପାଇଁ ପଦକ୍ଷେପ ନେବା ଇତ୍ୟାଦି ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା । ଉଦ୍ୟାନ କୃଷି କ୍ଷେତ୍ରରେ କ୍ଷୁଦ୍ର ଚାଷୀ ତଥା ସ୍ଥାନୀୟ ଅଂଚଳବାସୀଙ୍କୁ ଆକୃଷ୍ଟ କରି ସେମାନଙ୍କୁ ସହାୟତା ଯୋଗାଇଦେବାକୁ ମଧ୍ୟ ବୈଠକରେ ଆଲୋଚନା ହୋଇଥିଲା । କ୍ଷେତ୍ର ଅଧିକାରୀମାନେ ନିଷ୍ଠାପର ଉଦ୍ୟମ କରି କୃଷି ଓ କୃଷକମାନଙ୍କ ସାମୂହିକ ହିତ ପାଇଁ କାର୍ଯ୍ୟ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ । ଚଳିତ ଖରିଫ ଋତୁରେ କୃଷି ବିଭାଗ ତରଫରୁ ୧ ଲକ୍ଷ ୯୭ହଜାର ୫୦୦ ହେକ୍ଟର ଜମିରେ ଧାନ ଫସଲ ଏବଂ ୨୨,୦୭୦ ହେକ୍ଟର ଜମିରେ ଅଣଧାନ ଫସଲ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ବୈଠକରେ ଡିଡିଏମ ନାବାର୍ଡ ଶ୍ରୀ ତାପସ ରଞ୍ଜନ ପ୍ରଧାନ, ଉଦ୍ୟାନକୃଷି ଉପନିର୍ଦ୍ଦେଶକ ତପନ କୁମାର ମହାନ୍ତି, ଜିଲ୍ଲା ମୁଖ୍ୟ ପ୍ରାଣୀଚିକିତ୍ସା ଅଧିକାରୀ ଡା. ବନମାଳୀ ସାହୁ ପ୍ରମୁଖ ମଂଚାସୀନ ଥିବା ବେଳେ କୃଷି ଓ ଆନୁସଙ୍ଗିକ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ବିଭିନ୍ନ କାର୍ଯ୍ୟକ୍ରମ ସଂପର୍କରେ ଗୃହକୁ ଅବଗତ କରାଇଥିଲେ ।

## ସାଇକେଲ୍ ଚଲାନ୍ତୁ, ସୁସ୍ଥ ରୁହନ୍ତୁ, ପରିବେଶ ବଞ୍ଚାନ୍ତୁ




ଭୁବନେଶ୍ୱର (ପିଏନ୍): ଜୁନ୍ ମାସ ୩ ତାରିଖରେ ବିଶ୍ୱ ପାଳିଛି ସାଇକେଲ ଦିବସ। ସାଇକେଲ ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ ହେଲା ଲୋକମାନଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ସଚେତନତା ବୃଦ୍ଧି ସହ ବାୟୁ, ଧ୍ୱନି ପ୍ରଦୂଷଣକୁ କମ୍ କରିବା, ଟ୍ରାଫିକ୍ ଜାମ୍‌କୁ କମ୍ କରିବା, ଇନ୍ଧନ ଅପଚୟର ସମସ୍ୟାକୁ ହ୍ରାସ କରାଇବା, ଜଳବାୟୁ ପରିବର୍ତ୍ତନ ଜ୍ୱାଳାରୁ ମୁକ୍ତି ପାଇପାରିବା ଏବଂ ପରିବେଶକୁ ସୁରକ୍ଷିତ ରଖିପାରିବା। ଏହି ଦିବସ ପାଳନ ଅବସରରେ ସ୍ମାର୍ଟନଗରୀ ଭୁବନେଶ୍ୱରର ପୋଖରୀପୁଟ ଅଞ୍ଚଳରେ ରହୁଥିବା ୭ ବର୍ଷର ବାଳକ ଶାନ୍ତନୁ ଶାନ୍ତିସ୍ୱରୂପ ନିଜର ସାଇକେଲ୍‌କୁ ନିଜେ ଚଳାଇ ଜନସଚେତନତା ଉଦ୍ଦେଶ୍ୟରେ କିଛି ବାର୍ତ୍ତା ଦେବାକୁ ପ୍ରୟାସ କରିଛନ୍ତି। ଶାନ୍ତନୁ କୁହନ୍ତି-ସାଇକେଲ୍ ଚଲାନ୍ତୁ, ସୁସ୍ଥ ରୁହନ୍ତୁ ଏବଂ ପରିବେଶକୁ ବଞ୍ଚାନ୍ତୁ। ମୁଁ ପ୍ରତିଦିନ ସାଇକେଲ୍ ଚଲାଇଥାଏ। ସାଇକେଲ୍ ଚଲାଇବା ଦ୍ୱାରା ମୋର ମନ ଫୁର୍ତ୍ତି ରହିଥାଏ, ଦେହ ହାଲ୍‌କୁ ଲାଗିଥାଏ ଏବଂ ନିଜକୁ ଫିଟ୍ ଅନୁଭବ କରିଥାଏ। ଆପଣମାନଙ୍କୁ ଓ ମୋର ସାଙ୍ଗ, ସାଥୀ, ଗୁରୁଜନମାନଙ୍କୁ ଅନୁରୋଧ, ପ୍ରତିଦିନ ସାଇକେଲ୍ ଚଲାନ୍ତୁ ଏବଂ ଏକ ସୁସ୍ଥ ଜୀବନଶୈଳୀ ଗଠନ ପାଇଁ ସଂକଳ୍ପ ନିଅନ୍ତୁ ଏବଂ ପରିବେଶ ସୁରକ୍ଷାରେ ସହାୟକ ହୁଅନ୍ତୁ ବୋଲି ଶାନ୍ତନୁ ଏହି ଅବସରରେ ନିବେଦନ କରିଛନ୍ତି।

## ଭାରିଗୋଳ ଗ୍ରାମରେ ସର୍ବସାଧାରଣ ରାସ୍ତା ଅବରୋଧ ଅଭିଯୋଗ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲାର ଗରଦପୁର ତହସିଲ ଅନ୍ତର୍ଗତ ଭାରିଗୋଳ ଗ୍ରାମର ଭୋଳହାଟଠାରୁ ବଡ ବେତରା ପଞ୍ଚାୟତ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିବା ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନା ରାସ୍ତାକୁ ଅବରୋଧ କରାଯାଇଥିବା ଅଭିଯୋଗ ହୋଇଛି । ଜାଗୁଳାଇ ଠାକୁରାଣୀ ଠାରୁ ପ୍ରାଥମିକ ବିଦ୍ୟାଳୟ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ଅବରୋଧ କରାଯାଇ ଥିବା ନେଇ ଗ୍ରାମାବସୀଙ୍କ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳ ପିତାମ୍ବର ସାମଲଙ୍କ ନିକଟରେ ଅଭିଯୋଗ ହୋଇଛି । କେତେକ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ରାସ୍ତାର ଅର୍ଦ୍ଧାଧିକ ଅଂଶକୁ ହାଣି ନିଜ ଜମିରେ ମିଶାଇଦେବା ସହ ସେହି ରାସ୍ତା ଅବରୋଧ ଜମିରେ ନଡିଆ, ଗୁଆ, କଦଳୀ ଗଛ ପ୍ରମୁଖ ଲଗାଇବା ସହ ବାଡବନ୍ଦୀ କରିଦେଇଥିବାରୁ ସାଧାରଣ ଲୋକେ ଯାତାୟାତରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଚାରିଚକିଆ ଯାନ, ଆମ୍ବୁଲାନ୍ସ, ଅଗ୍ନିଶମ ଗାଡି ପ୍ରଭୃତି ଯାନଗୁଡିକ ଯାତାୟାତରେ ଗୁରୁତର ବାଧା ସୃଷ୍ଟି ହୋଇଛି । ତୁରନ୍ତ ସେହି ରାସ୍ତାର ଉଭୟ ପାର୍ଶ୍ୱକୁ ମାପଚୁପ କରାଯାଇ ଅବରୋଧ ମୁକ୍ତ କରାଇବାକୁ ବଡବେତରା ସରପଞ୍ଚ ସଂଯୁକ୍ତା ମହାପାତ୍ର, ଅନନ୍ତ କୁମାର ପରିଡା, ରାମଚନ୍ଦ୍ର ବାରିକ, ବୈଷ୍ଣବ ଚରଣ ବାରିକ, ବିଜନ ରାୟ, ପ୍ରଦୀପ୍ତ ମହାନ୍ତି ପ୍ରମୁଖ ଅତିରିକ୍ତ ଜିଲ୍ଲାପାଳଙ୍କୁ ସାକ୍ଷାତ କରି ଜବରଦଖଲ ହଟାଇବାକୁ ଦାବି କରିଛନ୍ତି ।

## ବିପଜ୍ଜନକ ଭାବେ ଟ୍ରାକ୍ଟରରେ ବୁହାହେଉଛି କାଠଗଡ



କେନ୍ଦ୍ରାପଡ଼ା (ପିଏନ୍): ସହରର ଜନଗହଳିପୂର୍ଣ୍ଣ ରାସ୍ତା ଦେଇ ଅତ୍ୟନ୍ତ ବିପଜ୍ଜନକ ଅବସ୍ଥାରେ ଟ୍ରାକ୍ଟରରେ ବଡ ବଡ କାଠ ଗଡ ବୁହା ଯାଉଥିବା ଦେଖିବାକୁ ମିଳିଛି । ଟ୍ରାକ୍ଟରର ପରିବହନ କ୍ଷମତାଠାରୁ ଢେର ଅଧିକ ଓଜନର ବଡ ବଡ କାଠ ଗଡକୁ ଟ୍ରାକ୍ଟର ଡାଲାରେ ଉପରକୁ ଥାକ ଥାକ କରି ରଖି କରତକଳକୁ ବୁହାହେଉଥିଲେ ମଧ୍ୟ କେତେବେଳେ ଏହା ଅନ୍ୟମାନଙ୍କ ପାଇଁ ଜୀବନମରଣର ସମସ୍ୟା ସୃଷ୍ଟି କରିବାର ସମ୍ଭାବନାକୁ ଏଡାଇ ଦିଆଯାଇ ନ ପାରେ। ଜନଗହଳିପୂର୍ଣ୍ଣ ରାସ୍ତାରେ ଦୈନିକ ଏଭଳି କାଠଗଡ ପରିବହନ ହେଉଥିବା ବେଳେ ପୋଲିସ କିମ୍ବା ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଆଞ୍ଚଳିକ ପରିବହନ ବିଭାଗ ଓ ପୋଲିସ କ୍ଷମତା ବର୍ହିଭୁକ୍ତ ପରିବହନକୁ ଅଣଦେଖା କରି ଚାଲିଥିବାରୁ ଦିନକୁ ଦିନ ଏଭଳି ଘଟଣା ବୃଦ୍ଧି ପାଇବାରେ ଲାଗିଛି । ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବାକୁ ସାଧାରଣରେ ଦାବି ହୋଇଛି ।

## ମାନସ ମଂଗରାଜଙ୍କୁ ବକ୍ସି ଜଗବଂଧୁ ସ୍ମାରକ ମଂଚର ଅଭିନନ୍ଦନ

ଖୋର୍ଦ୍ଧା (ପିଏନ୍): ରାଜ୍ୟସଭା ସାଂସଦ ଭାବେ ନିର୍ବାଚିତ ହେବା ପରେ ବରିଷ୍ଠ ସାମ୍ବାଦିକ ତଥା ରାଜନେତା ମାନସ ରଂଜନ ମଙ୍ଗରାଜଙ୍କୁ ବକ୍ସି ଜଗବଂଧୁ ସ୍ମାରକ ମଂଚ ପକ୍ଷରୁ ଅଭିନନ୍ଦନ ଜ୍ଞାପନ କରାଯାଇଛି। ନାଚୁଣୀ ନିକଟସ୍ଥ ଗଡ଼ ସୁନାଖଳା ଗ୍ରାମର ଏକ ସଂଭ୍ରାନ୍ତ ପରିବାରର ଦାୟାଦ ତଥା ବିଶିଷ୍ଟ ଶିକ୍ଷାବିତ୍ ତଥା ସାହିତ୍ୟ ସଂସ୍କୃତିପ୍ରେମୀ ନୃସିଂହ ଚରଣ ମଙ୍ଗରାଜଙ୍କର ସୁପୁତ୍ର ଭାବେ ଶ୍ରୀ ମଙ୍ଗରାଜ ସାମ୍ବାଦିକତାକୁ ବ୍ରତ ଭାବେ ଗ୍ରହଣ କରିଥିଲେ। ଖୋର୍ଦ୍ଧା ସାଜିଥିଲା ତାଙ୍କର କର୍ମସ୍ଥଳୀ। ସମାଜର ବିଭିନ୍ନ ସମସ୍ୟାକୁ ଗଣମାଧ୍ୟମ ଦ୍ୱାରା ଲୋକଲୋଚନକୁ ଆଣି ସେସବୁର ସମାଧାନ କରିବାରେ ସେ ପ୍ରୟାସୀ ଥିଲେ। କଳା, ସାହିତ୍ୟ, ସଂସ୍କୃତି ତଥା ଇତିହାସର ସୁରକ୍ଷା ଓ ସମୃଦ୍ଧି ପାଇଁ ପ୍ରୟାସ କରୁଥିଲେ। ପରବର୍ତୀ ସମୟରେ ରାଜ୍ୟ ସରକାରଙ୍କର ଗଣମାଧ୍ୟମ ଉପଦେଷ୍ଟା ଭାବେ କାର୍ଯ୍ୟ କରି ସାମ୍ବାଦିକ ତଥା ହକରମାନଙ୍କର ସାମାଜିକ ସୁରକ୍ଷାର ବ୍ୟବସ୍ଥା କରିଥିଲେ। ଗଣମାଧ୍ୟମ କ୍ଷେତ୍ରରେ ପରିଲକ୍ଷିତ ହେଉଥିବା ବିଭିନ୍ନ ସମସ୍ୟାର ସମାଧାନ କରିବାରେ ସଫଳ ହୋଇଥିଲେ। ତାଙ୍କର ଅଦମ୍ୟ ଦକ୍ଷତା, ଇଚ୍ଛାଶକ୍ତି ଓ ଲୋକସଂପର୍କ ଯୋଗୁଁ ରାଜ୍ୟ ସରକାର ତାଂକୁ ରାଜ୍ୟସଭା ସଦସ୍ୟ ଭାବେ ମନୋନିତ କଲେ ବୋଲି ବକ୍ସି ଜଗବଂଧୁ ସ୍ମାରକ ମଂଚ ପକ୍ଷରୁ ସମ୍ପାଦକ ସମରେନ୍ଦ୍ର ବଳିଆରସିଂହ ମତପ୍ରକାଶ କରିଛନ୍ତି। ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ ପାଇକ ବିଦ୍ରୋହକୁ ଜାତୀୟ ସ୍ତରରେ ମାନ୍ୟତା ଓ ବରୁଣେଇରେ ପାଇକ ସ୍ମାରକୀ ସ୍ଥଳୀ ନିର୍ମାଣ, ଖୋର୍ଦ୍ଧା ଅଂଚଳର ଶିକ୍ଷା, ସ୍ୱାସ୍ଥ୍ୟ, ଶିଳ୍ପ ଆଦି କ୍ଷେତ୍ରରେ ପରିଲକ୍ଷିତ ହେଉଥିବା ବିଭିନ୍ନ ସମସ୍ୟାର ସମାଧାନ ଦିଗରେ ଶ୍ରୀ ମଙ୍ଗରାଜ ରାଜ୍ୟସଭାରେ ନିଜର ସ୍ୱର ଉତ୍ତୋଳନ କରିବେ ବୋଲି ଆଶା କରାଯାଉଛି।


DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

# ମୋ ସହର

## ରକ୍ତତୀର୍ଥ ଇରମରୁ କଂଗ୍ରେସ ଆରମ୍ଭ କଲା ଜନସଂପର୍କ ଯାତ୍ରା

ଭୁବନେଶ୍ୱର, (ପି.ଏନ): ସ୍ୱଚ୍ଛଶାସନର ଦିଣ୍ଡିମ ପିଟୁଥିବା ୨୨ ବର୍ଷର ରାଜ୍ୟ ବିଜେଡ଼ି ସରକାର ଏବଂ ୯ ବର୍ଷର କେନ୍ଦ୍ର ବିଜେପି ସରକାରଙ୍କ ବିଫଳତା ନେଇ ଲୋକଙ୍କୁ ଜନସଚେତନତା କରିବାପାଇଁ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକଙ୍କ ଆହ୍ୱାନରେ ସାରା ରାଜ୍ୟରେ ଜନସଂପର୍କ ଯାତ୍ରା କରାଯିବାପାଇଁ ପିସିସି ପକ୍ଷରୁ ନିଷ୍ପତି ନିଆଯାଇଥିଲା । ଏହି ଅବସରରେ ଆଜି ସ୍ୱାଧୀନତା ସଂଗ୍ରାମୀ ପୀଠ ଭଦ୍ରକ ଜିଲ୍ଲା ରକ୍ତତୀର୍ଥ ଇରମ ଠାରୁ ଜନସଂପର୍କ ଯାତ୍ରାର ଶୁଭାରମ୍ଭ ହୋଇଛି । ଏହି ଅବସରରେ ପିସିସି ସଭାପତି କେନ୍ଦ୍ର ସରକାରଙ୍କ ଅଗ୍ନିପଥ ଯୋଜନାର ପ୍ରତ୍ୟାହାର ଦାବିରେ ଭଦ୍ରକ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ସତ୍ୟାଗ୍ରହ କାର୍ଯ୍ୟକ୍ରମ ଜରିଆରେ ଜନସଂପର୍କ ଯାତ୍ରାର ଶୁଭାରମ୍ଭ କରି ନିଜ ଉଦ୍‌ବୋଧନରେ କହିଥିଲେ ଯେ ଦୀର୍ଘ ୨୨ ବର୍ଷ କାଳ ଏ ରାଜ୍ୟ ସରକାର କେବଳ ପ୍ରତିଶ୍ରୁତି, ପ୍ରତାରଣା ଓ ପ୍ରଚାରସର୍ବସ୍ୱ । ଦୀର୍ଘ ୨୨ ବର୍ଷ ଭିତିରେ ଗୋଟିଏ ମଧ ବୃହତମ ଶିଳ୍ପ ପ୍ରତିଷ୍ଠା ବା କୃଷିଭିର୍ତିକ ଶିଳ୍ପ ପ୍ରତିଷ୍ଠା କରିବାରେ ବିଫଳ ହୋଇଛନ୍ତି । ରାଜ୍ୟରେ ୪୫ଲକ୍ଷରୁ ଅଧିକ ବେକାର ଯୁବକ ଯୁବତୀ କର୍ମ ନିଯୁକ୍ତି ଅପେକ୍ଷାରେ । ରାଜ୍ୟରେ ଦାଦନ ଶ୍ରମିକଙ୍କ ସଂଖ୍ୟା କମିବା ପରିବର୍ତେ ବହୁ ପରିମାଣରେ ବୃଦ୍ଧି ଘଟିଛି କିପରି ବୋଲି ପ୍ରଶ୍ନ କରିଛନ୍ତି ଶ୍ରୀ ପଟ୍ଟନାୟକ । ରାଜ୍ୟ ସରକାର ପ୍ରତିବର୍ଷ ୨ଲକ୍ଷ ନିଯୁକ୍ତି ଏବଂ କେନ୍ଦ୍ର ସରକାର ବର୍ଷକୁ ୨ କୋଟି ନିଯୁକ୍ତି ସୃଷ୍ଟି କରିବେ ବୋଲି ପ୍ରତିଶ୍ରୁତି ଦେଇ ଶାସନ କ୍ଷମତାକୁ ଆସିଥିଲେ ସୁଦ୍ଧା ତାହା ପୁରଣ କରିବାରେ ଅସମର୍ଥ । ସ୍କୁଲ, କଲେଜ, ବିଶ୍ୱବିଦ୍ୟାଳୟରେ ଶିକ୍ଷକ ନାହାନ୍ତି, ଶିକ୍ଷାଦାନ ଚାଲିବ କେମିତି, ରାଜ୍ୟର ସମ୍ବଲର ବିକାଶ କିଭଳି ହେବ କେବଳ ଗଣମାଧ୍ୟମରେ ନା ଖାଲି କଥାରେ । ଭୁବନେଶ୍ୱର ଜନପଥ ରାସ୍ତାକୁ ଦେଖି ରାଜ୍ୟର ବିକାଶ ହୋଇଛି ବୋଲି କହିବା ଏକ ହାସ୍ୟସ୍ପଦ କଥା । ରାଜ୍ୟରେ ଆଜି ଗ୍ରାମାଂଚଳ ମାନଙ୍କରେ ରାସ୍ତା ଘାଟର ଅବସ୍ଥା ଅତି ଶୋଚନୀୟ । ୨୦୨୪ ରେ ୯୦ରୁ ଉର୍ଦ୍ଧ୍ୱ କଂଗ୍ରେସ ବିଧାୟକ ଜୟଯୁକ୍ତ ହୋଇ ନବୀନ ସରକାରକୁ ଗାଦିଚ୍ୟୁତ କରିବେ ବୋଲି ଶ୍ରୀ ପଟ୍ଟନାୟକ ଦୃଢୋକ୍ତି ପ୍ରକାଶ କରିଛନ୍ତି । ସତ୍ୟାଗ୍ରହ ପ୍ରାରମ୍ଭରେ ବାସୁଦେବପୁର ସ୍କୁଲ ସାମନାରୁ ହଜାର ହଜାର ସଂଖ୍ୟାରେ କଂଗ୍ରେସ କର୍ମୀ, ଶୁଭେଚ୍ଛୁ ଓ ସମର୍ଥକମାନେ ପିସିସି ସଭାପତିଙ୍କୁ ସ୍ୱାଗତ କରି ଇରମ ପର୍ଯ୍ୟନ୍ତ ଏକ ବିଶାଳ ମୋଟର ସାଇକେଲ ଶୋଭାଯାତ୍ରାରେ ନେଇଥିଲେ । ସେଠାରେ ପିସିସି ସଭାପତି ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଆଜିର କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ପୂର୍ବତନ ସାଂସଦ ଅନନ୍ତ ପ୍ରସାଦ ସେଠୀ, ସାଂସଦ ପ୍ରାର୍ଥୀ ମଧୁମିତା ସେଠୀ, ବିଧାୟକ ପ୍ରାର୍ଥୀ ଅଶୋକ ଦାସ, ଭଦ୍ରକ ଜିଲ୍ଲା ସଭାପତି ସୁବ୍ରତ ଦାସ, ବରିଷ୍ଠ କଂଗ୍ରେସ ନେତା ସୁରେଶ ମହାପାତ୍ର, କିଶୋର ଜେନା,ଜିଲ୍ଲା ପରିଷଦ ସଭ୍ୟ ଏବଂ ହଜାର ହଜାର ସଂଖ୍ୟାରେ ଛାତ୍ର, ମହିଳା, ଯୁବକ କଂଗ୍ରେସର କର୍ମୀ, ଶୁଭେଚ୍ଛୁ ଓ ସମର୍ଥକମାନେ ଯୋଗଦେଇଥିଲେ ।

## କୃଷିଶିଳ୍ପ ନିଗମର ଅବସରପ୍ରାପ୍ତ କର୍ମଚାରୀଙ୍କ ଗଣଧାରଣା

ଭୁବନେଶ୍ୱର,(ପି.ଏନ): ଓଡ଼ିଶା କୃଷିଶିଳ୍ପ ନିଗମର ୩୯ ଜଣ ଅବସରପ୍ରାପ୍ତ କର୍ମଚାରୀମାନେ ନିଜର ପାଂଚ ଦଫା ଦାବି ପୂରଣ ନିମନ୍ତେ ସୋମବାର ଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ କୃଷିଶିଳ୍ପ ନିଗମ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି । ସେମାନେ ଅଭିଯୋଗ କରିଛନ୍ତି ଯେ ଅବସରକାଳୀନ ପ୍ରାପ୍ୟ ପାଇବାରୁ ବଂଚିତ ହୋଇଛନ୍ତି । କୃଷିଶିଳ୍ପ ନିଗମ କର୍ତ୍ତୃପକ୍ଷ ସେମାନଙ୍କ ପ୍ରାପ୍ୟ ଯଥା ଗ୍ରାଚୁଇଟି, ଅବ୍ୟବହୃତ ଛୁଟି ଦରମା, ପେନସନ ବାବଦକୁ ଏକକାଳୀନ ୩ ମାସର ଦରମା ଓ ଅନ୍ୟାନ୍ୟ ପ୍ରାପ୍ୟ ପ୍ରଦାନ ନକରି ଅତ୍ୟନ୍ତ ଅନ୍ୟାୟ ଭାବେ ବର୍ଷ ବର୍ଷ ଧରି ଅଟକାଇବା ପ୍ରତିବାଦରେ ଧାରଣା ଦେଇଛନ୍ତି । ବାରମ୍ବାର ସରକାରଙ୍କ ସହିତ ଆଲୋଚନା କରି ବିଫଳ ହେବା ଯୋଗୁ ବାଧ ହୋଇ ମୃତ୍ୟୁ ପର୍ଯ୍ୟନ୍ତ ଧାରଣାରେ ବସିବେ ବୋଲି ସଂଘର ଆବାହକ ସଚ୍ଚିଦାନନ୍ଦ ସାମନ୍ତରାୟ କହିଛନ୍ତି ।

## ରଥଯାତ୍ରାରେ ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକର ବ୍ୟବହାର କମାଇବାକୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କରିଥିଲେ ଅପିଲ୍

ଭୁବନେଶ୍ୱର, (ପି.ଏନ): ବିଶ୍ୱବ୍ୟାପୀ ଶ୍ରୀଜଗନ୍ନାଥ ସଂସ୍କୃତିର ପରମ୍ପରାଗତ ପର୍ବ 'ରଥଯାତ୍ରା'ରେ ଲକ୍ଷାଧିକ ଶ୍ରଦ୍ଧାଳୁ ପୁରୀକୁ ଆସନ୍ତି । ଏହି ସମୟରେ ଭକ୍ତମାନେ ପ୍ଲାଷ୍ଟିକର ମାତ୍ରାଧିକ ବ୍ୟବହାର କରିବା କାରଣରୁ ପୁରୀରେ ପ୍ଲାଷ୍ଟିକ ଜନିତ ପ୍ରଦୂଷଣ ବୃଦ୍ଧି ହେବା ସହ ଏହି ସମସ୍ୟା ପ୍ରଶାସନ ଓ ସରକାରଙ୍କୁ ମଧ ଚିନ୍ତାରେ ପକାଏ । ଏହି ସମସ୍ୟାକୁ ମର୍ମେ ଅନୁଭବ କରି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏକ ଭିଡ଼ିଓ ବାର୍ତ୍ତା ମାଧ୍ୟମରେ ଚଳିତ ରଥଯାତ୍ରାରେ ଶ୍ରୀକ୍ଷେତ୍ରରେ ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକର ବ୍ୟବହାରକୁ ହ୍ରାସ କରିବା ସହ ଏହାର ରିସାଇକେଲିଂ ଉପରେ ଗୁରୁତ୍ୱ ଦେବା ପାଇଁ ଅପିଲ୍ କରିଛନ୍ତି । କେନ୍ଦ୍ରମନ୍ତ୍ରୀଙ୍କ ଏହି ଅପିଲ କ୍ରମେ ସାମାଜିକ ସଂଗଠନ 'ଆମେ ଓଡ଼ିଆ' ପୁରୀ ରଥଯାତ୍ରାରେ 'ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକର ବ୍ୟବହାରକୁ ହ୍ରାସ କରିବା ସହ ଏହାର ପୁନଃ ବ୍ୟବହାର ଏବଂ ରିସାଇକଲିଂ ସଚେତନତା' ଅଭିଯାନ'ରେ ଯୋଡ଼ି ହୋଇଛି ବୋଲି ସଂଗଠନର ସମ୍ପାଦକ ସଂଗ୍ରାମ ପାତ୍ର ସୋମବାର ଭୁବନେଶ୍ୱର ପ୍ରେସ କ୍ଲବ ଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନଙ୍କ ଆହ୍ୱାନରେ ପୁରୀ ଜିଲ୍ଲା ପ୍ରଶାସନ ଓ ସରକାରଙ୍କୁ ସହଯୋଗ କରିବା ପାଇଁ 'ଆମେ ଓଡ଼ିଆ' ସଂଗଠନ ପରିବାର ଏହି ଅଭିଯାନର ଦାୟିତ୍ୱ ନେଇଛି । ଓଡ଼ିଆ ସଂସ୍କୃତିର ଧାରାକୁ ବଜାୟ ରଖିବା ତଥା ପବିତ୍ର ଶ୍ରୀଜଗନ୍ନାଥ ଧାମକୁ ସ୍ୱଚ୍ଛ ରଖିବା ଦିଗରେ ଆମେ ଓଡ଼ିଆ ପରିବାର ସହ ରାଜ୍ୟର ପ୍ରାୟ ୭୦୦ ରୁ ଉର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ଯୋଗ ଦେବେ । ଆସନ୍ତା ଜୁଲାଇ ମାସ ପହିଲାରୁ ଆରମ୍ଭ ହେଉଥିବା ରଥଯାତ୍ରା ଦିନ ବଡ଼ଦାଣ୍ଡରେ, ରଥଯାତ୍ରା ପର ଦିନ ସମୁଦ୍ର କୂଳ ପରିସର ଓ ଜୁଲାଇ ୯ ବାହୁଡ଼ା ଯାତ୍ରା ଦିନ ଏଭଳି ତିନୋଟି ପର୍ଯ୍ୟାୟରେ ସ୍ୱେଚ୍ଛାସେବୀମାନେ ଶ୍ରୀକ୍ଷେତ୍ରରେ ଏକଜୁଟ ହୋଇ ଏହି ଅଭିଯାନ କାର୍ଯ୍ୟରେ ନିୟୋଜିତ ହେବେ । ଲୋକମାନଙ୍କ ମଧରେ ପ୍ଲାଷ୍ଟିକ ବ୍ୟବହାରକୁ ହ୍ରାସ(ଜରୟଙ୍କମର) କରିବା ସହ ଏହାର ପୁନଃବ୍ୟବହାର ଓ ରିସାଇକେଲ ଉପରେ ଜନସଚେତନତା ସୃଷ୍ଟି କରାଯିବ । ବୈଦୁତିକ, ମୁଦ୍ରଣ ଓ ସାମାଜିକ ଗଣମାଧ୍ୟମରେ ପରିବେଶ ସୁରକ୍ଷା ତଥା ଥରେ ମାତ୍ର ବ୍ୟବହାର ହେଉଥିବା ପ୍ଲାଷ୍ଟିକକୁ ବର୍ଜନ କରିବା ପାଇଁ ବ୍ୟାପକ ଜନଜାଗରଣ କରାଯିବ । ସ୍ୱଚ୍ଛତା ପାଇଁ ସେବା ଆଧାରରେ ସମାଜରେ ସକରାତ୍ମକ ପରିବର୍ତ୍ତନ ଆଣିବା ଲକ୍ଷ୍ୟରେ 'ଆମେ ଓଡ଼ିଆ' ପ୍ରତିଶ୍ରୁତିବଦ୍ଧ ।

## ବହୁମୁଖୀ ମହିଳା ସ୍ୱାସ୍ଥ୍ୟକର୍ମୀ ସଂଘର ୧୫ ତମ ଦ୍ୱି-ବାର୍ଷିକ ସମ୍ମିଳନୀ

ଭୁବନେଶ୍ୱର, (ପି.ଏନ): ଓଡ଼ିଶା ବହୁମୁଖୀ ମହିଳା ସ୍ୱାସ୍ଥ୍ୟକର୍ମୀ ସଂଘ(ଏଏନ୍‌ଏମ୍)ର ୧୫ ତମ ଦ୍ୱି-ବାର୍ଷିକ ସମ୍ମିଳନୀ ଜୟଦେବ ଭବନ ଠାରେ ରାଜ୍ୟ ସ୍ୱାସ୍ଥ୍ୟକର୍ମୀ ମହାସଂଘର ଉପଦେଷ୍ଟା ସଂଜିତ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥିଭାବେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସ ଉପସ୍ଥିତ ରହି କହିଛନ୍ତି ଯେ ବନ୍ୟା, ବାତ୍ୟା, କରୋନା ଭଳି ବିଭିନ୍ନ ମହାମାରୀ ସମୟରେ ବହୁମୁଖୀ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କ ସ୍ୱାସ୍ଥ୍ୟ ସେବା ବାସ୍ତବିକ୍ ପ୍ରଶଂସା ଯୋଗ୍ୟ । ସେମାନେ ସବୁବେଳେ ନିରବଚ୍ଛିନ୍ନ ସ୍ୱାସ୍ଥ୍ୟସେବା ଯୋଗାଇ ଜନସାଧାରଣଙ୍କ ପ୍ରିୟଭାଜନ ହୋଇପାରିଛନ୍ତି । ସେମାନେ ନିଜ ଜୀବନକୁ ଉତ୍ସର୍ଗ କରି ଅନ୍ୟମାନଙ୍କୁ ଜୀବନ ଦେବାରେ ସହାୟ ହୋଇଛନ୍ତି । ମନେ ହୁଏ, ଏ ମାନେ ହେଉଛନ୍ତି, ଭଗବାନଙ୍କ ନିଆରା ସୃଷ୍ଟି । ବହୁମୁଖୀ ମହିଳା ସ୍ୱାସ୍ଥ୍ୟକର୍ମୀମାନଙ୍କ ବିଭିନ୍ନ ଦାବିଗୁଡ଼ିକ ପ୍ରତି ସରକାର ସବୁବେଳେ ସହାନୁଭୂତିଶୀଳ ଅଟନ୍ତି ବୋଲି ମନ୍ତ୍ରୀ ଶ୍ରୀ ଦାସ ପ୍ରକାଶ କରିଛନ୍ତି । ସମ୍ମାନିତ ଅତିଥି ଭାବେ ଯୋଗଦେଇ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ପଛୁଆବର୍ଗ ଓ ସଂଖ୍ୟାଲଘୁ କଲ୍ୟାଣ, ଆଇନ ମନ୍ତ୍ରୀ ଜଗନ୍ନାଥ ସରକା ଉପସ୍ଥିତ ରହି କରୋନା ସମୟରେ ସ୍ୱାସ୍ଥ୍ୟକର୍ମୀମାନଙ୍କ ନିଷ୍ଠାପର କାର୍ଯ୍ୟକୁ ପ୍ରଶଂସା କରିବା ସହ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନାକୁ ଲୋକଙ୍କ ପାଖରେ ପହଞ୍ଚାଇବାକୁ ସ୍ୱାସ୍ଥ୍ୟକର୍ମୀମାନଙ୍କୁ ନିବେଦନ କରିଥିଲେ । ବିଜୁ ଜନତା ଦଳ ରାଜ୍ୟ ସମ୍ପାଦକ ଶିଶିର ପରିଜା ଓଡିଶାରେ ସ୍ୱାସ୍ଥ୍ୟସେବା ଯୋଗେଇ ଦେବା କ୍ଷେତ୍ରରେ ବହୁମୁଖୀ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କ ଭୂମିକା ଗୁରୁତ୍ୱପୂର୍ଣ ବୋଲି କହିଥିଲେ । ବହୁମୁଖୀ ମହିଳା ସ୍ୱାସ୍ଥ୍ୟକର୍ମୀ ସଂଘର ସାଧାରଣ ସମ୍ପାଦକ ମମତା ନାୟକ ସଂପାଦକୀୟ ବିବରଣୀ ପାଠ କରିଥିବାବେଳେ ରାଜ୍ୟ ସ୍ୱାସ୍ଥ୍ୟକର୍ମୀ ମହାସଂଘର ସାଧାରଣ ସମ୍ପାଦକ ରବୀନ୍ଦ୍ର ନାଥ ପ୍ରଧାନ ସଂଘ ପକ୍ଷରୁ ବିଭିନ୍ନ ନାର୍ଯ୍ୟ ଦାବିଗୁଡ଼ିକ ମନ୍ତ୍ରୀଙ୍କ ସମ୍ମୁଖରେ ଉପସ୍ଥାପନ କରିଥିଲେ । ସଂଘର ଉପ-ସମ୍ପାଦକ ଶ୍ରୀମତୀ ରୀନା ମିଶ୍ର ଓ ଯୁଗ୍ମ-ସମ୍ପାଦକ ଶ୍ରୀମତୀ ସଂଯୁକ୍ତା ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବିଭିନ୍ନ ବ୍ୟକ୍ତି ପ୍ରଶାନ୍ତ ସାମନ୍ତରାୟ, ଶ୍ରୀମତୀ ମମତା ନାୟକ, ରବିନ୍ଦ୍ରନାଥ ପ୍ରଧାନ ତଥା ମହାସଂଘର ଉପଦେଷ୍ଟା ସଂଜିତ ମହାନ୍ତିଙ୍କୁ ମାନପତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । କରୋନା ମୁକାବିଲା, ସାର୍ବଜନୀନ ଟୀକାକରଣ, ମାତୃମୃତ୍ୟୁହାର ତଥା ଶିଶୁ ମୃତ୍ୟୁହାର ରୋକିବାରେ ସଫଳତା ପାଇଁ ରାଜ୍ୟସଂଘ ପକ୍ଷରୁ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟମନ୍ତ୍ରୀ ତଥା ଆଇନମନ୍ତ୍ରୀଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା ।

## କୃଷି ମନ୍ତ୍ରଣାଳୟ ଓ ଆଇସିଆରଆଇଏସଏଟିର ବରିଷ୍ଠ ଅଧିକାରୀଙ୍କ ସହ କେନ୍ଦ୍ରମନ୍ତ୍ରୀଙ୍କ ସମୀକ୍ଷା

ନୂଆଦିଲ୍ଲୀ/ଭୁବନେଶ୍ୱର, (ପି.ଏନ): ପତିତ ଜମିର ପୁନରୁଦ୍ଧାର କରି ତାହାକୁ ଚାଷ ଉପଯୋଗୀ କରିବା ସହ ଆଧୁନିକ ପ୍ରଣାଳିରେ ଚାଷ କାର୍ଯ୍ୟ କରିବା ପାଇଁ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କୃଷି ମନ୍ତ୍ରଣାଳୟ ଓ ଅନ୍ତରାଷ୍ଟ୍ରୀୟ ଫସଲ ଅନୁସନ୍ଧାନ ସଂସ୍ଥାନ (ଆଇସିଆରଆଇଏସଏଟି)ର ବରିଷ୍ଠ ଅଧିକାରୀଙ୍କ ସହ ସମୀକ୍ଷା କରିଛନ୍ତି । ଓଡ଼ିଶାର ଖଣି ବହୁଳ ଅଞ୍ଚଳ ଗୁଡ଼ିକରେ ପୁରୁଣା ଖଣି ଓ ଖାଦାନ, ବର୍ତ୍ତମାନର ପାଉଁଶ ଗଦା ଏବଂ ପ୍ରଦୂଷଣ ଯୋଗୁଁ ବହୁ ଜମି ଯାହା ପୂର୍ବରୁ ଚାଷ ଉପଯୋଗୀ ଥିଲା ବର୍ତ୍ତମାନ ସମୟରେ ପତିତ ଜମିରେ ପରିବର୍ତ୍ତିତ ହୋଇଛି । ଏହି ସମସ୍ୟାର ଏକ ସ୍ଥାୟୀ ସମାଧାନ ଉଦ୍ଦେଶ୍ୟରେ ମନ୍ତ୍ରୀ ଶ୍ରୀ ପ୍ରଧାନ, କୃଷି ମନ୍ତ୍ରଣାଳୟ ତଥା ଆଇସିଆରଆଇଏସଏଟିର ଧ୍ୟାନ ଆକର୍ଷଣ କରିଥିଲେ । ପରୀକ୍ଷାମୂଳକ ଭାବେ ଏହି ଗବେଷଣା କେନ୍ଦ୍ର ଅନୁଗୋଳ ଜିଲ୍ଲାର ତାଳଚେର ବଲଣ୍ଡା ଅଞ୍ଚଳରେ ପତିତ ଜମି ପୁନରୁଦ୍ଧାର ପ୍ରକଳ୍ପ ହାତକୁ ନେବା ଦିଗରେ ଆଲୋଚନା କରାଯାଇଛି । ଶ୍ରୀ ପ୍ରଧାନ ଟ୍ୱିଟ୍ କରି ସୂଚନା ଦେଇଛନ୍ତି ଯେ ତାଳଚେରର ବଲଣ୍ଡା ଅଂଚଳରେ ବୈଜ୍ଞାନିକ ପଦ୍ଧତିରେ ପତିତ ଜମିର ପୁନରୁଦ୍ଧାର କରି ତାହାକୁ ଚାଷ ଉପଯୋଗୀ କରିବା ଦିଗରେ ବୈଠକରେ ଆଲୋଚନା କରାଯାଇଛି । ଏହି ବୈଠକରେ ଆଇସିଆରଆଇଏସଏଟି ଦ୍ୱାରା ବୈଜ୍ଞାନିକ ଉପାୟରେ ଚାଷ କାର୍ଯ୍ୟ କରିବା ଦିଗରେ ଏକ ପ୍ରେଜେଂଟେସନ ମଧ ଦିଆଯାଇଥିଲା ଦୀର୍ଘ ଦିନ ର କୋଇଲା ଉତ୍ତୋଳନ ଏବଂ ବର୍ତମାନର ପାଉଁଶ ପୋଖରୀ ଜନିତ ପ୍ରଦୂଷଣ ର ସମସ୍ୟା କୁ ସମାଧାନ ସହ ଜମି କୁ ବର୍ତମାନ ଚାଷ ଉପଯୋଗୀ କରିବା ପାଇଁ ଏହି ପ୍ରକଳ୍ପ ଏକ ନୂତନ ପଦକ୍ଷେପ । ଏହାସହ ଚାଷ ସହ ଜଡ଼ିତ ଆନୁଷଙ୍ଗିକ କାର୍ଯ୍ୟର ବିକାଶ ତଥା ଚାଷୀଙ୍କ ଆୟକୁ ବୃଦ୍ଧି କରିବା ପାଇଁ ଗୁରୁତ୍ୱ ଦିଆଯାଇଛି । ପତିତ ଜମି ପୁନରୁଦ୍ଧାର ସହ ସ୍ଥାନୀୟ ଅଂଚଳରେ ଚାଷ ଏବଂ ଚାଷ ସାମଗ୍ରୀର ଉତ୍ପାଦନକୁ ବୃଦ୍ଧି କରିବା ପାଇଁ ନୂତନ ପ୍ରଯୁକ୍ତିବିଦ୍ୟାର ବ୍ୟବହାର ନେଇ ଯୋଜନା କରାଯିବ । ଜଙ୍ଗଲଜାତ ଦ୍ରବ୍ୟର ବିକାଶ, ଚାଷୀଙ୍କ ସହ ବଜାର ସଂଯୋଗୀକରଣ, ଚାଷୀଙ୍କ ଜୀବିକାକୁ ଉନ୍ନତ କରିବା ତଥା କୃଷି ଉତ୍ପାଦକ ସଂଗଠନ(ଏଫପିଓ) ମାଧ୍ୟମରେ ଚାଷୀ ମାନଙ୍କୁ କୁଶଳୀ କରିବା ପାଇଁ ପ୍ରଶିକ୍ଷଣ ଦେବା ଦିଗରେ ମଧ ଉକ୍ତ ଆଲୋଚନା କରାଯାଇଥିବା କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ସୂଚନା ଦେଇଛନ୍ତି ।

## ଅଗ୍ନିବୀର ନିଯୁକ୍ତି ପ୍ରତ୍ୟାହାର ଦାବିରେ କଂଗ୍ରେସର ସତ୍ୟାଗ୍ରହ

ଭୁବନେଶ୍ୱର, (ପି.ଏନ): ନରେନ୍ଦ୍ର ମୋଦି ସରକାରର ସେନାବାହିନୀରେ ଅଗ୍ନିବୀର ନିଯୁକ୍ତି ପ୍ରତ୍ୟାହାର ଦାବିରେ ଆଜି ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ବିଶ୍ୱଜିତ ଦାଶଙ୍କ ନେତୃତ୍ୱରେ ଭୁବନେଶ୍ୱର ସର୍କିଟ ହାଉସ ଛକରେ ସତ୍ୟାଗ୍ରହ ଆନ୍ଦୋଳନ କରାଯାଇଥିଲା । ଏହି ଅବସରରେ ଶ୍ରୀ ଦାଶ କହିଥିଲେ କେନ୍ଦ୍ର ସରକାର ଭାରତ ବର୍ଷର ସେନାବାହିନୀକୁ ଦୁର୍ବଳ କରିଦେବା ପାଇଁ ଯେଉଁ ଷଡ଼ଯନ୍ତ୍ର ରଚନା କରିଛନ୍ତି ଅତ୍ୟନ୍ତ ଚିନ୍ତାଜନକ ଓ ସଂପୂର୍ଣ୍ଣ ଦେଶସ୍ୱାର୍ଥ ବିରୋଧରେ । ଓଡ଼ିଶାର ବହୁ ଗ୍ରାମାଂଚଳରେ ବହୁ ଯୁବକ ଯୁବତୀ ମାନେ ଜୀବନରେ ଏକ ସ୍ୱପ୍ନ ଦେଖିଥାନ୍ତି ଯେ ସେମାନେ କିପରି ସେନାବାହିନୀରେ ଯୋଗଦାନ କରି ଦେଶମାତୃକାର ସେବା କରିବେ ଏବଂ ଆବଶ୍ୟକତା ପଡ଼ିଲେ ଦେଶ ପାଇଁ ଜୀବନ ଦେବେ । କିନ୍ତୁ ଅତି ଦୁର୍ଭାଗ୍ୟର କଥା ଅଗ୍ନିବୀର ମାନଙ୍କୁ ମାତ୍ର ୪ ବର୍ଷ ପାଇଁ ନିଯୁକ୍ତି କରିବା ପାଇଁ ନିଷ୍ପତି ନେଇଛନ୍ତି । ଏହି ନିଯୁକ୍ତି ଏକ ଠିକା ନିଯୁକ୍ତି ଅଟେ । ଯଦ୍ୱାରା ଭାରତ ବର୍ଷର ଯୁବକ ଯୁବତୀ ମାନଙ୍କର ଆଶା ଭାଙ୍ଗିପଡ଼ିବ ଏବଂ ସେମାନେ ମାନସିକ ସ୍ତରରେ ଜଣେ ବୀର ସୈନିକ ହିସାବରେ ପ୍ରସ୍ତୁତ ହୋଇ ପାରିବେ ନାହିଁ । ୪ ବର୍ଷ ପରେ ସେମାନଙ୍କ ମଧ୍ୟରୁ ୭୫ ଭାଗ ଲୋକଙ୍କୁ ନିଜ ନିଯୁକ୍ତି ହରାଇବାକୁ ପଡ଼ିବ । ଯଦି ଏତେ ପରିମାଣର ବୀର ସୈନିକ ମାନେ ନିଯୁକ୍ତି ହରାଇବେ ତାହାହେଲେ ସେମାନଙ୍କୁ କିଭଳି ଭାବରେ ଏବଂ କେଉଁ କ୍ଷେତ୍ରରେ ନିଯୁକ୍ତି କରାଯିବ । ଯେଉଁମାନେ ଦେଶପାଇଁ ବଳିଦାନ ଦେବେ ଯଦି ସେମାନଙ୍କ ଭବିଷ୍ୟତକୁ ଆମେ ସୁରକ୍ଷିତ ରଖିପାରିବା ନାହିଁ ତାହାହେଲେ ଦେଶର ଗତି କୁଆଡ଼େ । ଦେଶର ସୁରକ୍ଷାକାରୀଙ୍କୁ କାହିଁକି ଆଜି ଅନିଶ୍ଚିତତା ମଧ୍ୟକୁ ଠେଲି ଦିଆଯାଉଛି । ଭାରତ ବର୍ଷର ସୈନିକ ମାନଙ୍କୁ ପେନସନ ଦେବାକୁ କଂଗ୍ରେସ ଆର୍ଥିକ ବୋଝ ବୋଲି କେବେ ବିଚାର କରେ ନାହିଁ । ଏଭଳି ଏକ ତ୍ରୁଟିପୂର୍ଣ୍ଣ ତଥା ଷଡ଼ଯନ୍ତ୍ରପୂର୍ଣ୍ଣ ନିଯୁକ୍ତି ପ୍ରକ୍ରିୟାକୁ ତୁରନ୍ତ ଦେଶ ଭିତରେ ଭାରତ ବର୍ଷର ଯୁବକ ଯୁବତୀ ମାନଙ୍କୁ ସ୍ୱାର୍ଥ ଉଦ୍ଦେଶ୍ୟରେ ଦେଶର ସୈନ୍ୟବାହିନୀଙ୍କର ଭବିଷ୍ୟତକୁ ସ୍ଥିର ନିଶ୍ଚିତ କରିବା ଉଦ୍ଦେଶ୍ୟରେ ଏହାକୁ ମୋଦି ସରକାର ତୁରନ୍ତ ପ୍ରତ୍ୟାହାର କରନ୍ତୁ ବୋଲି ଜିଲ୍ଲା କଂଗ୍ରେସର ସଭାପତି ଶ୍ରୀ ଦାଶ ତଥା ବହୁ ନେତୃବର୍ଗ ମତ ପ୍ରକାଶ କରିଥିଲେ । ଏହି ସତ୍ୟାଗ୍ରହ ଆନ୍ଦୋଳନରେ ସୁରେଶ କୁମାର ରାଉତରାୟ, ଶିବାନନ୍ଦ ରାୟ, ମନୋରଞ୍ଜନ ଦାଶ, ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର, ରାଜୀବ ପଟ୍ଟନାୟକ, ସୁବ୍ରତ ମହାପାତ୍ର, ରଶ୍ମି ମହାପାତ୍ର, ମାନସ ଆଚାର୍ଯ୍ୟ, ଗୀତାଞ୍ଜଳି ମହାନ୍ତି, ରଜନୀ ମହାନ୍ତି, ଇନ୍ଦ୍ରଜିତ ପରିଡ଼ା, ରାଜକିଶୋର ବାରିକ, ପ୍ରଦୀପ ମହାପାତ୍ର, ଜିତେନ୍ଦ୍ର ପଣ୍ଡା ପ୍ରମୁଖ ଯୋଗଦେଇଥିଲେ ।

## ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଓ ଆପୋଲୋ ହସ୍ପିଟାଲ୍‌ର ମିଳିତ ପ୍ରୟାସରେ ଡ଼ିଜିଟାଲ ହେଲଥ୍ ସେବା 'ଦି ହେଲ୍‌ଦି ଲାଇଫ୍'ର ଶୁଭାରମ୍ଭ

ଭୁବନେଶ୍ୱର: ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଏବଂ ଆପୋଲୋ ହସ୍ପିଟାଲ୍ ମିଳିତ ହୋଇ 'ଦି ହେଲ୍‌ଦି ଲାଇଫ୍' ନମାକ ଏକ ସମ୍ପୂର୍ଣ୍ଣ ସ୍ୱାସ୍ଥ୍ୟ ସେବା ଶୁଭାରମ୍ଭ କରିଛନ୍ତି । ଏହି ପ୍ରୋଗ୍ରାମ ଦ୍ୱାରା ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ସମସ୍ତ ଗ୍ରାହକ ସହଜ ଏବଂ ସୁଲଭ ବ୍ୟାଙ୍କିଙ୍ଗ୍ ସେବା ଚୟନ କରି ଦେଶର ଯେକୌଣସି ଆପୋଲୋ ୨୪/୭ ରେ ନିଜର ଚିକିତ୍ସା କରାଇପାରିବେ । ଏହି ଅନନ୍ୟ ସେବାକୁ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ପରିଚାଳକ ନିର୍ଦ୍ଦେଶକ ଶ୍ରୀଯୁକ୍ତ ଆଦିତ୍ୟ ପୁରୀ ଓ ଆପୋଲୋ ହସ୍ପିଟାଲ୍‌ର ଚେୟାରମ୍ୟାନ୍ ଡ଼ଃ.ପ୍ରତାପ ସି. ରେଡ୍ଡୀ ଭିଡ଼ିଓ କନ୍‌ଫରେନ୍ସ ମାଧ୍ୟମରେ ଶୁଭାରମ୍ଭ କରିଛନ୍ତି ଏବଂ ଏମାନଙ୍କ ସହ ଆପୋଲୋ ହସ୍ପିଟାଲ୍ ଗ୍ରୁପ୍‌ର ଏକ୍ସିକ୍ୟୁଟିଭ୍ ଭାଇସ୍ ଚେୟାର ପରସନ୍ ମିସ୍ ଶୋଭନା କମିନେନି ଏବଂ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ଏମ୍‌ଡି ଡେଜିଗ୍‌ନେଟ୍ ଶ୍ରୀଯୁକ୍ତ ଶଶୀଧର ଜଗଦିସ୍ନ ମଧ ଉପସ୍ଥିତ ରହିଥିଲେ । ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ଗ୍ରାହକମାନେ ଦି ହେଲ୍‌ଦି ଲାଇଫ୍ ସେବା ଦ୍ୱାରା ଯେକୌଣସି ସମୟରେ ବିନା ମୂଲ୍ୟରେ ଆପୋଲୋ ହସ୍ପିଟାଲ୍‌ର ଡ଼ାକ୍ତର ମାନଙ୍କ ସହ ଚିକିତ୍ସା ସମ୍ବନ୍ଧୀୟ କଥା ହୋଇପାରିବେ, ପ୍ରଥମ ବର୍ଷ ଜଣେ ଆପୋଲୋ ମେମ୍ବରଶିପ୍ ପାଇପାରିବେ ଓ ଆପୋଲୋ ୨୪/୭ରେ କ୍ରମାଗତ ଚିକିତ୍ସା କରାଇପାରିବେ । ଏହାଛଡ଼ା ଏହାର ମେଡ଼ିସିନ୍‌ର ହୋମ୍‌ଡ଼େଲେଭରି ମେମ୍ବରସିପ୍ ଡ଼ିସ୍କାଉନଟ୍, ହ୍ୱାଟସ୍ୟାପ୍ ଦ୍ୱାରା ସବୁବେଳେ ଆଡ଼ଭାଇଜର ଓ ସମ୍ପୂର୍ଣ୍ଣ ହେଲଥ୍ ଚେକ୍‌ଅପ୍ ସୁବିଧା ପାଇବେ । ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଗ୍ରାହକମାନଙ୍କୁ ୪୦ ଲକ୍ଷ ପର୍ଯ୍ୟନ୍ତ ପ୍ରି ଆପ୍ରୁଭ ପର୍ସନାଲ ଲୋନ୍, ୧୦ ସେକେଣ୍ଡରେ ଲୋନ୍ ସେବା, କ୍ରେଡ଼ିଟ୍ ଓ ଡ଼େବିଟ୍ କାର୍ଡ଼ରେ ନୋ କଷ୍ଟ ଇଏମ୍‌ଆଇ, ଆଇ କେୟାର, ଡ଼େନ୍ଟାଲ କେୟାର, ମାର୍ଟିନିଟି ଏବଂ ଆଇଭିଏଫ୍ ସେବାରେ ଲାଇଫ୍ କେୟାର ଫାଇନାନ୍ସ ଓ କ୍ରେଡ଼ିଟ୍ କାର୍ଡ଼ ଫ୍ୟାସେଲିଟି ଇଏମ୍‌ଆଇରେ, ଇନ୍‌ଷ୍ଟାନଟ୍ ଛାଡ଼୍ ଆଦି ସେବା ଯୋଗାଇବ । ଏହି ଅବସରରେ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ପରିଚାଳକ ନିର୍ଦ୍ଦେଶକ ଶ୍ରୀଯୁକ୍ତ ଆଦିତ୍ୟ ପୁରୀ କହିଛନ୍ତି ଯେ, ଜୀବନ ଏବଂ ସ୍ୱାସ୍ଥ୍ୟ ଠାରୁ କିଛି ବି ବଡ଼ ନୁହେଁ । ଏକ ସ୍ୱାସ୍ଥ୍ୟବାନ ଭାରତ ହିଁ ଏକ ସମୃଦ୍ଧି ଭରା ଦେଶ ହେଇପାରିବ । ସ୍ୱାଧିନତା ଦିବସରେ ପ୍ରଧାନମନ୍ତ୍ରୀଙ୍କ ଡ଼ିଜିଟାଲ ସ୍ୱାସ୍ଥ୍ୟ ସେବାର ଆହ୍ୱାନକୁ ସମ୍ମାନ ଜଣାଇ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଆପୋଲୋ ହସ୍ପିଟାଲ୍‌ର ୨୪/୭ ସହ ଏହି ସେବାର ଆରମ୍ଭ କରିଛି ଯାହା ଦ୍ୱାରା ଆମ ଗ୍ରାହକମାନେ ସୁବିଧାରେ ସ୍ୱାସ୍ଥ୍ୟ ସେବା ପାଇପାରିବେ । ଏହି ସେବା ଦ୍ୱାରା ଲୋକମାନେ ଅତି ଉଚ୍ଚ କୋଟିର ହେଲଥ୍ କେୟାର ଏବଂ ସୁଲଭ ଫାଇନାନ୍ସ ସହଜରେ ପାଇପାରିବେ ଓ ଏହି ସେବାର ଏକ ଅଂଶ ହୋଇଥିବାରୁ ଆମେ ବହୁତ ଖୁସି ବୋଲି ଆପୋଲୋ ହସ୍ପିଟାଲ୍‌ର ଚେୟାରମ୍ୟାନ୍ ଡ଼ଃ.ପ୍ରତାପ ସି. ରେଡ୍ଡୀ କହିଛନ୍ତି । ସ୍ୱାସ୍ଥ୍ୟ ପରିକ୍ଷା ପାଇଁ ଆମେ ସମୟକୁ ଅନ୍ୟ ଅସୁବିଧା ତୁଳନାରେ ଅଧିକ ମହତ୍ୱ ଦେଇଥାଉ, ଏହି ପାର୍ଟନରସିପ୍ ଦ୍ୱାରା ସମସ୍ତ ଭାରତୀୟ ମାନେ ଦେଶର ଯେକୌଣସି ସ୍ଥାନରୁ ଡ଼ିଜିଟାଲି ଉତ୍ତମ ସ୍ୱାସ୍ଥ୍ୟ ସେବା ସୁଲଭ ମୂଲାଙ୍କନରେ ପାଇପାରିବେ ବୋଲି ଆପୋଲୋ ହସ୍ପିଟାଲ୍ ଗ୍ରୁପ୍‌ର ଏକ୍ସିକ୍ୟୁଟିଭ୍ ଭାଇସ୍ ଚେୟାର ପରସନ୍ ମିସ୍ ଶୋଭନା କମିନେନିକହିଛନ୍ତି । ଯେକୌଣସି ସମୟରେ ବିନା ମୂଲ୍ୟରେ ଆପୋଲୋ ହସ୍ପିଟାଲ୍‌ର ଡ଼ାକ୍ତର ମାନଙ୍କ ସହ ଚିକିତ୍ସା ସମ୍ବନ୍ଧୀୟ କଥା ହୋଇପାରିବେ, ପ୍ରଥମ ବର୍ଷ ଜଣେ ଆପୋଲୋ ମେମ୍ବରଶିପ୍ ପାଇପାରିବେ ଓ ଆପୋଲୋ ୨୪/୭ରେ କ୍ରମାଗତ ଚିକିତ୍ସା କରାଇପାରିବେ । ଏହାଛଡ଼ା ଏହାର ମେଡ଼ିସିନ୍‌ର ହୋମ୍‌ଡ଼େଲେଭରି ମେମ୍ବରସିପ୍ ଡ଼ିସ୍କାଉନଟ୍, ହ୍ୱାଟସ୍ୟାପ୍ ଦ୍ୱାରା ସବୁବେଳେ ଆଡ଼ଭାଇଜର ଓ ସମ୍ପୂର୍ଣ୍ଣ ହେଲଥ୍ ଚେକ୍‌ଅପ୍ ସୁବିଧା ପାଇବେ । ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଗ୍ରାହକମାନଙ୍କୁ ୪୦ ଲକ୍ଷ ପର୍ଯ୍ୟନ୍ତ ପ୍ରି ଆପ୍ରୁଭ ପର୍ସନାଲ ଲୋନ୍, ୧୦ ସେକେଣ୍ଡରେ ଲୋନ୍ ସେବା, କ୍ରେଡ଼ିଟ୍ ଓ ଡ଼େବିଟ୍ କାର୍ଡ଼ରେ ନୋ କଷ୍ଟ ଇଏମ୍‌ଆଇ, ଆଇ କେୟାର, ଡ଼େନ୍ଟାଲ କେୟାର, ମାର୍ଟିନିଟି ଏବଂ ଆଇଭିଏଫ୍ ସେବାରେ ଲାଇଫ୍ କେୟାର ଫାଇନାନ୍ସ ଓ କ୍ରେଡ଼ିଟ୍ କାର୍ଡ଼ ଫ୍ୟାସେଲିଟି ଇଏମ୍‌ଆଇରେ, ଇନ୍‌ଷ୍ଟାନଟ୍ ଛାଡ଼୍ ଆଦି ସେବା ଯୋଗାଇବ । ଏହି ଅବସରରେ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ପରିଚାଳକ ନିର୍ଦ୍ଦେଶକ ଶ୍ରୀଯୁକ୍ତ ଆଦିତ୍ୟ ପୁରୀ କହିଛନ୍ତି ଯେ, ଜୀବନ ଏବଂ ସ୍ୱାସ୍ଥ୍ୟ ଠାରୁ କିଛି ବି ବଡ଼ ନୁହେଁ । ଏକ ସ୍ୱାସ୍ଥ୍ୟବାନ ଭାରତ ହିଁ ଏକ ସମୃଦ୍ଧି ଭରା ଦେଶ ହେଇପାରିବ । ସ୍ୱାଧିନତା ଦିବସରେ ପ୍ରଧାନମନ୍ତ୍ରୀଙ୍କ ଡ଼ିଜିଟାଲ ସ୍ୱାସ୍ଥ୍ୟ ସେବାର ଆହ୍ୱାନକୁ ସମ୍ମାନ ଜଣାଇ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଆପୋଲୋ ହସ୍ପିଟାଲ୍‌ର ୨୪/୭ ସହ ଏହି ସେବାର ଆରମ୍ଭ କରିଛି ଯାହା ଦ୍ୱାରା ଆମ ଗ୍ରାହକମାନେ ସୁବିଧାରେ ସ୍ୱାସ୍ଥ୍ୟ ସେବା ପାଇପାରିବେ । ଏହି ସେବା ଦ୍ୱାରା ଲୋକମାନେ ଅତି ଉଚ୍ଚ କୋଟିର ହେଲଥ୍ କେୟାର ଏବଂ ସୁଲଭ ଫାଇନାନ୍ସ ସହଜରେ ପାଇପାରିବେ ଓ ଏହି ସେବାର ଏକ ଅଂଶ ହୋଇଥିବାରୁ ଆମେ ବହୁତ ଖୁସି ବୋଲି ଆପୋଲୋ ହସ୍ପିଟାଲ୍‌ର ଚେୟାରମ୍ୟାନ୍ ଡ଼ଃ.ପ୍ରତାପ ସି. ରେଡ୍ଡୀ କହିଛନ୍ତି । ସ୍ୱାସ୍ଥ୍ୟ ପରିକ୍ଷା ପାଇଁ ଆମେ ସମୟକୁ ଅନ୍ୟ ଅସୁବିଧା ତୁଳନାରେ ଅଧିକ ମହତ୍ୱ ଦେଇଥାଉ, ଏହି ପାର୍ଟନରସିପ୍ ଦ୍ୱାରା ସମସ୍ତ ଭାରତୀୟ ମାନେ ଦେଶର ଯେକୌଣସି ସ୍ଥାନରୁ ଡ଼ିଜିଟାଲି ଉତ୍ତମ ସ୍ୱାସ୍ଥ୍ୟ ସେବା ସୁଲଭ ମୂଲାଙ୍କନରେ ପାଇପାରିବେ ବୋଲି ଆପୋଲୋ ହସ୍ପିଟାଲ୍ ଗ୍ରୁପ୍‌ରଏକ୍ସିକ୍ୟୁଟିଭ୍ ଭାଇସ୍ ଚେୟାର ପରସନ୍ ମିସ୍ ଶୋଭନା କମିନେନିକହିଛନ୍ତି ।

2021-2022



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

# ଖେଳ



ପର୍ଯ୍ୟବେକ୍ଷକ
PARYABEKHYAK

Bhubaneswar Wednesday June 29, 2022 ଭୁବନେଶ୍ୱର ବୁଧବାର, ଜୁନ ୨୯,୨୦୨୨ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



## ବେଗୁନିଆ ଜୋନରେ ସିପିଆଇର ୧୫ ତମ ସମ୍ମିଳନୀ




ଖୋର୍ଦ୍ଧା, (ପିଏନ): ବେଗୁନିଆ ଥାନା ଅନ୍ତର୍ଗତ ପିଚୁକୁଳିସ୍ଥିତ ସିପିଆଇ କାର୍ଯ୍ୟାଳୟ ପରିସରରେ ବେଗୁନିଆ ଜୋନରେ ସିପିଆଇର ୧୫ ତମ ସମ୍ମିଳନୀ ଅନୁଷ୍ଠିତ ହୋଇ ଯାଇଛି । ଏ ନେଇ ସମ୍ମିଳନୀର ପ୍ରାରମ୍ଭରେ କମ୍ରେଡ ସୁମନ୍ତ ଛୋଟରାୟ ଲାଲ ପତାକା ଉତୋଳନ କରିବା ପରେ କମ୍ରେଡ ଲକ୍ଷ୍ମଣ ସେଠୀ ଶୋକ ପ୍ରସ୍ତାବ ଆଗତ କରିବା ସହ ୪ ବର୍ଷର ବାର୍ଷିକ ବିବରଣୀ ପାଠ କରିଥିଲେ ।କାର୍ଯ୍ୟକ୍ରମକୁ ବିଜୟ କୁମାର ଗୁମାନସିଂହ,ଅକ୍ରୁର ପ୍ରଧାନ ଓ ସନାତନ ମାଝୀ ପ୍ରମୁଖ ସଭା ପରିଚାଳନା କରିଥିଲେ ।ରାଜ୍ୟ ସିପିଆଇର ସହ ସମ୍ପାଦକ କମ୍ରେଡ କ୍ଷୀରୋଦ ସିଂହଦେଓ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନସ୍ୱାର୍ଥ ବିରୋଧି ନିତୀ ବିରୁଦ୍ଧରେ ଆନ୍ଦୋଳନ ପାଇଁ ଡାକରା ଦେଇଥିବା ବେଳେ ଜିଲ୍ଲା ସମ୍ପାଦକ ନୃସିଂହ ବେହେରା ସଙ୍ଗଠନକୁ ଶକ୍ତିଶାଳୀ କରିବା ପାଇଁ ଦଳମତ ନିର୍ବିଶେଷରେ ଅକୁଣ୍ଠ ଚିତରେ ସହମତ ପାଇଁ ମତ ପ୍ରକାଶ କରିଥିଲେ । ରାଜ୍ୟ ସିପିଆଇର ବରିଷ୍ଠ ନେତା କମ୍ରେଡ ବସନ୍ତ କୁମାର ପାଇକରାୟ କହିଥିଲେ ସମ୍ବିଧାନର ସୁରକ୍ଷା,ଦରଦାମ ବୃଦ୍ଧି,ଘରଡିହ ଜମିପଟ୍ଟା ବଂଟନ,ସଅର ଜାତିକୁ ମାନ୍ୟତା ଦାବୀରେ ଆନ୍ଦୋଳନ କରିବା ପାଇଁ ଦାବୀ କରିଥିଲେ ।ଏଥିରେ ଆଗାମୀ ତିନି ବର୍ଷ ପାଇଁ ସମ୍ପାଦକ ଓ ସହ ସମ୍ପାଦକ ଭାବରେ କମ୍ରେଡ ବିଜୟ କୁମାର ଗୁମାନସିଂହ ଓ ବସନ୍ତ କୁମାର ସେଠୀ ଓ ପୂର୍ଣ୍ଣ ଚନ୍ଦ୍ର ମହାପାତ୍ର ନିର୍ବାଚିତ ହୋଇଥିଲେ । ଧନେଶ୍ୱର ମାର୍ଥା ଅଫିସ ସମ୍ପାଦକ ସହିତ ୨୪ ଜଣିଆ ଜୋନାଲ ପରିଷଦ ଗଠନ କରା ଯାଇଥିଲା । ଅନ୍ୟ ମାନଙ୍କ ମଧ୍ୟରେ ସମାଜସେବୀ ଶ୍ରୀକାନ୍ତ ମିଶ୍ର,ପ୍ରମୋଦିନୀ ପାଇକରାୟ, ଅକ୍ରୁର ପ୍ରଧାନ,ବେଣୁଧର ଭୂଜବଳ, ଲଛମନ ନାୟକ,ରୀନା ସେଠୀ,ବେବୀ ନାୟକ,ମାଗୁଣୀ ନାୟକ,ଲୋଚନ ଭଞ୍ଜ ଓ ଉମାକାନ୍ତ ମହାରଣା ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।

## ଲକ୍ଷାଧିକ ଟଙ୍କାର ବ୍ରାଉନ ସୁଗାର ଜବତ,ଜଣେ ଗିରଫ

ଖୋର୍ଦ୍ଧା,(ପିଏନ):ଖୋର୍ଦ୍ଧା ଜିଲ୍ଲାରେ ଦିନକୁ ଦିନ ବହୁଳ ମାତ୍ରାରେ ବ୍ରାଉନ ସୁଗାର ବ୍ୟବସାୟର ପେଣ୍ଠସ୍ଥଳ ପାଲଟିଥିବାରୁ ପୋଲିସ ଓ ଅବକାରୀ ବିଭାଗର ଆଖିରୁ ନିଦ ହଜାଇ ଦେଇଛି ।ଖୋର୍ଦ୍ଧାସ୍ଥିତ ବରୁଣେଇ ଅଂଚଳରେ ଜଟଣୀ ଥାନା ଅନ୍ତର୍ଗତ ରଥିପୁର ଗ୍ରାମର ଏସକେ ମମତାଜ(୨୨) ବ୍ରାଉନ ସୁଗାର ବ୍ୟବସାୟ କରୁଥିବାର ଖବର ବିଶ୍ୱସ୍ତ ସୂତ୍ରରୁ ଅବକାରୀ ବିଭାଗ ପାଖରେ ପହଂଚି ଥିଲା ।ଖୋର୍ଦ୍ଧା ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଅବକାରୀ ବିଭାଗର ସୁପରିଟେଣ୍ଡେଟ ଙ୍କ ସହଯୋଗରେ ଚଢାଉ କରି ୪୨ ଗ୍ରାମ ବ୍ରାଉନ ସୁଗାର ଓ ଗୋଟିଏ ବାଇକ ଜବତ କରି ଅଭିଯୁକ୍ତକୁ ଗିରଫ କରିଛି। ଏଥିରେ ଜବତ ହୋଇଥିବା ବ୍ରାଉନ ସୁଗାରର ମୂଲ୍ୟ ପ୍ରାୟ ୪ ଲକ୍ଷରୁ ଊର୍ଦ୍ଧ୍ୱ ହେବ ବୋଲି ଆକଳନ କରାଯାଇଛି ।

## ଲକ୍ଷାଧିକ ଟଙ୍କାର ବ୍ରାଉନ ସୁଗାର ଜବତ,ଜଣେ ଗିରଫ

ଖୋର୍ଦ୍ଧା,(ପିଏନ):ଖୋର୍ଦ୍ଧା ଜିଲ୍ଲାରେ ଦିନକୁ ଦିନ ବହୁଳ ମାତ୍ରାରେ ବ୍ରାଉନ ସୁଗାର ବ୍ୟବସାୟର ପେଣ୍ଠସ୍ଥଳ ପାଲଟିଥିବାରୁ ପୋଲିସ ଓ ଅବକାରୀ ବିଭାଗର ଆଖିରୁ ନିଦ ହଜାଇ ଦେଇଛି ।ଖୋର୍ଦ୍ଧାସ୍ଥିତ ବରୁଣେଇ ଅଂଚଳରେ ଜଟଣୀ ଥାନା ଅନ୍ତର୍ଗତ ରଥିପୁର ଗ୍ରାମର ଏସକେ ମମତାଜ(୨୨) ବ୍ରାଉନ ସୁଗାର ବ୍ୟବସାୟ କରୁଥିବାର ଖବର ବିଶ୍ୱସ୍ତ ସୂତ୍ରରୁ ଅବକାରୀ ବିଭାଗ ପାଖରେ ପହଂଚି ଥିଲା ।ଖୋର୍ଦ୍ଧା ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଅବକାରୀ ବିଭାଗର ସୁପରିଟେଣ୍ଡେଟ ଙ୍କ ସହଯୋଗରେ ଚଢାଉ କରି ୪୨ ଗ୍ରାମ ବ୍ରାଉନ ସୁଗାର ଓ ଗୋଟିଏ ବାଇକ ଜବତ କରି ଅଭିଯୁକ୍ତକୁ ଗିରଫ କରିଛି। ଏଥିରେ ଜବତ ହୋଇଥିବା ବ୍ରାଉନ ସୁଗାରର ମୂଲ୍ୟ ପ୍ରାୟ ୪ ଲକ୍ଷରୁ ଊର୍ଦ୍ଧ୍ୱ ହେବ ବୋଲି ଆକଳନ କରାଯାଇଛି ।

## ଏକ ଦିବସୟୀ ଇକୋ ଫ୍ରେଣ୍ଡଲି ଚିତ୍ରକଳା ଶିବିର



ବାଲେଶ୍ୱର,(ପି.ଏନ): ବାଲେଶ୍ୱର ୟଙ୍ଗ ହାର୍ଟ, ପୂର୍ବୋଦୟ ଆର୍ଟ ଫାଉଣ୍ଡେସନ ଓ ପଏଣ୍ଟ ଆର୍ଟ ଗୃପ ର ମିଳିତ ଆନୁକୂଲ୍ୟରେ ଫକୀରମୋହନ ସ୍ମୃତି ପୀଠ ଶାନ୍ତିକାନନର ଏକ ଦିବସୀୟ ଇକୋ ଫ୍ରେଣ୍ଡଲି ଚିତ୍ରକଳା ଶିବିର ଆୟୋଜନ ହୋଇଯାଇଛି। ଆଜି ସକାଳ ୬ ଘଟିକାରୁ ଶିଳ୍ପୀମାନେ କାଗଜ ରଙ୍ଗ ନେଇ ମନୋରମ ପ୍ରକୃତି ସହ ମିଶି ସମାଜକୁ ସୁନ୍ଦର ସନ୍ଦେସ ଦେବା ଭଳି ଚିତ୍ର ଆଙ୍କିବା ଆରମ୍ଭ କରିଥିଲେ ହେଁ ପୂର୍ବାହ୍ନ ୧୧ ବେଳେ ସଦର ବିଧାୟକ ସ୍ୱରୁପ ଦାସ, ପୌରାଦକ୍ଷ ସବିତା ସାହୁ ଓ ୧୫ ନଂ ୱାର୍ଡ଼ କାଉନସିଲର ସନ୍ଧ୍ୟାରାଣୀ ଜେନା ଅତିଥି ଭାବରେ ଯୋଗ ଦେଇ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିଲେ। ପୂର୍ବୋଦୟ ଆର୍ଟ ଫାଉଣ୍ଡେସନର ମୁଖ୍ୟ ପ୍ରତାପ ରାଉତ ସଭା ପରିଚାଳନା କରିଥିଲେ। ଶେଷରେ ପଏଣ୍ଟ ଆର୍ଟ ଗ୍ରୁପର ମୁଖ୍ୟ ଦେବାଶିଷ ପତି ଧନ୍ୟବାଦ ପ୍ରଦାନ କରିଥିଲେ। ଅପରାହ୍ନ ୩ ଟାରେ କଳା ଆଲୋଚନା ଶିଳ୍ପୀ ଅରୁଣ ଜେନା ମଞ୍ଚ ଆହ୍ୱାନ କରିଥିବା ବେଳେ ସିକ୍ସାର ବିଶ୍ୱବିଦ୍ୟାଳୟ ଲଳିତ କଳା ବିଭାଗର ମୁଖ୍ୟ ପ୍ରଫେସର ରଞ୍ଜନ ମଲ୍ଲିକ ସଭାପତିତ୍ୱ କରିଥିଲେ। ଶିଳ୍ପୀ ରାଜବଲ୍ଲଭ ସାହୁ, ବ୍ରଜ ଷଡ଼ଙ୍ଗୀ, କେଶୁଦାସ, ବିଶ୍ୱଜିତ ପରମାଣିକ, ନିତ୍ୟାନନ୍ଦ ସାହୁ ପ୍ରମୁଖ ପରିବେଶ ସହ କଳା ଓ କଳାକାର ଭୂମିକା ଉପରେ ଆଲୋକ ପାତ କରିଥିଲେ। ସିକ୍ସାର ୟୁନିଭାର୍ସିଟି ଲଳିତ କଳା ମୁଖ୍ୟ ପ୍ରଫେସର ରଞ୍ଜନ ମଲ୍ଲିକ ତାଙ୍କ ୟୁନିଭାର୍ସିଟି ତରଫରୁ ମୁଖ୍ୟ ଅତିଥି ବିଧାୟକ ସ୍ୱରୁପ ଦାସ, ଶିଳ୍ପୀ କେଶୁଦାସ, ଆୟୋଜକ ମରୁତ ରାଉତ, ପ୍ରତାପ ରାଉତ ଓ ଦେବାଶିଷ ପତି ସହ ଜଳେଶ୍ୱର ଆର୍ଟ ଫାଉଣ୍ଡେସନ ମୁଖ୍ୟ ମୁକ୍ତିପଦ ନନ୍ଦୀଙ୍କ ଉପଢ୍ଢୌକନ ଓ ମୋମେଣ୍ଟୋ ପ୍ରଦାନ କରି ସମ୍ବର୍ଦ୍ଧନା ଓ ତାଙ୍କ ୟୁନିଭାର୍ସିଟିକୁ ନିମନ୍ତ୍ରଣ କରିଥିଲେ। ଏହି ଶିବିରରେ ବିଶ୍ୱଜିତ ତାପସ ପଣ୍ଡା, ପ୍ରତାପ ପଣ୍ଡା, ପ୍ରତାପ ସିଂ, ପୂର୍ଣ୍ଣେନ୍ଦୁ ପତି, ଅନୀଲ ମହାପାତ୍ର, ପ୍ରେମସାଇ ମହାରଣା, ଲିପ୍ସିତା ଖଟୁଆ, ଗୋକୁଳାନନ୍ଦ ଦାସ, ଅରୁଣ ବାରିକ, ପ୍ରଭାସିନୀ ରାୟ ଝାଡ଼େଶ୍ୱ ମଇକାପ, ଶୁଭ୍ରତ ଦତ୍ତ, ଉପେନ୍ଦ୍ର ଗିରି, ରୁପକ ଦାସ ପ୍ରମୁଖ ମୋଟ ୪୫ ଜଣ ଚିତ୍ରଶିଳ୍ପୀ ଯୋଗ ଦେଇ ସୁନ୍ଦର ସୁନ୍ଦର ପରିବେଶର ଚିତ୍ର କରିଥିଲେ। ସମସ୍ତ ଚିତ୍ର କୁ ନେଇ ପ୍ରଦର୍ଶିତ କରାଯାଇଥିବା ବେଳେ ଶେଷରେ ସମସ୍ତଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା।


## ଚିକିତ୍ସକ ଧିରେନ୍ଦ୍ର ପଟ୍ଟନାୟକଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ

ଖୋର୍ଦ୍ଧା,(ପିଏନ): ଖୋର୍ଦ୍ଧା ଆଇନ ମହାବିଦ୍ୟାଳୟର ସଦସ୍ୟ, ସମାଜସେବୀ ତଥା ଚିକିତ୍ସକ ଡାକ୍ତର ଧିରେନ୍ଦ୍ର ପଟ୍ଟନାୟକଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଆଇନ ମହାବିଦ୍ୟାଳୟର ବିନୋଦ ବିହାରୀ ପାଠାଗାର ପରିସରରେ ଅନୁଷ୍ଠିତ ହୋଇ ଯାଇଛି । ଏ ନେଇ ଅଧ୍ୟକ୍ଷ ଡଃ ସୁଜିତ କୁମାର ବିଷୋୟୀଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ପ୍ରତିଷ୍ଠାତା ସୁଧିର କୁମାର ମାନସିଂହ,ଶିକ୍ଷାବିତ ସତ୍ୟବାଦୀ ବଳିୟାରସିଂହ, ଗୋଡାସ୍ଥିତ ଲୋକନାଥ ଦାତବ୍ୟ ସେବା ପ୍ରତିଷ୍ଠାନର ସଂଯୋଜକ କୃଷ୍ଣ ଚନ୍ଦ୍ର ହରିଚନ୍ଦନ, ଅଧ୍ୟାପକ ଗିରିଶ ଚନ୍ଦ୍ର ସାହୁ,ରମେଶ ଚନ୍ଦ୍ର ବେହେରା ଓ ସନ୍ତୋଷ କୁମାର ବେହେରାଙ୍କ ସମେତ ଗୁଣମୁଗ୍ଧ ବ୍ୟକ୍ତି ଯୋଗ ଦେଇ ସ୍ୱର୍ଗତଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରିଥିଲେ । ସ୍ୱର୍ଗତ ଶ୍ରୀ ପଟ୍ଟନାୟକ ନିଜ ଜନ୍ମ ମାଟି ଦଧିମାଛ ଗାଡିଆରେ ଚିକିତ୍ସକ ବୃତିରୁ ନିବୃତ ହେବା ପରେ ଖୋର୍ଦ୍ଧା ଆଇନ ବିଦ୍ୟାଳୟରେ ପିତାଙ୍କ ନାମରେ ନାମିତ ବିନୋଦ ବିହାରୀ ପାଠାଗାର ଖୋଲିବା ଅଂଚଳର ବିଭିନ୍ନ ସମାଜସେବା କାର୍ଯ୍ୟ କରି ଆସୁଥିଲେ । ଏତଦ ବ୍ୟତୀତ ରେଭେନ୍ସା କଲେଜରେ ଛାତ୍ର ନେତା ଥିବା ବେଳେ ଷଢେଇକଳା ଓ ଖରସୁଆଁ ଆନ୍ଦୋଳନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ବେଳେ ବହୁମୁଖି ପ୍ରତିଭାରେ ନିଜକୁ ସାମିଲ ହୋସ୍ପମସ୍ତଙ୍କର ପ୍ରିୟ ଭାଜନ ହୋଇ ପାରିଥିଲେ । ତାଙ୍କ ନାମରେ ଏକ ଲାଇବ୍ରେରୀ ଓ ବିଜ୍ଞାନ କଲେଜ ଖୋଲା ଯିବା ପାଇଁ ସମ୍ପାଦକ ସୁଧିର କୁମାର ମାନସିଂହ ଘୋଷଣା କରିଥିବା ବେଳେ କାର୍ଯ୍ୟକ୍ରମକୁ ତାରା ପ୍ରସାଦ ବଡଜେନା ପରିଚାଳନା କରିଥିଲେ ।

## ଶ୍ୱେତପଦ୍ମା ପକ୍ଷରୁ ବର୍ଷା ଆସର

ଖୋର୍ଦ୍ଧା,(ପିଏନ):ବେଗୁନିଆ ସଦର ମହକୁମା ସ୍ଥିତ ବାଲୁଙ୍କେଶ୍ୱର ଦେବଙ୍କ ପୀଠରେ ସାହିତ୍ୟ ଅନୁଷ୍ଠାନ ଶ୍ୱେତପଦ୍ମା ସାହିତ୍ୟ ସଂସଦ ପକ୍ଷରୁ ବର୍ଷା ଆସର ସମ୍ପର୍କିତ କବିତା ପାଠ ଓ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା ।ଏ ନେଇ ବାଳକୃଷ୍ଣ ନାୟକ ପୌରୋହିତ୍ୟରେ ଆୟୋଜିତ ସଭାରେ ସଂଘମିତ୍ରା ରଥ ମୁଖ୍ୟ ଅତିଥି,କବି ବଂଶୀଧର ପଣ୍ଡା ମୁଖ୍ୟବକ୍ତା, ଲକ୍ଷ୍ମୀଧର ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ସାଂପ୍ରତିକ ସମାଜରେ ଓଡିଆ ସାହିତ୍ୟର ଅଭିବୃଦ୍ଧି ଘଟିଲେ ଏକ ସୁସ୍ଥ ସମାଜ ଗଠନରେ ସହାୟକ ହୋଇ ପାରିବ ବୋଲି ମତ ପ୍ରକାଶ କରିଥିଲେ । ସଭାରେ ଜଗଦୀଶ ଚନ୍ଦ୍ର ପାତ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ଗାୟକ ମିହିର ଆଚାର୍ଯ୍ୟ ସଂଯୋଜନା କରିଥିଲେ ।ଏଥିରେ ବହୁ କବି କବୟିତ୍ରୀ ଯୋଗ ଦେଇଥିବା ବେଳେ ଅନୁଷ୍ଠାନର ସମ୍ପାଦିକା ପ୍ରତିମା ଧନ୍ୟବାଦ ଅର୍ପଣ କରିଥିଲେ ।

## ବରିଷ୍ଠ ଆଇନଜୀବୀ ଭବାନୀ ଶଙ୍କର ମିଶ୍ରଙ୍କର ପରଲୋକ



କଟକ,(ପି.ଏନ): ଓଡ଼ିଶା ଉଚ୍ଚନ୍ୟାୟାଳୟର ବରିଷ୍ଠ ଆଇନଜୀବୀ ଭବାନୀ ଶଙ୍କର ମିଶ୍ରଙ୍କର ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୭୫ ବର୍ଷ ବୟସ ହୋଇଥିଲା। ଗତ ଜୁନ ୨୪ ତାରିଖରେ ଆଷାଢ଼ ମାସ କଷ୍ଣ ପକ୍ଷ ପବିତ୍ର ଖଳିଲାଗି ଏକାଦଶୀ ତିଥି ଅବସରରେ ତାଙ୍କର ଦେହାନ୍ତ ଘଟିଛି। କଟକ ସହରର କନିକା ଛକ ନିବାସୀ ସ୍ୱର୍ଗତ ମିଶ୍ର ଦୀର୍ଘ ୪୭ ବର୍ଷ ଧରି ଆଇନ୍ ପେଶାରେ ସକ୍ରିୟ ରହିଆସିଥିଲେ। ସେ ଜଣେ ଦକ୍ଷ, ନିଷ୍ଠାପର, ପରୋପକାରୀ ଓ ଦରଦୀ ମଣିଷ ଥିଲେ। ୧୯୪୬ ମସିହା ଅଗଷ୍ଟ ୧୯ ତାରିଖ ଦିନ ପୁରୀ ଜିଲ୍ଲାର ସାକ୍ଷୀଗୋପାଳଠାରେ ସ୍ୱର୍ଗତ ପୂର୍ଣ୍ଣଚନ୍ଦ୍ର ମିଶ୍ର ଓ ଲକ୍ଷ୍ମୀ ଦେବୀଙ୍କ ଔରସରୁ ସେ ଜନ୍ମ ଗ୍ରହଣ କରିଥିଲେ। ସତ୍ୟବାଦୀ ହାଇସ୍କୁଲରୁ ବିଦ୍ୟାଳୟ ଶିକ୍ଷା ସମାପ୍ତ କରିବା ପରେ ଶ୍ରୀ ମିଶ୍ର ରେଭେନ୍ସା କଲେଜରୁ ବି.ଏ ଏବଂ ମଧୁସୂଦନ ଆଇନ୍ ମହାବିଦ୍ୟାଳୟରୁ ଆଇନ୍‌ରେ ଡିଗ୍ରୀ ହାସଲ କରିଥିଲେ। ସେ କିଛି ଦିନ ହେଲା ଅସୁସ୍ଥ ଥିଲେ। ସ୍ୱାସ୍ଥ୍ୟରେ ଅଧିକ ଅବନତି ଘଟିବାରୁ ତାଙ୍କୁ ବେଙ୍ଗାଲୁରୁ ନିଆଯାଇ ସେଠିକାର ମଣିପାଲ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ନିଧନ ଘଟିଲା। ତାଙ୍କର ବିୟୋଗରେ କଟକର ଓକିଲ ସମ୍ପ୍ରଦାୟ ମହଲରେ ଗଭୀର ଶୋକର ଛାୟା ଖେଳିଯାଇଛି। ସ୍ୱର୍ଗତ ମିଶ୍ର, ତାଙ୍କର ପତ୍ନୀ କାନନବାଳା ମିଶ୍ର ଏବଂ ଚାରିଝିଅ ଓ ଜାମାତା ଯଥା ଦୁର୍ଗେଶ ନନ୍ଦିନୀ ମିଶ୍ର ଓ ଜୀବନ ପାଣିଗ୍ରାହୀ, ପ୍ରିୟଦର୍ଶିନୀ ମିଶ୍ର ଓ ରଶ୍ମି ପଣ୍ଡା, ପ୍ରିୟଙ୍କା ମିଶ୍ର ଓ ବିକାଶ ମିଶ୍ର ଏବଂ ଶ୍ରୀ ମିଶ୍ର ଓ ସିଦ୍ଧାର୍ଥ ରଥଙ୍କୁ ଶୋକ ସାଗରରେ ଭସାଇ ଦେଇ ଇହଧାମ ତ୍ୟାଗ କରିଛନ୍ତି।

## ଧର୍ମଶାଳା ବ୍ଲକରେ ଯୁଗ୍ମ ଜନ ଶୁଣାଣି ଶିବିର ଅନୁଷ୍ଠିତ

ଧର୍ମଶାଳା, (ପି.ଏନ): ଧର୍ମଶାଳା ବ୍ଲକ କାର୍ଯ୍ୟାଳୟ ପରିସରରେ ଯୁଗ୍ମ ଜନ ଶୁଣାଣୀ ଶିବିର ଆଜ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଯାଜପୁର ଜିଲ୍ଲାପାଳ ଚକ୍ରବର୍ତି ସିଂ ରାଠୋର ଅଧ୍ୟକ୍ଷତା କରିବା ସହ ଶିବିରକୁ ଆସୁଥିବା ଅଭିଯୋଗକାରୀଙ୍କର ସମସ୍ୟାର ସମାଧାନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ପରାମର୍ଶ ଦେଇଥିଲେ । ପ୍ରଶାସନକୁ ଲୋକାଭିମୁଖୀ କରିବା ସହ ଆଇନର ପରିସରରେ ସାଧାରଣ ଲୋକଙ୍କର ସମସ୍ୟାର ସମାଧାନ ସଂପନ୍ନ କରିବା ହେଉଛି । ଅଭିଯୋଗ ଶୁଣାଣି ଶିବିରର ଆଭିମୁଖ୍ୟ । ତେଣୁ ପ୍ରତ୍ୟେକ ଦାୟିତ୍ୱର ସହ ଏହାକୁ ନିର୍ବାହ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ । ଆବାସ ଯୋଜନା , ଭତା ପ୍ରଦାନ , ଚିକିତ୍ସା ସହାୟକ, ଜମିଜମା ସମ୍ବନ୍ଧୀୟ ଇତ୍ୟାଦି ସଂପର୍କରେ ଏହି ଅଭିଯୋଗ ଗୁଡିକ ପଞ୍ଜିକୃତ ହୋଇଥିଲା । ଏହି ଶୁଣାଣି ରେ ମୋଟ ୧୮୫ ଗୋଟି ଅଭିଯୋଗ ମଧ୍ୟରୁ ୧୭୮ ଗୋଟି ବ୍ୟକ୍ତିଗତ , ୭ ଗୋଟି ସାମୁହିକ, ୮ ଗୋଟି ରେଡକ୍ରସ,ସହାୟତା ପାଇଁ ଓ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ସହାୟତା ପାଇଁ ୧୦ ଗୋଟି ଆବେଦନ ପତ୍ର ମିଳିଥିଲା । ତନ୍ମଧ୍ୟରୁ ୧୦୫ ଗୋଟି ଆବେଦନର ତତ୍କାଳ ସମାଧାନ କରା ଯାଇଥିଲା । ଅବଶିଷ୍ଟ ଅଭିଯୋଗ ଗୁଡିକ ସମାଧାନ ପାଇଁ ସମ୍ପୃକ୍ତ ଅଧିକାରୀ ମାନଙ୍କ ନିକଟକୁ ପଠାଇବା ନିମନ୍ତେ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଏହି ଜନ ଶୁଣାଣୀ ଶିବିରରେ ଆରକ୍ଷୀ ଅଧିକ୍ଷକ ରାହୁଲ ପି.ଆର., ପ୍ରକଳ୍ପ ନିର୍ଦ୍ଦେଶକ ଅଶୋକ କୁମାର ବେହୁରିଆ , ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ ) ଅକ୍ଷୟ କୁମାର ମଲ୍ଲିକ , ଧର୍ମଶାଳା ବି.ଡି.ଓ. ଅରବିନ୍ଦ ବେହେରା,ଜିଲ୍ଲା ଅଭିଯୋଗ ପ୍ରକୋଷ୍ଠ ଅଧିକାରୀ ତିଳୋତମା ପୃଷ୍ଟି , ଧର୍ମଶାଳା ତହସିଲଦାର ସ୍ୱାଗତ ଦାସ , ଜିଲ୍ଲା ସଂସ୍କୃତି ଅଧିକାରୀ ଦୁର୍ଯ୍ୟୋଧନ ମଲିକ, ଡିଏସଏସଓ ଆର. ଏନ ବେହେରା, ଜିଲ୍ଲା ସମାଜ ମଙ୍ଗଳ ଅଧରକାରୀ ବୁଦ୍ଧଦେବ ପଣ୍ଡା, ଜିଲ୍ଲା ଯୋଗାଣ ଅଧିକାରୀ ଏକ ଖାଁ ,ଜିଲ୍ଲା ଶିକ୍ଷାଅଧିକାରୀ ରଞ୍ଜନ କୁମାର ଗିରି , ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସରୋଜ କୁମାର ଶତପଥୀ,ଧର୍ମଶାଳା ପଶୁ ଡାକ୍ତର ରଂଜନ କୁମାର ସେଠୀ ସମେତ ଜିଲ୍ଲା ସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)
NURSERY (3+)
LKG, UKG, STD-I TO V



FIND THE DIFFERENCE
- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities

TUITION CLASSES
for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray